# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୧/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, April 21/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୧୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 146 | ମୂଲ୍ୟ ₹୭/-


ଆଜିର ସମ୍ପାଦକୀୟ ଭାଷା ଭେଳିକି



ଜମ୍ମୁ-କଶ୍ମୀରର ରାମବନ ଜିଲାରେ ରବିବାର ବାଦଲଫଟା ବର୍ଷା ଯୋଗୁ ଭୂସ୍ଖଳନ ପରେ ଗାଡ଼ିଗୁଡ଼ିକ ଫସିରହିଛି।

# ଖୁଣ୍ଟରେ ବାନ୍ଧି ପିଟିଲେ, ପରିସ୍ରା ପିଆଇଲେ

## ୨ ନାବାଳକ ଆକ୍ରମଣର ଶିକାର

ମେଳା ବୁଲିବାକୁ ଆସିଥିଲେ, ମାତ୍ର ଆକ୍ରମଣର ଶିକାର ହେଲେ। ଶନିବାର ରାତିରେ ଜମାଣ ଉତ୍ସବରେ ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଥିବାବେଳେ କୌଣସି କଥାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପରେ ଗଣ୍ଡଗୋଳକାରୀ ଯୁବକମାନେ ଖସି ପଳାଇଥିବାବେଳେ ଅନ୍ୟ ୨ଜଣ ନିରୀହ ନାବାଳକଙ୍କୁ କେତେଜଣ ଯୁବକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଲୁହାରଡ୍‌ରେ ନିସ୍ତୁକ ମାଡ଼ ମାରିବା ସହ ସିଗାରେଟ ଚେଙ୍କ ଦେଲେ। ପରେ ପରିସ୍ରା ମଧ ପିଆଇବାକୁ ପଛାଇଲେ ନାହିଁ। ଏଭଳି ଅମାନବୀୟ ଘଟଣା ଘଟିଛି ପୁରୀ ଜିଲା ବଳଙ୍ଗା ଥାନା କୋଟକୁସାଙ୍ଗ ଗ୍ରାମରେ। ମାଡ଼ ମାରିଥିବା ଯୁବକମାନଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୀଡ଼ିତଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ଅପରପକ୍ଷରେ ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ବଳଙ୍ଗା/ପିପିଲି,୨୦।୪
(କେଦାରେଶ୍ୱର ନନ୍ଦ/ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ କୋଟକୁସାଙ୍ଗ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଥିଲା। ଶୋଭାଯାତ୍ରା ସମୟରେ ବଳଙ୍ଗା ପ୍ରଧାନସାହି ଓ କୋଟକୁସାଙ୍ଗ ବେହେରା ସାହିର କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ କୋଟକୁସାଙ୍ଗ ଗ୍ରାମର ୨ଜଣ ଗୁରୁତର ହୋଇଥିଲେ। ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସମସ୍ତେ ପଳାଇଥିଲେ ଏବଂ ପୋଲିସ ପ୍ରଧାନସାହିର ଜଣଙ୍କୁ ଉଠାଇ ଆଣିଥିଲା। ପରେ ବଳଙ୍ଗା ବିରାଟ ସାହିରୁ ୨ଜଣ ନାବାଳକ ଜମାଣ ଦେଖିବା ପାଇଁ ଯାଇଥିବାବେଳେ ସେମାନଙ୍କୁ ବଳଙ୍ଗା ପ୍ରଧାନସାହି ପିଲା ଭାବି କୋଟକୁସାଙ୍ଗ ବେହେରା ସାହିର ଲୋକମାନେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଲୁହା ରଡ୍‌ରେ ବାଡ଼େଇବା ସହ ଗାଳିଗୁଲଜ କରିଥିଲେ। ଏଥିସହ ସେମାନଙ୍କ ଦେହରେ ସିଗାରେଟ୍ ଚେଙ୍କ ଦେଇଥିଲେ। ମାଡ଼ରେ ଲହୁଲୁହାଣ ହୋଇ ଜୀବନ ବିକଳରେ ୨ ନାବାଳକ ପାଣି ମାଗିଥିଲେ। ହେଲେ ସେମାନଙ୍କୁ ପାଣି ଦେବା ପରିବର୍ତ୍ତେ ପରିସ୍ରା ପିଆଇ ଦେଇଥିଲେ। କୌଶଳକ୍ରମେ ନାବାଳକଦ୍ୱୟ ସେଠାରୁ ଖସି ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ବିରାଟ ସାହିର କେତେଜଣ ଲୋକ ଏବଂ ନାବାଳଙ୍କ ପରିବାର ଥାନାକୁ ଆସି ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି କୋଟକୁସାଙ୍ଗର ଆଉ ୨ଜଣଙ୍କୁ ଉଠାଇ ଆଣି ବଳଙ୍ଗା ଥାନାକୁ ଆଣିଥିଲେ। ଏନେଇ ବଳଙ୍ଗା ଥାନାରେ ନଂ. ୮୨/୨୦୨୫ରେ ଏକ ମାମଲା ରୁଜୁ ହୋଇ ସମ୍ପୃକ୍ତ ୩ଯୁବକଙ୍କୁ ଗିରଫ କରାଯାଇଛି, ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।

# ୭ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

## ଅଭିଯୁକ୍ତ ଗିରଫ

ଢେଙ୍କାନାଳ,୨୦।୪
(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଏକ ଲଜ୍ଜାଜନକ ଘଟଣା ଘଟିଯାଇଛି। ଅନୁସୂଚିତ ଜନଜାତି ବର୍ଗର ଜଣେ ୭ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ଯୁବକ ବଳାତ୍କାର କରିଥିଲେ। ପରେ ଶିଶୁ କନ୍ୟାଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଏକ ତାଳବରଡ଼ା ତଳେ ପକାଇ ଫେରାର ହୋଇଯାଇଥିଲେ। ରବିବାର ଅପରାହ୍ନରେ ପୋଲିସ ଅଭିଯୁକ୍ତ ଶିବ ସାହୁ(୩୨)ଙ୍କୁ ଗିରଫ କରିଛି। ଘଟଣାରୁ ଜଣାପଡ଼ିଛି ଯେ, ତାଳ ଗୋଟାଇବା ପାଇଁ ୭ ବର୍ଷର ଶିଶୁ କନ୍ୟାଟି ନିଜର ୯ ବର୍ଷର ଭାଇ ସହିତ ଯାଇଥିଲେ। ଶିଶୁ କନ୍ୟାଟି ବାଟରେ ଛିଡ଼ା ହୋଇଥିବାବେଳେ ବଡ଼ଭାଇ ତାଳ ଗୋଟାଉଥିଲେ। ଏହି ସମୟରେ ଅଭିଯୁକ୍ତ ଶିବ ଶିଶୁକନ୍ୟାଙ୍କୁ ଉଠାଇନେଇ ଏକ ଗଛମୂଳରେ ବଳାତ୍କାର କରିଥିଲେ। ଗୁରୁତର ଅବସ୍ଥାରେ ଶିଶୁକନ୍ୟାଙ୍କୁ ତାଳବରଡା ତଳେ ପକାଇଦେଇ ପଳାଇଥିଲେ। ଶିଶୁକନ୍ୟାଟି କାନ୍ଦିବାରୁ ବଡ଼ଭାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଘରକୁ ଆଣି ମା'ଙ୍କୁ ସବୁ ବିଷୟ ଜଣାଇଥିଲେ । ପରିବାର ଲୋକ ଶିଶୁକନ୍ୟାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ରବିବାର ସକାଳେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରାହ୍ନରେ ଘଟଣାର ଅଭିଯୁକ୍ତ ତଥା ମୋଟଙ୍ଗା ଥାନା ବଦାଳୋ ଗ୍ରାମର ଶିବଙ୍କୁ ପୋଲିସ ଗିରଫ କରିଥିଲା ।

# ଫ୍ରାନ୍ସରୁ ୨୬ ରାଫାଲ ଜେଟ୍ କିଣିବ ଭାରତ

## ୨୮ରେ ହେବ ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ,୨୦।୪

ଭାରତୀୟ ନୌସେନା ପାଇଁ ନୂଆଦିଲ୍ଲୀ ଫ୍ରାନ୍ସରୁ ୨୬ଟି ରାଫାଲ ମେରାଇନ୍ ଏୟାରକ୍ରାଫ୍ଟ କିଣିବାକୁ ଯାଉଛି। ଏଥିପାଇଁ ଆସନ୍ତା ୨୮ ତାରିଖରେ ଉଭୟ ଦେଶ ୬୩,୦୦୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିପାରନ୍ତି। ଏହା ଦୁଇଦେଶ ମଧ୍ୟରେ ସବୁଠୁ ବଡ଼ ଡିଲ୍ ହେବାକୁ ଯାଉଛି। ସାଉଥ୍ ବ୍ଲକ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟାଳୟ ବାହାରେ ଚୁକ୍ତି ସ୍ୱାକ୍ଷର ବେଳେ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଏନ୍ ଲେକୋର୍ନୁଙ୍କ ସମେତ ଉଭୟ ଦେଶର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିପାଇଁ ସେବାଷ୍ଟିଏନ୍ ଆସନ୍ତା ରବିବାର ନୂଆଦିଲ୍ଲୀରେ ପହଞ୍ଚିବା ଆଶା କରାଯାଉଛି। ୨୬ ଯୁଦ୍ଧବିମାନ ମିଳିବା ପରେ ଭାରତୀୟ ସେନାରେ ମୋଟ ରାଫାଲ ଜେଟ୍ ସଂଖ୍ୟା ୬୨କୁ ବୃଦ୍ଧି ପାଇବ। କିଣାଯିବାକୁ ଥିବା ୨୬ ଜେଟ୍ ମଧ୍ୟରୁ ୨୨ଟି ସିଙ୍ଗଲ୍ ସିଟର ହୋଇଥିବାବେଳେ ୪ଟି ଟୁଇନ୍-ସିଟର ଜେଟ୍।

## ଆଜିର ମନ୍ତବ୍ୟ

"ଇଷ୍ଟର ଅସ୍ତ୍ରବିରତିକୁ ରୁଷିଆର ସମ୍ମାନ କେବଳ ଲୋକଦେଖାଣିଆ। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକତରଫା ଭାବେ ସାମୟିକ ଅସ୍ତ୍ରବିରତି ଘୋଷଣା କରିବା ପରେ ରାତି ସାରା ତାଙ୍କ ସେନା ଆକ୍ରମଣ ଜାରି ରଖିଥିଲା।
-ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf
Among Indian Universities Ranked by NIRF, Govt. of India
A++ Grade
Accredited by NAAC
Tier 1 NBA
Re-accredited by NBA All Engineering Programs for 6 Years

KIITEE 2025
PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024
World University Rankings
IET ACCREDITED PROGRAMME The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.




# ନିଶିକାନ୍ତ, ଦୀନେଶଙ୍କୁ ବହିଷ୍କାର କର: କଂଗ୍ରେସ

**ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଓ ଦୀନେଶ କୁମାର ସୁପ୍ରିମକୋର୍ଟଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ନିଜ ସହ ଶାସକ ଦଳ ପାଇଁ ମଧ ଅଡୁଆ ସ୍ଥିତି ସୃଷ୍ଟି କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏହାକୁ ଦଳର ନୁହେଁ, ବରଂ ସେମାନଙ୍କ ବ୍ୟକ୍ତିଗତ ମତ କହି ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ଏଥିସହ ଗଣତନ୍ତ୍ରର ଅବିଚ୍ଛେଦ୍ୟ ଅଙ୍ଗ ନ୍ୟାୟପାଳିକା ପ୍ରତି ଭାଜପାର ସମ୍ମାନ ରହିଥିବା ନଡ୍ଡା କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଭାଜପାର 'ଡ୍ୟାମେଜ୍ କଣ୍ଟ୍ରୋଲ' ନୀତିକୁ ଛଳନାତ୍ମକ ରାଜନୀତି ଭାବେ ଅଭିହିତ କରି ଦଳରୁ ନିଶିକାନ୍ତ ଓ ଦୀନେଶଙ୍କ ବହିଷ୍କାର ଦାବି କରିଛି। ଏହି ପ୍ରସଙ୍ଗ ଜାତୀୟ ରାଜନୀତିରେ ଉଷ୍ମତା ବଢ଼ାଇଛି।**

ନୂଆଦିଲ୍ଲୀ,୨୦।୪

ଲୋକ ସଭାରେ ଚତୁର୍ଥ ଥର ପାଇଁ ଭାଜପାରୁ ପ୍ରତିନିଧିତ୍ୱ କରୁଥିବା ନିଶିକାନ୍ତ ଦୁବେ ଶନିବାର ଏନେଇ ସୁପ୍ରିମକୋର୍ଟଙ୍କ କାର୍ଯ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ନକାରାତ୍ମକ ମନ୍ତବ୍ୟ ଦେଇଥିଲେ। ନିଶିକାନ୍ତ କହିଥିଲେ, ସର୍ବୋଚ୍ଚ ଅଦାଲତ ନିଜ ସୀମା ଲଂଘି ଆଇନ ପ୍ରଣୟନ ସମ୍ପର୍କିତ ସଂସଦୀୟ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ସୁପ୍ରିମକୋର୍ଟ ଯଦି ଆଇନ ତିଆରି କରିବେ ତେବେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକୁ ବନ୍ଦ କରି ଦିଆଯିବା ଉଚିତ। ଏପରି କି ସେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କୁ ମଧ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଦେଶରେ ଘଟୁଥିବା ସମସ୍ତ ଗୃହଯୁଦ୍ଧ ପାଇଁ ସିଜେଆଇ ଦାୟୀ। ଧର୍ମୀୟ ସଂଘର୍ଷକୁ ଉସୁକାଇବାରେ ସୁପ୍ରିମକୋର୍ଟଙ୍କ ଭୂମିକା ରହିଛି ବୋଲି ନିଶିକାନ୍ତ କହିଥିଲେ। ସେହିପରି ଉତ୍ତର ପ୍ରଦେଶର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ରାଜ୍ୟ ସଭାର ସଦସ୍ୟ ଥିବା ଦୀନେଶ ଶର୍ମା କହିଥିଲେ, ଡ. ବି.ଆର୍. ଆମ୍ବେଦକର ସମ୍ବିଧାନ ପ୍ରଣୟନ ବେଳେ ବ୍ୟବସ୍ଥାପିକା ଓ ନ୍ୟାୟପାଳିକାର ଅଧିକାରଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ। ପାର୍ଲାମେଣ୍ଟ କିମ୍ବା ରାଷ୍ଟ୍ରପତିଙ୍କୁ କେହି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଦୁଇ ଏମ୍‌ପିଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହେବା ପରେ କେନ୍ଦ୍ରମନ୍ତ୍ରୀ ତଥା ଦଳର ମୁଖ୍ୟ ନଡ୍ଡା କହିଛନ୍ତି, ଦୁହେଁ ଏପରି ବୟାନ ଦେବା ଅନୁଚିତ। ସେମାନଙ୍କ ମନ୍ତବ୍ୟ ସହ ଭାଜପାର କୌଣସି ସମ୍ପର୍କ ନାହିଁ। ଭାଜପା ନ୍ୟାୟପାଳିକାକୁ ସମ୍ମାନ ଦେଇଆସିଛି। ଏହା ଉପରେ କଂଗ୍ରେସ

## ସୁପ୍ରିମକୋର୍ଟଙ୍କୁ ଅଙ୍ଗୁଳି: ଭାଜପାକୁ ଅଡୁଆ



ନିଶିକାନ୍ତ ଦୁବେ



ଦୀନେଶ ଶର୍ମା

ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଏହି ଏମ୍‌ପିମାନେ ଅଭ୍ୟାସଗତ ଭାବେ ବିବାଦୀୟ ମନ୍ତବ୍ୟ ଦେଇଥାଆନ୍ତି। ଭାଜପାର ବିଦାୟୀ ଅଧ୍ୟକ୍ଷଙ୍କ ସ୍ପଷ୍ଟୀକରଣର କିଛି ମାନେ ନାହିଁ। ଏହା ହେଉଛି ଡ୍ୟାମେଜ୍ କଣ୍ଟ୍ରୋଲ, ଯାହାକୁ ନେଇ କେହି ନିର୍ବୋଧ ପାଲଟିବେ ନାହିଁ। ସମଗ୍ର ରାଜନୀତି ବିଜ୍ଞାନରୁ ଏହା ସମଗ୍ର ରାଜନୈତିକ ଛଳନା ବୋଲି ପ୍ରତିଫଳିତ ହେଉଛି। ଭାରତୀୟ ସମ୍ବିଧାନ ଉପରେ ଆକ୍ରମଣ ହେଉଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଏହାକୁ ସମର୍ଥନ କରୁଛି। ନିଶିକାନ୍ତ ଓ ଦୀନେଶଙ୍କୁ ନଡ୍ଡା କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି କି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସର ଅନ୍ୟ ଜଣେ ସାଧାରଣ ସମ୍ପାଦକ ମୁକୁଲ ୱାସ୍‌ନିକ ଏକ୍ସ'ରେ ଲେଖିଛନ୍ତି, ସୁପ୍ରିମକୋର୍ଟ ଓ ସିଜେଆଇଙ୍କ ବିରୋଧରେ ଖରାପ ମନ୍ତବ୍ୟ ଦେଇଥିବା ୨ ଏମ୍‌ପିଙ୍କୁ ଦଳରୁ ବହିଷ୍କାର କରିବା ହେଉଛି ସର୍ବନିମ୍ନ କାର୍ଯ୍ୟାନୁଷ୍ଠାନ, ଯାହାକି ଏଯାଏ ଶାସକ ଦଳ ନେଇନାହିଁ।

ଉଲ୍ଲେଯୋଗ୍ୟ, ନିକଟରେ ୱକ୍‌ଫ ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ୭୩ଟି ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ୱକ୍‌ଫ କାଉନ୍‌ସିଲ ଓ ବୋର୍ଡର ନିଯୁକ୍ତି ସମ୍ପର୍କିତ କ୍ଷମତା ଉପରେ ସ୍ଥଗିତାଦେଶ ଜାରିକରିଛନ୍ତି। ଏହା ପୂର୍ବରୁ ସର୍ବୋଚ୍ଚ ଅଦାଲତ ତାମିଲନାଡୁ ବିଧାନସଭାରେ ପାରିତ ବିଧେୟକଗୁଡ଼ିକୁ ପକାଇ ରଖିଥିବା ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ଭର୍ତ୍ସନା କରିଥିଲେ। ସେହିପରି ରାଜ୍ୟପାଳ ପଠାଇବାର ୩ ମାସ ଭିତରେ ବିଧେୟକଗୁଡ଼ିକ ଉପରେ ରାଷ୍ଟ୍ରପତି ନିଷ୍ପତ୍ତି ନେବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁଇ ପ୍ରସଙ୍ଗକୁ ଦେଖିଲେ ସଂସଦରେ ପାରିତ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ଆଇନ ଉପରେ ମଧ ସୁପ୍ରିମକୋର୍ଟଙ୍କ ଅଙ୍କୁଶ ଲଗାଇବା କ୍ଷମତା ରହିଥିବା ବୁଝି ହେଉଛି। ତେଣୁ ଭାଜପା ଏମ୍‌ପି ନିଶିକାନ୍ତ ଓ ଦୀନେଶ ଉପରୋକ୍ତ ମନ୍ତବ୍ୟ ଦେଇଥିବା ମନେକରାଯାଉଛି। ଇତିମଧ୍ୟରେ ୱକ୍‌ଫ ଆଇନ ବିରୋଧୀ ଆବେଦନକାରୀଙ୍କ ଜଣେ ଓକିଲ ଅନାସ ତନ୍‌ବୀର ନିଶିକାନ୍ତଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ପାଇଁ ଅନୁମତି ପ୍ରଦାନ କରିବାକୁ ଆର୍ଟର୍ନି ଜେନେରାଲ(ଏଜି) ଆର୍. ଭେଙ୍କଟରମଣୀଙ୍କ ନିକଟକୁ ପତ୍ର ଲେଖିଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କ କଟାମୁଣ୍ଡ ଧରି ଥାନାକୁ ଗଲେ ସ୍ୱାମୀ

ସିଲ୍‌ଚର,୨୦।୪

ଆସାମର ଚିରାଙ୍ଗ ଜିଲାରେ ଶନିବାର ସନ୍ଧ୍ୟାରେ ଜଣେ ୬୦ ବର୍ଷୀୟ ବ୍ୟକ୍ତି ତାଙ୍କ ଝିଅମାନଙ୍କ ସମ୍ମୁଖରେ ସ୍ତ୍ରୀଙ୍କ ମୁଣ୍ଡ କାଟ୍ କରିବା ସହ କଟାମୁଣ୍ଡ ନେଇ ବାଲ୍ଲାମଗୁରି ପୋଲିସ ପାଟ୍ରୋଲିଂ ପଏଣ୍ଟରେ ପହଞ୍ଚିଥିଲେ। ଅଭିଯୁକ୍ତ ହେଲେ ଚିରାଙ୍ଗ ଜିଲା ବିଜ୍‌ନି ଅନ୍ତର୍ଗତ ଉତ୍ତର ବାଲ୍ଲାମଗୁରି ଅଞ୍ଚଳର ବ୍ରିଟେଶ ହାଜୋଙ୍ଗ ଏବଂ ତାଙ୍କ ସ୍ତ୍ରୀଙ୍କ ନାମ ବୈଜୟନ୍ତୀ ହାଜୋଙ୍ଗ(୫୦)। ବ୍ରିଟେଶ ଅନେକ ସମୟରେ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିଲେ ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ତାଙ୍କୁ ଗିରଫ କରି ଜେରା କରୁଥିବାବେଳେ ହତ୍ୟାକାଣ୍ଡ ପଛର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇନାହିଁ।

### ଠାକ୍‌ରେ ଭ୍ରାତା ଏକାଠି ହେବା ଚର୍ଚ୍ଚାକୁ ସଞ୍ଜୟ ରାଉତଙ୍କ ଖଣ୍ଡନ

ମୁମ୍ବାଇ,୨୦।୪

ପରସ୍ପରଠାରୁ ଦୂରେଇ ଯାଇଥିବା ଉଦ୍ଧବ ଠାକ୍‌ରେ ଏବଂ ରାଜ୍ ଠାକ୍‌ରେ ଏକାଠି ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଶିବସେନା (ୟୁବିଟି) ଏମ୍‌ପି ସଞ୍ଜୟ ରାଉତ ଏହାକୁ ଖଣ୍ଡନ କରିଛନ୍ତି। ୨ ଭାଇଙ୍କ ମଧ୍ୟରେ କେବଳ ଏକ ଭାବନାତ୍ମକ କଥାବାର୍ତ୍ତା ହୋଇଛି, ମେଣ୍ଟକୁ ନେଇ କୌଣସି ଆଲୋଚନା ହୋଇନାହିଁ ବୋଲି ସଞ୍ଜୟ ଗଣମାଧ୍ୟମକୁ ସ୍ପଷ୍ଟ କରିଦେଇଛନ୍ତି। ତେବେ ଦୁଇ ନେତା ରାଜନୈତିକ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ସମ୍ଭାବନାକୁ ସେ ସମ୍ପୂର୍ଣ୍ଣ ଏଡ଼ାଇଯାଇ ନାହାନ୍ତି। ଭବିଷ୍ୟତ ମେଣ୍ଟ ଆଲୋଚନା ଦାୟିତ୍ୱ ସେ ଦୁଇ ଭାଇଙ୍କ ଉପରେ ଛାଡ଼ିଛନ୍ତି। ସୂଚନାଯୋଗ୍ୟ, ହିନ୍ଦୀ ବାଧ୍ୟତାମୂଳକ ଭାଷାକୁ ନେଇ ମହାରାଷ୍ଟ୍ରରେ ବିବାଦ ଦେଖାଦେଇଥିବାବେଳେ ରାଜ୍ୟର ସ୍ୱାର୍ଥ ପାଇଁ ବ୍ୟକ୍ତିଗତ ବିବାଦକୁ ଭୁଲିଯିବା ଆବଶ୍ୟକ ବୋଲି ଉଦ୍ଧବ ଓ ରାଜ୍ ଶନିବାର କହିଥିଲେ।

### ପାକିସ୍ତାନରେ ହିନ୍ଦୁ ମନ୍ତ୍ରୀଙ୍କୁ ଆକ୍ରମଣ



ଖିଲ୍ ଦାସ୍ କୋହିସ୍ତାନୀ

ଇସ୍‌ଲାମାବାଦ, ୨୦।୪

ପାକିସ୍ତାନର ସିନ୍ଧ ରାଜ୍ୟରେ ସରକାରଙ୍କ ଏକ ନୂତନ ଜଳସେଚନ କେନାଲ ପ୍ରକଳ୍ପକୁ ବିରୋଧ କରି ପ୍ରତିବାଦ କରୁଥିବା ବିକ୍ଷୋଭକାରୀମାନେ ରବିବାର ଦେଶର ଧାର୍ମିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଖିଲ୍ ଦାସ୍ କୋହିସ୍ତାନୀଙ୍କୁ ଆକ୍ରମଣ କରିଛନ୍ତି। କୋହିସ୍ତାନୀ ହିନ୍ଦୁ ସମୁଦାୟର ହୋଇଥିବା ବେଳେ ସେ ପାକିସ୍ତାନ ମୁସଲିମ ଲିଗ୍-ନୱାଜ (ପିଏମଏଲ୍-ଏନ୍)ର ବରିଷ୍ଠ ନେତା ଭାବେ ସିନ୍ଧ ରାଜ୍ୟରେ ଜଣାଶୁଣା। ରବିବାର କୋହିସ୍ତାନୀ ଏକ ସରକାରୀ କାର୍ଯ୍ୟକ୍ରମ ପାଇଁ ଥଟ୍ଟା ଜିଲାରେ ଯାଉଥିବାବେଳେ ପ୍ରଦର୍ଶନକାରୀମାନେ ତାଙ୍କ ଗାଡ଼ି ଉପରେ ଟମାଟୋ ଏବଂ ଆଳୁ ମାଡ଼ କରିବା ସହ ପାକିସ୍ତାନ ବିରୋଧୀ ସ୍ଲୋଗାନ୍ ଦେଇଥିଲେ। ତେବେ ଏହି ଆକ୍ରମଣରେ କୋହିସ୍ତାନୀଙ୍କୁ କୌଣସି କ୍ଷତି ପହଞ୍ଚି ନ ଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

# ହସ୍ପିଟାଲରେ ବରିଷ୍ଠ ନାଗରିକଙ୍କୁ ଘୋଷାରିନେଲେ

ଛତରପୁର, ୨୦।୪

ମଧ୍ୟପ୍ରଦେଶର ଛତରପୁର ଜିଲା ଚିକିତ୍ସାଳୟରେ ଜଣେ ୭୦ ବର୍ଷୀୟ ବରିଷ୍ଠ ନାଗରିକ ଉଦ୍ଧବ ସିଂଙ୍କୁ ୨ ଜଣ ବ୍ୟକ୍ତି ଘୋଷାରି ନେଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ନୌଗାଓଁ ନିବାସୀ ଉଦ୍ଧବ ଗତ ୧୭ରେ ସ୍ତ୍ରୀଙ୍କ ମେଡିକାଲ ଚେକ୍‌ଅପ୍ ପାଇଁ ହସ୍ପିଟାଲ ଆସିଥିଲେ। ଲମ୍ବା ସମୟ ଧରି ଠିଆ ହେବା ପରେ ତାଙ୍କୁ ହସ୍ପିଟାଲର ଡାକ୍ତର ରାଜେଶ ମିଶ୍ରା ଗୋଇଠା ଏବଂ ଚାପୁଡ଼ା ମାରିଥିବା ସେ ଅଭିଯୋଗ ଆଣିଛନ୍ତି। ତେବେ ଉଦ୍ଧବଙ୍କ ଅଭିଯୋଗକୁ ଡାକ୍ତର ରାଜେଶ ଖଣ୍ଡନ କରିଛନ୍ତି। ହସ୍ପିଟାଲର ସିଭିଲ ସର୍ଜନ ଜି. ଏଲ୍ ଅହିରୱାର କହିଛନ୍ତି, ଘଟଣାସ୍ଥଳରେ ରୋଗୀ ଏବଂ ତାଙ୍କ ପରିଜନଙ୍କ ଅତ୍ୟଧିକ ଭିଡ଼ ଥିବାବେଳେ ଉଦ୍ଧବ ଧାଡ଼ି ଭାଙ୍ଗିଥିଲେ। ତେବେ ଉଦ୍ଧାବ ହସ୍ପିଟାଲରେ ଘୋଷାଡ଼ି ନିଆଯାଉଥିବାର ଭିଡିଓ ଭାଇରାଲ ହେବା ପରେ ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରିଛି। ଘଟଣା ସମ୍ପର୍କରେ ଅଭିଯୁକ୍ତ ଡାକ୍ତର ରାଜେଶ ମିଶ୍ରା ଏବଂ ଅନ୍ୟ ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପୋଲିସ ନୋଟିସ ଜାରି କରିଛି।

# କଶ୍ମୀରରେ ବାଦଲଫଟା ବର୍ଷା

## ୩ ମୃତ, ଶତାଧିକ ଉଦ୍ଧାର

ଜମ୍ମୁ,୨୦।୪ (ପି.ଟି.)

ଜମ୍ମୁ-କଶ୍ମୀରର ରାମବନ ଜିଲାର ବିଭିନ୍ନ ଅଞ୍ଚଳରେ ରବିବାର ବାଦଲଫଟା ବର୍ଷାରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଅବରୋଧ ହୋଇଥିବାବେଳେ ଅଚାନକ ବନ୍ୟା ଆସି ୪୦ଟି ଘର ଭାଙ୍ଗିଯାଇଛି। ବର୍ଷାପାଣି ସୁଅ ଏତେ ପ୍ରଖର ଥିଲା ଯେ ବହୁସଂଖ୍ୟାରେ ଗାଡ଼ି ଭାସିଯାଇଛି। ଆହ୍ୱାନପୂର୍ଣ୍ଣ ସ୍ଥିତି ମଧ୍ୟରେ ପୋଲିସ କର୍ମଚାରୀମାନେ ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ନଶ୍ରୀ ଏବଂ ବେନିହାଲ ସେକ୍ସନ ମଧ୍ୟରେ ଏକାଧିକ ଭୂସ୍ଖଳନ ଓ ପଥର ଖସିବା ଯୋଗୁ ଗୁରୁତ୍ୱପୂର୍ଣ୍ଣ ରାଜପଥର ଉଭୟ ଦିଗରୁ ଗାଡ଼ି ଚଳାଚଳକୁ ବନ୍ଦ କରିଦିଆଯାଇଛି।

ରାମବନ ଜିଲାର ସେରି ବାଗ୍‌ନା ଗ୍ରାମରେ ପ୍ରବଳ ବର୍ଷାରେ ୨ ଭାଇଙ୍କ ସମେତ ୩ ଜଣ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ୨ ଦିନରେ ଜମ୍ମୁ ଅଞ୍ଚଳରେ ୫ ଜଣଙ୍କ ମୃତ୍ୟୁ ଘଟିଲାଣି। ବର୍ଷା ଜାରି ରହିଥିବାରୁ ଦୈନନ୍ଦିନ ଯାତ୍ରୀମାନଙ୍କୁ ପାଗ ପରିବର୍ତ୍ତନ ନ ହେବା ଏବଂ ରାସ୍ତା ସଫା ନ ହେବା ପର୍ଯ୍ୟନ୍ତ ଯାତାୟାତ ନ କରିବା ପଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।



ବର୍ଷାରେ ଭୂସ୍ଖଳନ ଯୋଗୁ ରାଜପଥରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି।

ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ, ଭୂସ୍ଖଳନ ଏବଂ କୁଆପଥର ବର୍ଷା ଲାଗିରହିଥିବାରୁ ସମଗ୍ର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସ୍ଥିତି ଉପରେ ନଜର ରଖାଯାଇଥିବାବେଳେ କ୍ଷୟକ୍ଷତି ଆକଳନ କରାଯାଇ ପ୍ରଭାବିତ ହୋଇଥିବା ଲୋକଙ୍କୁ ସହାୟତା ଯୋଗାଇ ଦିଆଯିବ। ଏବେ ଲୋକଙ୍କ ଜୀବନ ବଞ୍ଚାଇବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଥିବା ସେ କହିଛନ୍ତି। ବର୍ଷା ଓ ଭୂସ୍ଖଳନ ଯୋଗୁ ୨୫୦ କିଲୋମିଟ ରାଜପଥ ଅବରୋଧ ହୋଇଥିବାରୁ ଅନେକ ହଜାର ଯାତ୍ରୀ ଫସିରହିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସ୍ଥିତି ଆକଳନ ପାଇଁ ଜରୁରୀ ବୈଠକ ଡାକିଥିବାବେଳେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଯୋଗୁ ଅନେକଙ୍କ ଜୀବନ ବଞ୍ଚିଥିବାରୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଜିଲା ପ୍ରଶାସନକୁ ପ୍ରଶଂସା କରିଛନ୍ତି।

# ଆଜି ମୋଦି-ଭାନ୍ସ ଆଲୋଚନା

ନୂଆଦିଲ୍ଲୀ,୨୦।୪(ପି.ଟି.)

ଭାରତ ଗସ୍ତରେ ଆସିବାକୁ ଥିବା ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଓ ତାଙ୍କ ସ୍ତ୍ରୀ ତଥା ଭାରତୀୟ ବଂଶୋଦ୍ଭବ ସେକେଣ୍ଡ ଲେଡି ଉଷା ଭାନ୍ସଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସନ୍ଧ୍ୟାରେ ୭ ଲୋକକଲ୍ୟାଣ ମାର୍ଗ ବାସଭବନରେ ନୈଶଭୋଜିର ଆୟୋଜନ କରିଛନ୍ତି। ଏହା ପୂର୍ବରୁ ଆମେରିକା ନେତାଙ୍କ ସହ ମୋଦି ବାଣିଜ୍ୟ, ଟାରିଫ୍, ଆଞ୍ଚଳିକ ସୁରକ୍ଷା ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆନୁଷ୍ଠାନିକ ଆଲୋଚନା କରିବେ। ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ତୁରନ୍ତ ଚୂଡ଼ାନ୍ତ କରିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇପାରେ ବୋଲି ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଜଣାପଡ଼ିଛି।

ଭାନ୍ସ ଦମ୍ପତିଙ୍କ ସହ ସେମାନଙ୍କ ୩ ପିଲା ୪ ଦିନିଆ ଭାରତ ଗସ୍ତରେ ଆସି ସୋମବାର ପାଲାମ ଏୟାରବେସ୍‌ରେ ଅବତରଣ କରିବେ। ସେମାନଙ୍କ ସହ ପେଣ୍ଟାଗନ୍ ଏବଂ ପରରାଷ୍ଟ୍ର ବିଭାଗର ଅନ୍ୟୂନ ୫ ଜଣ ବରିଷ୍ଠ ଅଧିକାରୀ ଆସିପାରନ୍ତି ବୋଲି ଆଶା କରାଯାଉଛି। ଆଲୋଚନା ବେଳେ ମୋଦିଙ୍କ ସହ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ,



ସ୍ତ୍ରୀ ଉଷା ଭାନ୍ସଙ୍କ ସହ ଜେ.ଡି. ଭାନ୍ସ।

ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଏବଂ ଆମେରିକାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା ଉପସ୍ଥିତ ରହିବା ଆଶା କରାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସମେତ ୬୦ ଦେଶ ଉପରେ ଟାରିଫ ଲାଗୁ କରିବା ଓ ପରେ ସ୍ଥଗିତ ରଖିବାର କିଛି ସପ୍ତାହ ପରେ ଭାନ୍ସ ପ୍ରଥମ ଥର ଭାରତ ଗସ୍ତରେ ଆସୁଛନ୍ତି। ଟାରିଫ୍, ବଜାର ପ୍ରବେଶ ସମେତ ବିଭିନ୍ନ ପ୍ରସଙ୍ଗର ସମାଧାନ ପାଇଁ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବା ନିମନ୍ତେ ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ପକ୍ଷରୁ ଆଲୋଚନା ଜାରି ରହିଛି।

ଦିଲ୍ଲୀରେ ପହଞ୍ଚିବା ପରେ ଭାନ୍ସ ଓ ତାଙ୍କ ପରିବାର ସ୍ୱାମୀନାରାୟଣ ଅକ୍ଷରଧାମ ମନ୍ଦିର ଦର୍ଶନରେ ଯିବେ। ଏଥିସହିତ ପାରମ୍ପରିକ ଭାରତୀୟ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେଉଥିବା ଶପିଂ କମ୍ପ୍ଲେକ୍ସକୁ ମଧ ସେମାନେ ଯାଇପାରନ୍ତି। ଏଥିସହିତ ସେମାନେ ଜୟପୁର ଓ ଆଗ୍ରା ଯିବା କାର୍ଯ୍ୟକ୍ରମ ରହିଛି।

# ଅଟୋରିକ୍ସା ଚାଳକଙ୍କୁ ଗଣବଳାତ୍କାର

ଆଗ୍ରା, ୨୦।୪

ଉତ୍ତରପ୍ରଦେଶର ଆଗ୍ରାରେ ଜଣେ ୩୬ ବର୍ଷୀୟା ଅଟୋରିକ୍ସା ଚାଳକଙ୍କୁ ୨ ଜଣ ବ୍ୟକ୍ତି ଗଣବଳାତ୍କାର କରିଛନ୍ତି। ଉଭୟ ଅଭିଯୁକ୍ତ ନିଜକୁ ସେନା ଯବାନ ଭାବେ ପରିଚୟ ଦେଇ ପୀଡ଼ିତାଙ୍କ ଝିଅଙ୍କୁ ଏକ ସାମରିକ ବିଦ୍ୟାଳୟରେ ନାମଲେଖାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଓ ତାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ଗୁରୁବାର ଉଭୟ ଅଭିଯୁକ୍ତ ଗୁରୁବାର ତାଙ୍କୁ ଆଗ୍ରାର ଏକ ହୋଟେଲକୁ ଡକାଇଥିଲେ ବୋଲି ପୀଡ଼ିତା କହିଛନ୍ତି। ସେଠାରେ ବନ୍ଧୁକମୁନରେ ଉଭୟେ ତାଙ୍କୁ ବଳାତ୍କାର କରିଥିବା ପୀଡ଼ିତା କହିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୭୦ (୧) (ସାମୁହିକ ବଳାତ୍କାର) ଅନୁଯାୟୀ, ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ନେଇ ଆଗ୍ରା ଏସିପି ହେମନ୍ତ କୁମାର କହିଛନ୍ତି। ଉଭୟ ଅଭିଯୁକ୍ତ ଏବେ ଫେରାର ଅଛନ୍ତି। ପୋଲିସ ବିଭିନ୍ନ ଟିମ୍ କରି ଉଭୟଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛି।

# 'ବାଧ୍ୟତାମୂଳକ ହିନ୍ଦୀ'କୁ ମହାରାଷ୍ଟ୍ର ଭାଷା କମିଟିର ବିରୋଧ

ନୂଆଦିଲ୍ଲୀ,୨୦।୪ (ପି.ଟି.)

ଜାତୀୟ ଶିକ୍ଷାନୀତି ଅନୁଯାୟୀ ମହାରାଷ୍ଟ୍ରର ସମସ୍ତ ବୋର୍ଡ ସ୍କୁଲ୍‌ରେ ମରାଠୀ ଏବଂ ଇଂଲିଶ ସହ ହିନ୍ଦୀକୁ ପ୍ରଥମ ଶ୍ରେଣୀରୁ ତୃତୀୟ ଭାଷା ଭାବେ ବାଧ୍ୟତାମୂଳକ ପଢ଼ାଇବା ପାଇଁ ଦେବେନ୍ଦ୍ର ଫଡ଼ନବିସ୍ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ନେଇ ବିବାଦ ଦେଖାଦେଇଛି। ଶିବସେନା(ୟୁବିଟି), ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ସମେତ ବିପକ୍ଷ ଦଳଗୁଡ଼ିକ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି। ପ୍ରଥମ ଶ୍ରେଣୀରୁ ହିନ୍ଦୀକୁ ବାଧ୍ୟତାମୂଳକ କରିବା ନିଷ୍ପତ୍ତିକୁ ରବିବାର ମହାରାଷ୍ଟ୍ର ସରକାରଙ୍କ ଭାଷା ପରାମର୍ଶ କମିଟି ସର୍ବସମ୍ମତିକ୍ରମେ ବିରୋଧ କରିଛି। କମିଟିର ମୁଖ୍ୟ ଲକ୍ଷ୍ମୀକାନ୍ତ ଦେଶମୁଖ ମୁଖ୍ୟମନ୍ତ୍ରୀ ଫଡ଼ନବିସ୍‌ଙ୍କୁ ପତ୍ର ଲେଖି ତାଙ୍କ ସରକାରଙ୍କ ପୂର୍ବ ନିଷ୍ପତ୍ତି ରଦ୍ଦ କରିବା ପାଇଁ ନିବେଦନ କରିଛନ୍ତି।

ହିନ୍ଦୀକୁ ବାଧ୍ୟତାମୂଳକ ଭାଷା କରିବା ପାଇଁ ସ୍କୁଲ୍ ଶିକ୍ଷା ବିଭାଗ ଗତ ୧୬ ତାରିଖରେ ନିଷ୍ପତ୍ତି ନେଇଥିଲା ବୋଲି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି)ର ନିର୍ଦ୍ଦେଶକ ରାହୁଲ ଅଶୋକ ରେଖାୱାର କହିଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ସେ କହିଛନ୍ତି। ବିବାଦ ବଢ଼ିବା ପରେ ଫଡ଼ନବିସ କହିଛନ୍ତି, ମରାଠୀ ଭାଷା ମହାରାଷ୍ଟ୍ରରେ ବାଧ୍ୟତାମୂଳକ ହୋଇଥିବାରୁ ପ୍ରତ୍ୟେକ ଏହାକୁ ପଢ଼ିବା ଉଚିତ। ଯଦି ପିଲାମାନେ ଅନ୍ୟ ଭାଷା ପଢ଼ିବାକୁ ଚାହାନ୍ତି, ତେବେ ପଢ଼ିପାରିବେ। ହିନ୍ଦୀକୁ ବିରୋଧ ଏବଂ ଇଂଲିଶକୁ ପ୍ରୋତ୍ସାହନ ବଢ଼ିବା ଆଶ୍ଚର୍ଯ୍ୟଜନକ। ଯଦି କେହି ମରାଠୀକୁ ବିରୋଧ କରେ ତାହାକୁ ବରଦାସ୍ତ କରାଯିବନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଜେନ୍‌ସୋଲ୍ ଇଲେକ୍ଟ୍ରିକ୍ ବିରୋଧରେ ଏମ୍‌ସିଏ ତଦନ୍ତ ଆରମ୍ଭ

ନୂଆଦିଲ୍ଲୀ,୨୦।୪

ଜେନ୍‌ସୋଲ୍ ଇଲେକ୍ଟ୍ରିକ୍ ୯୭୫ କୋଟି ଟଙ୍କା ଋଣର ଦୁରୁପଯୋଗ କରିବା ସମେତ ଗମ୍ଭୀର ଆର୍ଥିକ ଅନିୟମିତତାରେ ସମ୍ପୃକ୍ତି ଅଭିଯୋଗ ମିଳିବା ପରେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ସିଏ) ନିଜଆଡୁ ତଦନ୍ତ ଆରମ୍ଭ କରିଛି। ଭାରତର ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଜେନ୍‌ସୋଲ୍ ପ୍ରମୋଟରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ପରେ ମନ୍ତ୍ରଣାଳୟ କମ୍ପାନୀର ରେଗୁଲେଟୋରି ଫାଇଲିଂ ଏବଂ ଆର୍ଥିକ କାରବାରର ରେକର୍ଡଗୁଡ଼ିକୁ ଯାଞ୍ଚ କରୁଛି। ସେବି ଜେନ୍‌ସୋଲ୍ ଇଲେକ୍ଟ୍ରିକ୍‌ର ପ୍ରମୋଟର ଅନମୋଲ ସିଂ ଜଗ୍ଗି ଏବଂ ପୁନୀତି ସିଂ ଜଗ୍ଗିଙ୍କୁ ଶେୟାର ବଜାରରୁ ବାଦ୍ ଦେଇଥିଲା। ଏଥିସହିତ ସେମାନେ କୌଣସି ତାଲିକାଭୁକ୍ତ କମ୍ପାନୀର ନିର୍ଦ୍ଦେଶକ କିମ୍ବା ମୁଖ୍ୟ ପରିଚାଳନା ପଦବୀରେ ରହିପାରିବେ ନାହିଁ ବୋଲି ସେବି କହିଥିଲା।

## ୯୭୫ କୋଟି ଟଙ୍କା ଇଭି ଋଣର ଦୁରୁପଯୋଗ

ଶେୟାର ମୂଲ୍ୟରେ ଜାଲିଆତି ଏବଂ ଋଣ ଜାଲିଆତି ଅଭିଯୋଗ ପାଇବା ପରେ ସେବି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ବିଦ୍ୟୁତ୍‌ଚାଳିତ ଯାନ (ଇଭି) କିଣିବା ପାଇଁ ଜେନ୍‌ସୋଲ ଇଣ୍ଡିଆନ୍ ରିନ୍ୟୁଏବ୍ଲ ଏନର୍ଜି ଡେଭେଲପ୍‌ମେଣ୍ଟ ଏଜେନ୍ସି (ଆଇଆର୍‌ଇଡିଏ) ଏବଂ ପାୱାର ଫାଇନାନ୍ସ କର୍ପୋରେଶନ (ପିଏଫ୍‌ସି) ଭଳି ସଂସ୍ଥାରୁ ୯୭୫ କୋଟି ଟଙ୍କା ଋଣ ନେଇ ସେଥିରୁ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରମୋଟରମାନଙ୍କ ଅନ୍ୟ ସଂସ୍ଥାକୁ ଟ୍ରାନ୍ସଫର କରିବା ସହ ଅନ୍ୟ ଅର୍ଥରେ ମୂଲ୍ୟବାନ ରିୟଲ ଇଷ୍ଟେଟ ଓ ଅନ୍ୟାନ୍ୟ ବ୍ୟକ୍ତିଗତ କ୍ରୟରେ ବିନିଯୋଗ ହୋଇଥିବା ସେବି ଜାଣିବାକୁ ପାଇଥିଲା।

## ଫୁର୍‌ସତ



ରାଜକୁମାର ରାଓ

# ଉଜ୍ଜ୍ୱଲ ନିକମଙ୍କ ଭୂମିକାରେ ରାଜକୁମାର

**ମୁମ୍ବାଇ:** ଫିଲ୍ମ ନିର୍ମାତା ଦୀନେଶ ଭିଜାନ ପ୍ରସିଦ୍ଧ ସରକାରୀ ଓକିଲ ଉଜ୍ଜ୍ୱଲ ନିକମଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ କରିବାକୁ ଯାଉଛନ୍ତି। ପୂର୍ବରୁ ଏହି ଫିଲ୍ମରେ ଅଭିନେତା ଆମିର ଖାନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏକ ନୂତନ ରିପୋର୍ଟ ଅନୁଯାୟୀ, ଉଜ୍ଜ୍ୱଲ ନିକମଙ୍କ ବାୟୋପିକ୍‌ରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଆମିର ଅଗ୍ରାହ୍ୟ ପ୍ରକାଶ କରିଛନ୍ତି। ତେଣୁ ଏହି ଫିଲ୍ମର ମୁଖ୍ୟ ଅଭିନେତା ଚରିତ୍ର ପାଇଁ ଦୀନେଶଙ୍କ ପକ୍ଷରୁ ଅଭିନେତା ରାଜକୁମାର ରାଓଙ୍କୁ ଅଫର ଦିଆଯାଇଛି। ଏନେଇ ରାଜକୁମାର ଏବଂ ଦୀନେଶଙ୍କ ମଧ୍ୟରେ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଦୀନେଶଙ୍କ ଅଫରକୁ ରାଜକୁମାର ସକାରାତ୍ମକ ଭାବେ ଗ୍ରହଣ କରିଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ସମ୍ପ୍ରତି ରାଜକୁମାର ଫିଲ୍ମ ନିର୍ମାତା ବିକ୍ରମାଦିତ୍ୟ ମୋଟ୍‌ୱାନୀଙ୍କ ଏକ ଫିଲ୍ମର ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ତେଣୁ ଦୀନେଶ ତାଙ୍କ ଫିଲ୍ମର ଶୁଟିଂ ଡେଟ୍ ସମ୍ପର୍କରେ ରାଜକୁମାରଙ୍କ ସହ ଶେଷ ପର୍ଯ୍ୟାୟ ଆଲୋଚନା କରୁଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ଦେଶର ଜଣେ ପ୍ରସିଦ୍ଧ ସରକାରୀ ଓକିଲ ଭାବେ ଉଜ୍ଜ୍ୱଲ ନିକମ ଜଣାଶୁଣା। ୧୯୯୩ ବମ୍ବେ ବିସ୍ଫୋରଣ, ୨୬/୧୧ ମୁମ୍ବାଇ ଆକ୍ରମଣ, ପ୍ରମୋଦ ମହାଜନ ହତ୍ୟାକାଣ୍ଡ ଆଦି ଅନେକ ହାଇପ୍ରୋଫାଇଲ ମାମଲାରେ ସେ କୋର୍ଟରେ ସରକାରଙ୍କ ପକ୍ଷ ରଖିଥିଲେ। ୨୦୧୬ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ।

# ସ୍ୱଚ୍ଛ, ନାଗରିକକୈନ୍ଦ୍ରିକ ଶାସନକୁ ଗୁରୁତ୍ୱ

## ଜାତୀୟ ନାଗରିକ ସେବା ଦିବସ



ଭାରତରେ ପ୍ରତିବର୍ଷ ୨୧ ଏପ୍ରିଲରେ ପାଳନ କରାଯାଏ ଜାତୀୟ ନାଗରିକ ସେବା ଦିବସ, ଯାହା ଦେଶର ନାଗରିକ ସେବାରେ ନିୟୋଜିତ ଅଧିକାରୀଙ୍କ ନିଷ୍ଠା, ପ୍ରତିବଦ୍ଧତା ଏବଂ ନିଷ୍ପକ୍ଷତାକୁ ସମ୍ମାନ ଜଣାଇଥାଏ। ୨୦୦୬ ମସିହାରେ ପ୍ରଥମେ ଏହି ଦିବସ ପାଳନ ହୋଇଥିଲା। କେନ୍ଦ୍ର ସରକାର ନାଗରିକ ସେବକଙ୍କୁ ସମ୍ମାନିତ କରିବା ଓ ସେମାନଙ୍କ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସେହିବର୍ଷ ଏହାକୁ ଏକ ବିଶେଷ ଦିବସ ଭାବେ ଘୋଷଣା କରିଥିଲେ। ଏହି ଦିବସ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଉତ୍ସର୍ଗୀକୃତ, ଯିଏ ଭାରତୀୟ ନାଗରିକ ସେବାର ମୂଳଦୁଆ ପକାଇଥିଲେ। ଚଳିତବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ନବସୃଜନ, ସ୍ୱଚ୍ଛ ଏବଂ ନାଗରିକକୈନ୍ଦ୍ରିକ ଶାସନ'।

# ଆଜି ୫ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

ପୁରୀ,୨୦।୪(ଅଜିତ କୁମାର ମହାନ୍ତି)

## ପଇତାଲାଗି ନୀତି ହେବ

ବୈଶାଖ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ପାଇଁ ଏହି ନୀତି ସମ୍ପାଦନ କରାଯାଏ। ଏହା ଏକ ଗୁପ୍ତନୀତି। ତେଣୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଏ। ସୋମବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପଇତାଲାଗି ନୀତି ସମ୍ପାଦନ ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ପରମ୍ପରା ଅନୁଯାୟୀ, ପାଟରା ବିଶୋଇମାନେ ପ୍ରସ୍ତୁତ କରିଥିବା ପଇତାକୁ ରବିବାର ଦେଉଳକରଣଙ୍କୁ ହସ୍ତାନ୍ତର କରିଛନ୍ତି। ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ପଇତାଲାଗି ନୀତି ହେବ। ପାଟଡୋରିରେ ନିର୍ମିତ ଜାଲିଯୁକ୍ତ ବସ୍ତ୍ରକୁ ମହାପ୍ରଭୁଙ୍କୁ ଲାଗି କରାଯିବ, ଯାହାକୁ ପଇତାଲାଗି ବୋଲି କୁହାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ବର୍ଷକରେ ଦୁଇଥର ଅର୍ଥାତ୍ ଚନ୍ଦନଯାତ୍ରା ଓ ଘୋଡ଼ଲାଗି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଦଇତାପତି ସେବାୟତମାନେ ଏହି ନୀତି ସମ୍ପାଦନ କରିଥାନ୍ତି। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତାଲାଗି, ରାମାଭିଷେକ ଓ ବନକଲାଗି ଆଦି ବିଶେଷ ନୀତି ସମ୍ପାଦନ ହେବାକୁ ଥିବାରୁ ଚଳିତ ମାସ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ୪ଦିନ ପାଇଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଗଛ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ...



ସୁସ୍ଥ ପରିବେଶ ସୃଷ୍ଟି ପାଇଁ ଅନୁଗୋଳ ଜିଲାର ଚିନ୍ମୟୀ ଦାସ ନିଜକୁ ଗଛ ରୂପରେ ସଜେଇ ହୋଇ ଭୁବନେଶ୍ୱର ସଚିବାଳୟ ମାର୍ଗରେ ପଥଚାରୀଙ୍କୁ ଅଭିନବ ଭାବେ ସଚେତନ କରୁଛନ୍ତି। ଏଥିସହ 'ଆମକୁ ଆମ ପରିବେଶ ଫେରାଇ ଦିଅ'ର ଆହ୍ୱାନକୁ ନେଇ ନିଆରା ମଡେଲ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ଫେରିଲା ତାତି, ଅତିଷ୍ଠ କଲା ଗୁଳୁଗୁଳି

ଭୁବନେଶ୍ୱର,୨୦।୪(ଅନୁରାଧା ମହାରଣା)

## ୪୩.୫ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ

କାଳବୈଶାଖୀଜନିତ ବର୍ଷା ପାଇଁ କିଛିଦିନ ହେବ ରାଜ୍ୟରେ ତାପମାତ୍ରା କମିଥିଲା। ଗରମ, ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତି ଅନୁଭବ କରୁଥିବାବେଳେ ଏବେ ପାରଦ ପୁଣି ଉପରମୁହାଁ ହୋଇଛି। ରବିବାର ହଠାତ୍ ୩ ଡିଗ୍ରୀରୁ ଅଧିକ ତାପମାତ୍ରା ବଢ଼ିଯିବା ସହ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରିପକାଇଛି। ଭାରତୀୟ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୪୩.୫ ଡିଗ୍ରୀ ସେଲ୍‌ସିୟସ୍ ସହ ଝାରସୁଗୁଡ଼ା ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ସେହିପରି ୧୧ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଛି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ତାପମାତ୍ରା ୩୭ ଡିଗ୍ରୀ ଅତିକ୍ରମ କରିଛି। ରାଜଧାନୀରେ ଶନିବାର ତୁଳନାରେ ତାପମାତ୍ରା ବୃଦ୍ଧି ଘଟିଥିବାବେଳେ ଦିନତମାମ ଆର୍ଦ୍ରତା ୬୦%ରୁ ଅଧିକ ରହିବାରୁ ଅତ୍ୟଧିକ ଗୁଳୁଗୁଳି ଅନୁଭୂତ ହୋଇଥିଲା। ତେବେ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୪ ଦିନ ଓଡ଼ିଶା ସମେତ ପୂର୍ବଭାରତର ରାଜ୍ୟଗୁଡିକରେ ଦିନ ତାପମାତ୍ରାରେ ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇପାରେ। ଅନ୍ୟପଟେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଥିବା ଜିଲାଗୁଡ଼ିକରେ ରବିବାର କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। ସୂଚନାଥାଉ କି, କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଚଳିତବର୍ଷ ପ୍ରାକ୍ ମୌସୁମୀ ଋତୁ ମାର୍ଚ୍ଚ ୧ରୁ ଏପ୍ରିଲ ୧୯ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ସ୍ୱାଭାବିକ ବର୍ଷା ୩୮.୯ ମିମିଠାରୁ ୫୫% ଅଧିକ ଅର୍ଥାତ୍ ୬୦.୫ ମିମି ବର୍ଷା ରେକର୍ଡ କରାଯାଇଛି।

# କର୍ମଯୋଗୀ ହେବାକୁ ଅନିଚ୍ଛୁକ

## ବହୁ କର୍ମଚାରୀ 'ଆଇଗଟ୍ କର୍ମଯୋଗୀ'ରେ ଯୋଡ଼ି ହୋଇନାହାନ୍ତି

ଭୁବନେଶ୍ୱର,୨୦।୪(ରବିନାରାୟଣ ଜେନା)

କର୍ମଚାରୀମାନଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ କର୍ମଯୋଗୀ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ କେତେକ ବିଭାଗର କର୍ମଚାରୀ ଏପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ବିକଶିତ 'ଆଇଗଟ୍ କର୍ମଯୋଗୀ ପ୍ଲାଟଫର୍ମ'ରେ ସାମିଲ ହୋଇନାହାନ୍ତି। ଏହାକୁ ନେଇ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଅସନ୍ତୋଷ ବ୍ୟକ୍ତ କରିବା ସହିତ ସବୁ ବିଭାଗ ମୁଖ୍ୟଙ୍କୁ 'ନୋଟିସ୍'ଜରିଆରେ ତ୍ୱରିତ୍ ପଦକ୍ଷେପ ନେବାକୁ ଦର୍ଶାଇଛନ୍ତି। ମୁଖ୍ୟସଚିବ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ନିକଟରେ ସଚିବସ୍ତରୀୟ ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଯେଉଁ ବିଭାଗଗୁଡ଼ିକ ୭୦ ପ୍ରତିଶତ କର୍ମଚାରୀଙ୍କ ପଞ୍ଜୀକରଣ କରିଛନ୍ତି ବା ତା'ଠାରୁ କମ୍ କରିଛନ୍ତି ସେମାନଙ୍କୁ ଶତପ୍ରତିଶତ ପଞ୍ଜୀକରଣ କରିବାକୁ ହେବ। ଏହାସହିତ 'କର୍ମଯୋଗୀ ପୋର୍ଟାଲ'ରେ ଯୋଡ଼ିହୋଇ କର୍ମଚାରୀମାନେ ସେମାନଙ୍କ ଦକ୍ଷତା ବିକାଶ ପ୍ରମାଣ ସହ ସରକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ହେଲେ ଅଧିକାଂଶ ବିଭାଗର କର୍ମଚାରୀ ଏପର୍ଯ୍ୟନ୍ତ ଏହି ପ୍ଲାଟ୍‌ଫର୍ମରେ ଯୋଡ଼ି ହୋଇ ନାହାନ୍ତି।

ମୁଖ୍ୟସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରୁ ଜଣାଯାଇଛି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସର୍ବାଧିକ କର୍ମଚାରୀ ଏହି ପ୍ଲାଟଫର୍ମରେ ଯୋଡ଼ି ହୋଇଛନ୍ତି। ସରକାରଙ୍କ ତଥ୍ୟ ଅନୁଯାୟୀ, ଗଣଶିକ୍ଷା ବିଭାଗରେ ୧ଲକ୍ଷ ୮୮ହଜାର ୮୬୨ କର୍ମଚାରୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୩ ହଜାର ୧୫୬ଜଣ କର୍ମଚାରୀ ସକ୍ରିୟ ରହିଛନ୍ତି। ସଂପୃକ୍ତ କର୍ମଚାରୀମାନେ ବିଭିନ୍ନ ଯୋଜନାରେ ଦକ୍ଷତା ପ୍ରମାଣିତ କରି ୪ଲକ୍ଷ ୬୨ହଜାର ୪୦୦ ପ୍ରମାଣପତ୍ର ପାଇ ସାରିଛନ୍ତି। ଏହା ତଳକୁ ଗୃହ ବିଭାଗ ରହିଛି। ଉକ୍ତ ବିଭାଗରେ ୬୯ହଜାର ୫୯ କର୍ମଚାରୀ ରହିଥିବାବେଳେ ୧୧ହଜାର ୯୬୭ କର୍ମଚାରୀ ଏଥିରେ ସାମିଲ ହୋଇ ବିଭିନ୍ନ ଯୋଜନାରେ ୩୯୬୮୪ ପ୍ରମାଣପତ୍ର ପାଇ ସାରିଛନ୍ତି। ହେଲେ ଶିଳ୍ପ ବିଭାଗ, ସାଧାରଣ ଉଦ୍ୟୋଗ ବିଭାଗ ଏବଂ ମିଶନଶକ୍ତି ବିଭାଗରେ ଏପର୍ଯ୍ୟନ୍ତ ମାତ୍ର ୨ରୁ ୩ଜଣ କର୍ମଚାରୀ ଏହି ପ୍ରମାଣପତ୍ର ପାଇଛନ୍ତି।

ଉଲ୍ଲେଖଯୋଗ୍ୟ, ଆଇଗଟ୍ କର୍ମଯୋଗୀ ପ୍ଲାଟଫର୍ମ ସମ୍ପୂର୍ଣ୍ଣ ଭାବେ ସରକାରୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ। ଏହା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ଦକ୍ଷତା ମାପିବା ଏବଂ ବିକାଶ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। କର୍ମଚାରୀମାନେ ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଅନ୍‌ଲାଇନ ଜରିଆରେ ଦେଇ ପ୍ରମାଣପତ୍ର ହାସଲ କରିବା ଏହାର ଲକ୍ଷ୍ୟ। ହେଲେ ରାଜ୍ୟ ସରକାରଙ୍କ ବହୁ ବିଭାଗର କର୍ମଚାରୀ ଏପର୍ଯ୍ୟନ୍ତ ଏହି ପ୍ଲାଟଫର୍ମରେ ଯୋଡ଼ି ହୋଇ ନାହାନ୍ତି; ଯାହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ। ମୁଖ୍ୟଶାସନ ସଚିବଙ୍କ ପତ୍ରକୁ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ବିଭାଗୀୟ ଅତିରିକ୍ତ ସଚିବ ଟି. ସୁଜାତା ରାଓ ଚଳିତମାସ ୧୧ରେ ସମସ୍ତ ସର୍ବୋଚ୍ଚଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଓଡ଼ିଶା ଉଠାଜଳସେଚନ ପରିଚାଳନା ନିର୍ଦ୍ଦେଶକ, ୱାଲମୀ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ବିଭାଗ ଅଧୀନରେ ଥିବା କର୍ମଚାରୀଙ୍କୁ ତୁରନ୍ତ ଏହି ପ୍ଲାଟଫର୍ମରେ ଯୋଡ଼ି ହେବାକୁ କହିଛନ୍ତି।

# ବାପାଙ୍କୁ ବଞ୍ଚାଇପାରିଲେନି

## ଉଦ୍ଧାର କରିବାକୁ ଯାଇ ସାନପୁଅ ଗୁରୁତର

କେନ୍ଦୁଝର,୨୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ ଟାଙ୍ଗରାଣୀ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବାପା ବୁଡ଼ିଯାଉଥିବା ବେଳେ ଉଦ୍ଧାର କରିବାକୁ ଯାଇ ୨ ପୁଅ ବିଫଳ ହୋଇଛନ୍ତି। ବାପାଙ୍କୁ ବଞ୍ଚାଇପାରିଲେନି, ହେଲେ ସାନପୁଅ ଲକ୍ଷ୍ମୀଧର ନାଏକ (୧୫)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଟାଙ୍ଗରାଣୀ ଗ୍ରାମର ବିଜୟ କୁମାର ନାଏକ(୪୨) ପୋଖରୀରେ ଗାଧୋଉଥିବା ବେଳେ ହଠାତ୍ ବୁଡ଼ିଯାଇଥିଲେ। ବାପା ଘରକୁ ଫେରିବାରେ ବିଳମ୍ବ ହେବା ଦେଖି ୨ ପୁଅ ପୋଖରୀକୁ ଖୋଜିବାକୁ ଆସିଥିଲେ। ବାପା ବୁଡି ଯାଉଥିବା ଦେଖି ଉଭୟେ ପୋଖରୀ ଭିତରକୁ ଡିଆଁ ମାରିଥିଲେ। ବାପାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ସାନପୁଅ ଲକ୍ଷ୍ମୀଧର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସଦର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଶିଖରଚଣ୍ଡୀ ପାହାଡ଼ରୁ ମିଳିଥିବା ମୃତ ଯୁବକଙ୍କ ପରିଚୟ ମିଳିଲା

ଭୁବନେଶ୍ୱର,୨୦।୪(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଇନଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡି ପାହାଡର ଜଙ୍ଗଲ ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିବା ଜଣେ ଯୁବକଙ୍କ ଗଳିତ ମୃତଦେହର ପରିଚୟ ମିଳିଛି। ସେ ହେଲେ ନୟାଗଡ ଗୋଡିପଡାର ଚିନ୍ତାମଣି ଦାସ। ଚିନ୍ତାମଣି ପରିବାର ଲୋକଙ୍କ ସହ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବାବେଳେ ଗତ ୧୫ରୁ ଅଧିକ ଦିନ ହେବ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ପକ୍ଷରୁ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ଚିନ୍ତାମଣିଙ୍କ ମାନସିକ ସ୍ଥିତି ଠିକ ନ ଥିଲା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଏହା ଆତ୍ମହତ୍ୟା ନା ହତ୍ୟା, ସେନେଇ ପୋଲିସ ଅଧିକ ଖୋଳତାଡ଼ କରୁଛି।

# ଆଜି ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ସମ୍ବଲପୁର,୨୦।୪(ପ୍ରମୋଦ ବହିଦାର)

ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀ ରାଜଧାନୀ ଭୁବନେଶ୍ୱର ବାହାରେ ଲୋକଙ୍କ ଅଭିଯୋଗ ଶୁଣିବେ। ସୋମବାର ସମ୍ବଲପୁରରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣିକୁ ସଫଳତାର ସହିତ ସମ୍ପନ୍ନ କରିବାକୁ ପ୍ରାଥମିକତା ଦିଆଯାଉଛି। ମୁଖ୍ୟମନ୍ତ୍ରୀ ରବିବାର ରାତିରେ ସମ୍ବଲପୁରଠାରେ ପହଞ୍ଚି ମା'ସମଲେଇଙ୍କ ଦର୍ଶନ କରିଛନ୍ତି। ଅଭିଯୋଗ ଶୁଣାଣିର ଅବ୍ୟବହିତ ପୂର୍ବରୁ ରବିବାର ସକାଳେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ପ୍ରସ୍ତୁତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପରିଦର୍ଶନ କରି ପ୍ରସ୍ତୁତିର


ମା' ସମଲେଇ ମନ୍ଦିର ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟମାନେ।

ସମୀକ୍ଷା କରିବା ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି, ପଞ୍ଜୀକୃତ ସମସ୍ତ ଅଭିଯୋଗକାରୀଙ୍କ ଅଭିଯୋଗର ଶୁଣାଣି ପାଇଁ ପ୍ରୟାସ କରାଯିବ। ପଞ୍ଜୀକୃତ ହୋଇଥିବା ଏକ ହଜାର ସ୍ଲଟ ମଧ୍ୟରୁ ସର୍ବାଧିକ ପ୍ରାୟ ୫ଶହ ପାଖାପାଖି ସମ୍ବଲପୁରର ଅଭିଯୋଗକାରୀ ରହିଥିବା ବେଳେ ବରଗଡ଼ ଓ ଝାରସୁଗୁଡ଼ାର ଅଭିଯୋଗକାରୀଙ୍କ ସଂଖ୍ୟା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଏଠାରେ କେବଳ ପଶ୍ଚିମ ଓଡ଼ିଶାର ନୁହେଁ, ବରଂ କଟକର ମଧ କେତେଜଣ ଅଭିଯୋଗକାରୀ ପଞ୍ଜୀକୃତ ହୋଇଛନ୍ତି। ଶୁଣାଣି ବେଳେ ନାମ ପଞ୍ଜୀକରଣ ସହିତ ସମ୍ପୃକ୍ତ ଅଭିଯୋଗକାରୀ ଉପସ୍ଥିତ ରହିବା ଅନିବାର୍ଯ୍ୟ। ତେବେ ସମସ୍ତ ଅଭିଯୋଗକାରୀଙ୍କ ସମସ୍ୟାର ଶୁଣାଣି ମାଧ୍ୟମରେ ଯଥାଶୀଘ୍ର ଯେମିତି ସମାଧାନ ହୋଇପାରିବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ତେବେ ବର୍ତ୍ତମାନ ଜାରି ରହିଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲାରୁ ଆସୁଥିବା ଅଭିଯୋଗକାରୀଙ୍କ ସୁବିଧା ଓ ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ଓୟୁଏଟି ସ୍ନାତକ ନାମଲେଖା: ୨୪ରେ ସରୁଛି ଆବେଦନ

ଭୁବନେଶ୍ୱର,୨୦।୪(ସୁଚିସ୍ମିତା ସାହୁ)

ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସ୍ନାତକ ବିଭାଗର ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଅନ୍‌ଲାଇନ୍ ଆବେଦନ ଚାଲିଛି। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୦ଟି କଲେଜରେ ଛାତ୍ରୀଛାତ୍ର ନିଜ ପସନ୍ଦ ବିଷୟଗୁଡ଼ିକରେ ନାମ ଲେଖାଇପାରିବେ। ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ଜରିଆରେ ଫର୍ମ ପୂରଣ କରିପାରିବେ। ବର୍ତ୍ତମାନ ଓୟୁଏଟି ୱେବ୍‌ସାଇଟ୍‌ରେ ଫର୍ମ-ଏ ଆବେଦନର ଶେଷ ତାରିଖ ୨୪ ରହିଛି। ଆସନ୍ତା ଜୁନ ୨ ଓ ୩ରେ ସିବିଟି ମୋଡ୍‌ରେ ବିଭିନ୍ନ କେନ୍ଦ୍ରରେ ସାଧାରଣ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଆବେଦନ ପାଇଁ ଓୟୁଏଟି ୱେବ୍‌ସାଇଟରେ ଫର୍ମ ଉପଲବ୍ଧ ରହିଥିବା ସୂଚନା ଦିଆଯାଇଛି।

# ସିପିଆଇ ନେତା ଦିବାକର ନାୟକଙ୍କ ପରଲୋକ

ଭୁବନେଶ୍ୱର,(ବନ୍ଦନା ସେଠୀ)/ ବନ୍ତ,୨୦।୪ (ହରି ନାରାୟଣ ମହାନ୍ତି)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସମ୍ପାଦକ କମ୍ରେଡ ଦିବାକର ନାୟକଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ଧରି କିଡ୍‌ନୀ ରୋଗରେ ପୀଡିତ ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିଲେ। ଦୁଇଦିନ ତଳେ ଏମ୍‌ସରୁ ଡିସ୍‌ଚାର୍ଜ ହୋଇ ସିପିଆଇର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନରେ ରହିଥିଲେ। ଏଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବାବେଳେ ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ବିଶ୍ୱଜିତ୍ ଜେନା, ବଡ ଭଉଣୀ ବନଲତା ଜେନା, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ୍ କାନୁନ୍‌ଗୋ, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ପରଲୋକ ଖବର ପାଇ ସିପିଆଇ(ଏମ)ର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ, ଦୁଷ୍ମନ୍ତ କୁମାର ଦାସ, ଜମେଶ୍ୱର ସାମନ୍ତରାୟ ଏବଂ ବଦ୍ରିନାରାୟଣ ଦାଶ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଭଗବତୀ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଜନ୍ମମାଟି ଭଦ୍ରକ ଜିଲା ବନ୍ତ ବ୍ଲକ୍ ଷେଣ୍ଢତୀରା ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ଦିବାକରଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଗଭୀର ଶୋକ ପ୍ରକାଶ କରିବା ସହିତ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ସାମ୍ପ୍ରତିକ କଠିନ ରାଜନୈତିକ ପରିସ୍ଥିତିରେ ତାଙ୍କ ମୃତ୍ୟୁ ବାମ ଏବଂ ଗଣତାନ୍ତ୍ରିକ ଆନ୍ଦୋଳନ ପାଇଁ ଅପୂରଣୀୟ କ୍ଷତି ବୋଲି କମିଟି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦିବାକରଙ୍କ ମରଶରୀରକୁ କେନ୍ଦୁଆପଦାଠାରୁ ଶୋଭାଯାତ୍ରାରେ ନିଆଯିବା ବେଳେ ସିପିଆଇର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ କ୍ଷୀରୋଦ କୁମାର ସିଂଦେଓ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଜୟନ୍ତ ଦାସ, ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶୋଭାଯାତ୍ରାରେ ପାର୍ଟିର ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଅନନ୍ତ ପ୍ରସାଦ ମହାନ୍ତି, ବିମ୍ବାଧର ବାରିକ, ନାରାୟଣ ଚନ୍ଦ୍ର ତ୍ରିପାଠୀ, ହରିହର ବେହେରା, ସିପିଆଇ(ଏମ୍‌ଏଲ)ର ଜିଲା ସମ୍ପାଦକ ସମର ନନ୍ଦ, ଜୋନ୍ ସମ୍ପାଦକ ରମେଶ ଜେନା, ବନ୍ତ ସିପିଆଇ ନେତା ଗୋପବନ୍ଧୁ ସେଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବାବେଳେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସମେତ ବହୁ ରାଜନେତା ସେଣ୍ଢତୀରାସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଦିବାକର ନାୟକଙ୍କ ବିୟୋଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଦିବାକରବାବୁଙ୍କ ବିୟୋଗ ଖବର ତାଙ୍କୁ ଗଭୀର ମର୍ମାହତ କରିଛି ବୋଲି ଭକ୍ତ କହିଛନ୍ତି। ସେହିପରି ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସ୍ୱର୍ଗତ ଦିବାକର ନାୟକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ବୋଲି ବିଜେଡି ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଦିବାକର ଭଦ୍ରକ କଲେଜରେ ପଢୁଥିବା ସମୟରେ ବାମପନ୍ଥୀ ଛାତ୍ର ସଂଘ ଓ ଅଖିଳ ଭାରତ ଛାତ୍ର ସଂଘରେ ଯୋଗଦେଇଥିଲେ। ୧୯୭୨ରେ ଭଦ୍ରକ କଲେଜ ଛାତ୍ର ୟୁନିୟନ ସମ୍ପାଦକ ହେବା ସହ ଲଗାତର ୨ବର୍ଷ ସମ୍ପାଦକ ନିର୍ବାଚିତ ହୋଇଥିଲେ। ୧୯୮୨ରେ ଉଚ୍ଚଶିକ୍ଷା ପାଇଁ ଜର୍ମାନ ଯାଇଥିଲେ। ସେଠାରୁ ଆସି 'ନୂଆ ଦୁନିଆ' ଖବରକାଗଜର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ।

# ଆଲୋଚନା ବିଫଳ, ଆନ୍ଦୋଳନ ଜାରି

ରାଉରକେଲା/ବନ୍ଧମୁଣ୍ଡା,୨୦।୪ (ସଙ୍ଗୀତା ଜେନା/ ସୁବ୍ରତ ଡେ)

## ରେଳଲାଇନ ନିର୍ମାଣକୁ ବିରୋଧ କରି ଖଣ୍ଡଯୁଦ୍ଧ ଘଟଣା

- ଶବ ରାଜନୀତି ତେଜିଲା, ୧୨ ଘଣ୍ଟିଆ ବନ୍ଧମୁଣ୍ଡା ବନ୍ଦ ସଫଳ
- ଦ୍ୱିତୀୟ ଦିନ ଆନ୍ଦୋଳନରେ ୨ ବିଧାୟକ, ଏଆଇସିସି ସମ୍ପାଦକ ସାମିଲ

ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ବରକାନି ଗ୍ରାମରେ ଶନିବାର ରେଳଲାଇନ ନିର୍ମାଣ କାମକୁ ବିରୋଧ କରି ଗ୍ରାମବାସୀ ଆନ୍ଦୋଳନ କରୁଥିବାବେଳେ ଜେସିବି ମାଡ଼ିଯିବାରୁ ଜଣେ ଆଦିବାସୀ ଯୁବକ ଏତୋ ଏକ୍କା(୩୫)ଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଗ୍ରାମବାସୀ-ପୋଲିସ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ପରେ ଗ୍ରାମବାସୀ ସେଠାରେ ମୃତଦେହ ରଖି ଧାରଣାରେ ବସିଥିଲେ। ତେବେ ୩୦ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଘଟଣାର ସମାଧାନ ହୋଇପାରିନାହିଁ। ରବିବାର ପ୍ରଶାସନ ପକ୍ଷରୁ ଆଲୋଚନା ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଛି। ଉତ୍ୟକ୍ତ ଲୋକେ ପ୍ରଶାସନର ଲିଖିତ ପ୍ରତିଶ୍ରୁତି ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ରବିବାର ୧୨ ଘଣ୍ଟିଆ ବନ୍ଧମୁଣ୍ଡା ବନ୍ଦ ପାଳନ କରାଯାଇଥିଲା।


ଏଆଇସିସି ସମ୍ପାଦକଙ୍କ ସମେତ ୨ ବିଧାୟକ ଧାରଣାରେ ବସିଛନ୍ତି।

ସୂଚନା ଅନୁସାରେ, ଶନିବାର ପୂର୍ବାହ୍ନ ୧୧ଟାରେ ବିଶ୍ରା ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତରେ ଥିବା ଡୁମେର୍ତ୍ତା ରେଳଷ୍ଟେଶନରୁ ରାଉରକେଲା ଇସ୍ପାତ କାରଖାନା ପର୍ଯ୍ୟନ୍ତ ରେଳଲାଇନ୍ ନିର୍ମାଣକୁ ବିରୋଧ କରି ଗ୍ରାମବାସୀ ଓ ପୋଲିସ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଏହି ସମୟରେ ଜେସିବି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣାରେ ବସିବା ସହ ରବିବାର ୧୨ ଘଣ୍ଟିଆ ବନ୍ଧମୁଣ୍ଡା ବନ୍ଦ ଡାକରା ଦେଇଥିଲେ। ତେବେ ରବିବାର ଏହାର ସମର୍ଥନରେ ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ୍. ରାଜନ୍ ଏକ୍କା, ବିରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀଙ୍କ ସମେତ ଏଆଇସିସି ସମ୍ପାଦକ ସାହାନୱାଜ୍ ଚୌଧୁରୀ ଗ୍ରାମବାସୀଙ୍କ ସହ ଧାରଣାରେ ବସିଥିଲେ। ଅପରାହ୍ନ ୪ଟାରେ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ ଭିଡିଓ କଲ୍ ଯୋଗେ ସମ୍ବଲପୁର ଆର୍‌ଡିସି ଏବଂ ରାଜଗାଙ୍ଗପୁର ଓ ବିରମିତ୍ରପୁର ବିଧାୟକଙ୍କ ମଧ୍ୟରେ ଆଲୋଚନା କରାଇଥିଲେ। ଆସନ୍ତା ଦେଢ଼ମାସ ମଧ୍ୟରେ ଗ୍ରାମବାସୀଙ୍କୁ ଜମି ଫେରାଇ ଦିଆଯିବ ଏବଂ ରେଳଲାଇନ୍ ନିର୍ମାଣ କାର୍ଯ୍ୟ ବନ୍ଦ ହେବ ବୋଲି ଆର୍‌ଡିସି ପ୍ରତିଶ୍ରୁତି ଦେଇଥିଲେ। ତେବେ ଗ୍ରାମବାସୀ ଉକ୍ତ ପ୍ରତିଶ୍ରୁତିକୁ ଲିଖିତ ଭାବେ ମାଗିବା ପରେ ପ୍ରଶାସନିକ ଅଧିକାରୀ ଏଥିରୁ ଓହରି ଯାଇଥିଲେ। ଫଳରେ ଖବର ଲେଖା ସୁଦ୍ଧା (ସନ୍ଧ୍ୟା ୭ଟା) ଆନ୍ଦୋଳନ ଜାରି ରହିଥିବା ସୂଚନା ମିଳିଛି। ଏହି ଘଟଣାରେ ଏଆଇସିସି ସମ୍ପାଦକ ଚୌଧୁରୀ ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଥିଲେ, କଂଗ୍ରେସ ଗ୍ରାମବାସୀଙ୍କ ସହ ଛିଡାହୋଇଛି। ଭାଜପା ସରକାର ଆଦିବାସୀଙ୍କ ବିରୋଧରେ କାମ କରୁଛି। ଏଭଳି ଉଦ୍ଦେଶ୍ୟ ପୂରଣ କରିବାକୁ ଦିଆଯିବ ନାହିଁ ବୋଲି ଚୌଧୁରୀ କହିଥିଲେ।

## ଖବରଦାତାଙ୍କ ମାତୃ ବିୟୋଗ

ସୁନାବେଡା,୨୦।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଧରିତ୍ରୀ ଖବରକାଗଜ ଜିଲା ପ୍ରତିନିଧି ଅମିତାଭ ବେହେରାଙ୍କ ମା' ସୌଦାମିନୀ ବେହେରା(୮୦)ଙ୍କ ରବିବାର ସକାଳ ୭ଟାରେ ଦେହାନ୍ତ ହୋଇଛି। ସେ କିଛିଦିନ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଦେହାନ୍ତ ସମୟରେ ୩ ପୁଅ ଅନିରୁଦ୍ଧ



ବେହେରା, ଅନୁପମ ବେହେରା, ଅମିତାଭଙ୍କ ସହ ୨ ଝିଅ ଉପସ୍ଥିତ ଥିଲେ। ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ କରାଯାଇଛି। ସୌଦାମିନୀ ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ ଓ ସହୃଦୟା ମହିଳା ଥିଲେ। ତାଙ୍କ ବିୟୋଗରେ କୋରାପୁଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟ କଂଗ୍ରେସ ପକ୍ଷରୁ ଜାନକୀ ବାବୁଙ୍କ ସ୍ମୃତି ସଭା, ସ୍ଥାନ: କଂଗ୍ରେସ ଭବନ, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ ସ୍ମୃତି ସମାରୋହ, ସ୍ଥାନ: ହୋଟେଲ ରୟାଲ ସୁଇଟ୍, ସତ୍ୟ ନଗର, ସମୟ: ସନ୍ଧ୍ୟା ୬ଟା।

## କଟକ

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପଦ୍ମଶ୍ରୀ ରଜତ କୁମାର କରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ମା'ଶୀତଳା ଓ ତାରିଣୀ ମାତାଙ୍କ ପୂଜା ଉତ୍ସବର ଉଦଯାପନୀ ଦିବସ, ସ୍ଥାନ: ୟୁନାଇଟେଡ୍ କ୍ଲବ ପ୍ରାଙ୍ଗଣ, ଦୁବଲାଗଡି, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଜଳେଶ୍ୱର, ସମୟ: ସକାଳ ୭ ଟା।
- ବସନ୍ତ ଉତ୍ସବର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ସକାଳ ୭ଟା।
- ଚାନ୍ଦବାଲି ଏନ୍‌ଏସିର ୩ୟ ପରିଷଦ ବୈଠକ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସାଧନା ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ବାବା ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ,ସ୍ଥାନ:ହାଟଡିହି, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।
- ଅଷ୍ଟ ପ୍ରହରୀ ନାମଯଜ୍ଞ ଓ ନଗର ଭ୍ରମଣ, ସ୍ଥାନ: ବଡ଼ରମ୍ପାସ, ଛେନାପଦି, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା,ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ନାଟ୍ୟ ମହୋତ୍ସବର ନାଟକ 'ସାର୍ ଭୁଲ୍ ହୋଇଗଲା', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକ ପତ୍ର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## କନ୍ଧମାଳ

- ମିଳିତ ମହାମଞ୍ଚ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ, ସ୍ଥାନ: କ୍ରିକେଟ କ୍ଲବ୍ ବ୍ରାହ୍ମଣୀ ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- କଂଗ୍ରେସ ତରଫରୁ ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: କନକପୁର, ଶାରଳା ମନ୍ଦିର ନିକଟ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଡେରାବିଶ, ସମୟ: ସକାଳ ୮ଟା ୩୦।
- ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ୧୦ଟା।
- ଝାମୁ ଯାତ୍ରା ମହୋତ୍ସବ, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସକାଳ ୬ଟା।
- ଆମ ଗାଁ ଆମ ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ବାଞ୍ଛାବଟ ମହାପୁରୁଷ ପୀଠ, ଜହ୍ନିମୂଳ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବର, ସ୍ଥାନ: ଧର୍ମଶାଳା ବ୍ଲକ ସଭାକକ୍ଷ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ କାର୍ଯ୍ୟକ୍ରମରେ ମନୋହର ଦାସଜୀ ମହାରାଜଙ୍କ ପ୍ରବଚନ, ସ୍ଥାନ : ଯାଜପୁର ରୋଡ, ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ, ସ୍ଥାନ : ବ୍ୟାସନଗର ଗୋପବନ୍ଧୁ ଛକ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୬ତମ ଦିବସରେ କୁମ୍ଭକର୍ଣ୍ଣ ବଧ ଓ ନାଗଫାଶ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସୀତା ଠାବ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।

## ରାୟଗଡ଼ା

- ସଦାଶିବ ତ୍ରିପାଠୀଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ସଂସ୍କୃତି ଭବନ, ରାୟଗଡ଼ା, ସମୟ: ସକାଳ ୮ ଟା।
- ବିଶ୍ୱ ବୈଦିକ ପରିବାରର ୪୨ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: କୁଟିଙ୍ଗଗୁଡ଼ା ଆଶ୍ରମ ପରିସର, ମୁନିଗୁଡା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାମନାଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଚନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼. ସଦାଶିବ ତ୍ରିପାଠୀଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ମୃତିଚାରଣ ସଭା, ସ୍ଥାନ: ନବରଙ୍ଗପୁର ପୌର ସଂସ୍ଥା କାର୍ଯ୍ୟାଳୟ, ସମୟ: ୮ଟା ୩୦ ।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଚାଟୁଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା।
- ପିଠା କାର୍ଯ୍ୟକ୍ରମ, ସ୍ଥାନ: ଆଇସିଡିଏସ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି

- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ, ସ୍ଥାନ:ବାଲିମେଳା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର

- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞ, ସ୍ଥାନ : ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ ଦୁର୍ଗାପାଳି ସ୍ଥିତ ଏସ୍‌ଏମ୍‌ସି ସଭାକକ୍ଷ, ସମୟ : ସକାଳ ୮ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁରିବାହାଲ ସମୟ: ସକାଳ ୭ଟା।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ-୨୦୨୫ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରପାଲି, ସମୟ:ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୮ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ସମୟ: ସକାଳ ୭ଟା।
- ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ଷୋଳଦଶ ଦିବସ ନାଟକ ମହୀରାବଣ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡ଼ିଆ, ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ବସାଲଇ, ଗ୍ରାମ ପଞ୍ଚାୟତ କାର୍ଯ୍ୟଳୟ , ସମୟ: ସକାଳ ୮।
- ମା କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗ୍ରାମ ପଞ୍ଚାୟତ ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବହଳପଦର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା୩୦।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୭ଟା ୧୫।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସିନାପାଲି, ସମୟ: ସକାଳ ୭ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ବିରୁନପଦର ଗାଁ, ସମୟ: ସକାଳ ୮ଟା ୦୫।

## ଝାରସୁଗୁଡ଼ା

- ଯୁଗ୍ମ ଜନ ଶୁଣାଣି ଅଭିଯୋଗ, ସ୍ଥାନ: କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ :ସକାଳ ୭ଟା।
- ରୁଦ୍ରାଭିଷେକ ଓ ଶିବ ସହସ୍ର ନାମ ପଠନ, ସ୍ଥାନ: ମହାକାଳ ମନ୍ଦିର ବାଗଡିହି, ସମୟ: ସକାଳ ୮ ଟା।
- ଅଂଶୁଘାତ ପାଇଁ ସଚେତନତା ଶିବିର, ସ୍ଥାନ: ତେଲିଡିହ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୯ଟା।

# 'ନାଳରେ ମୋ ଚିତାଭସ୍ମ ଭସାଇଦେବ'

## ସ୍ତ୍ରୀ ନିର୍ଯ୍ୟାତନା ଦେଉଥିବା କହି ଆତ୍ମହତ୍ୟା କଲେ ଇଞ୍ଜିନିୟର

**ନଏଡା, ୨୦।୪**

ଉତ୍ତରପ୍ରଦେଶର ନଏଡାସ୍ଥିତ ସ୍ଥାନୀୟ ଜଲି ହୋଟେଲର ଏକ ରୁମ୍‌ରେ ଜଣେ ଇଞ୍ଜିନିୟର ମୋହିତ ଯାଦବ ନିଜ ସ୍ତ୍ରୀଙ୍କ ନିର୍ଯ୍ୟାତନାରେ ଅତିଷ୍ଠ ହୋଇ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ରବିବାର ଏହି ମାମଲାର ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ମୋହିତ କହୁଛନ୍ତି, ଯେତେବେଳେ ଆପଣମାନେ ଏହି ଭିଡିଓ ପାଇବେ ସେତେବେଳେ ମୁଁ ଏହି ଦୁନିଆରେ ନ ଥିବି। ଯଦି ପୁରୁଷମାନଙ୍କ ପାଇଁ ଦେଶରେ କୌଣସି ଆଇନ ଥାଆନ୍ତା ତେବେ ସେ ଏହି ଭୁଲ୍ ପଦକ୍ଷେପ ନେଇ ନ ଥାନ୍ତେ। ସ୍ତ୍ରୀ ଏବଂ ଶ୍ୱଶୁର ଘର ଲୋକଙ୍କ ମାନସିକ ନିର୍ଯ୍ୟାତନାରେ ଅତିଷ୍ଠ ହୋଇ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସେ ନିଜ ମା'ବାପାଙ୍କୁ କ୍ଷମା ମାଗିଛନ୍ତି। ମୃତ୍ୟୁ ପରେ ଯଦି ତାଙ୍କୁ ନ୍ୟାୟ ନ ମିଳେ ତେବେ ତାଙ୍କ ଚିତାଭସ୍ମକୁ ନାଳରେ ଭସାଇଦେବାକୁ ସେ ଏହି ଭିଡିଓରେ ତାଙ୍କ ପରିବାରକୁ ଅନୁରୋଧ କରିଛନ୍ତି। ଉତ୍ତରପ୍ରଦେଶର ଔରୈୟା ନିବାସୀ ମୋହିତ ନଏଡାସ୍ଥିତ ଏକ ସିମେଣ୍ଟ କମ୍ପାନୀରେ ଫିଲ୍ଡ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ୭ ବର୍ଷ ଧରି ରିଲେଶନ୍‌ଶିପ୍‌ରେ ରହିବା ପରେ ୨୦୨୩ରେ ପ୍ରିୟା ଯାଦବ ନାମ୍ନୀ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତେବେ ବିବାହର ୩ ମାସ ପରେ ପ୍ରିୟା ବିହାରର ସମସ୍ତିପୁରସ୍ଥିତ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ଏହାପରେ ପ୍ରିୟାଙ୍କର ସ୍ୱଭାବରେ ପରିବର୍ତ୍ତନ ଆସିଥିଲା ବୋଲି ମୋହିତଙ୍କ ଭାଇ ତରନ ପ୍ରତାପ କହିଛନ୍ତି। ପ୍ରିୟା ନିଜ ଭାଇ ଓ ମା'ଙ୍କ ପ୍ରରୋଚନାରେ ସ୍ୱାମୀ ମୋହିତଙ୍କୁ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ। ଘର ଏବଂ ଜମି ତାଙ୍କ ନାମରେ କରିବାକୁ ପ୍ରିୟା ତାଙ୍କ ଉପରେ ଚାପ ପକାଇଥିଲେ। ଏପରି ନ କଲେ ମିଥ୍ୟା ଯୌତୁକ ଅଭିଯୋଗ କରି ତାଙ୍କ ପରିବାରକୁ ଫସାଇଦେବେ ବୋଲି ପ୍ରିୟା ଧମକ ଦେଇଥିବା ତରନ ପ୍ରତାପ କହିଛନ୍ତି। ପୋଲିସ ହୋଟେଲରୁ ମୋହିତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୋହିତଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପୌଷର କୁହୁଡ଼ି ବୈଶାଖେ ଫଳ
ଯେଉଁଦିନ କୁହୁଡ଼ି ସେହିଦିନ ଫଳ
ଶନି ସାତ, ମଙ୍ଗଳ ତିନି
ଆଉ ସବୁ ବାର ଦିନ ଦିନ ।**

ଋତୁ ଚକ୍ର। ବର୍ଷାଦିନେ ବାର ଅନୁସାରେ ବର୍ଷାର ଗତି। ଶନିବାର ଦିନ ଆରମ୍ଭ ହୋଇଥିଲେ ସାତଦିନ, ମଙ୍ଗଳବାର ହୋଇଥିଲେ ତିନିଦିନ ଲାଗିରହେ। ସେହିପରି ଅନ୍ୟ ଦିନମାନଙ୍କରେ ଆରମ୍ଭ ହୋଇଥିଲେ କେବଳ ଗୋଟିଏ ଦିନ ଲେଖାଏଁ ବର୍ଷା ହୁଏ ବୋଲି ଅନୁମାନ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପରକୁ ମାନ କରି
ଖପରାରେ ଖାଇବା।**

ସାଧାରଣତଃ ନିଜ ଲୋକ ଉପରେ ରାଗରୁଷା ତଥା ମାନ ଅଭିମାନ ଶୋଭାପାଇଥାଏ। କିନ୍ତୁ ଯିଏ ପର ତା' ଉପରେ ଏପରି ମାନ ଅଭିମାନ କରିବାରେ କିଛି ମୂଲ୍ୟ ମିଳି ନ ଥାଏ। ପର ଉପରେ ବୃଥା ଅଭିମାନ କରି ନିଜର କ୍ଷତି ଘଟାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ନୀତି ରାଜନୀତି**

# ଆଦାନୀ ପ୍ରୀତି ପାଇଁ ଏଟୋଙ୍କ ମୃତ୍ୟୁ ହୋଇଛି: ଭକ୍ତ

## ମୃତ ଯୁବକଙ୍କ ପରିବାରକୁ ୧କୋଟି ଏବଂ ଜଣଙ୍କୁ ଚାକିରି ଦିଅ

**ଭୁବନେଶ୍ୱର/ ବାରିପଦା, ୨୦।୪ (ରବିନାରାୟଣ ଜେନା/ ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଭାଜପା ସରକାରଙ୍କ ଆଦାନୀ ପ୍ରୀତି ପାଇଁ ଏଟୋ ଏକ୍କାଙ୍କ ମୃତ୍ୟୁ ହୋଇଛି। ଏହା ମୃତ୍ୟୁ ନୁହେଁ, ପୋଲିସର ହତ୍ୟା ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରବିବାର ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତ ଅବସରରେ ଭକ୍ତ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ରାଉରକେଲାରେ ନୂତନ ରେଳ ଲାଇନ ନିର୍ମାଣ ବେଳେ ସ୍ଥାନୀୟ ଅଧିବାସୀ ଏହାକୁ ବିରୋଧ କରିଥିଲେ। ଏହି ସମୟରେ ପୋଲିସ ବଳପୂର୍ବକ ଏଟୋ ଏକ୍କାଙ୍କ ଉପରେ ଜେସିବି ଚଢ଼ାଇ ହତ୍ୟା କରିଛି। ଏହାଦ୍ୱାରା ସେଠାରେ ଉତ୍ତେଜନା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ତୁରନ୍ତ ମୃତଯୁବକଙ୍କ ପରିବାରକୁ ୧କୋଟି ଟଙ୍କାର ସହାୟତା ସହ ତାଙ୍କ ପରିବାରର ଜଣଙ୍କୁ ଚାକିରି ଦିଅନ୍ତୁ। ଯେ ପର୍ଯ୍ୟନ୍ତ ସ୍ଥାନୀୟ ଅଧିବାସୀଙ୍କ ସହିତ ବିଚାର ଆଲୋଚନା କରି ପରିସ୍ଥିତିରେ ଶାନ୍ତି ନ ଫେରିଛି ସେପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହୁ। କଂଗ୍ରେସ କର୍ମୀମାନେ ସେଠାରେ ଯେଭଳି ଉତ୍ତମ ବାତାବରଣ ବଜାୟ ରହିବ ସେଦିଗରେ କାର୍ଯ୍ୟ କରିବାକୁ ଭକ୍ତ କହିଛନ୍ତି।

ସେ କହିଥିଲେ, ଗ୍ରାହମଷ୍ଟେନ୍ସ ଓ ଦୁଇ ଶିଶୁପୁତ୍ର ପୋଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେତେବେଳେ ଆର୍‌ଏସ୍‌ଏସ୍ ଓ ଭାଜପା ଦଳର ତୁଙ୍ଗ ନେତା ଭାବେ ରହି ଉକ୍ତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଦାରା ସିଂକୁ ଖଲାସ କରିବାକୁ ଦାବି କରିଥିଲେ। ଆଜି ସେ ମୁଖ୍ୟମନ୍ତ୍ରୀ। ଦଳର ନୁହନ୍ତି, ରାଜ୍ୟବାସୀଙ୍କ ମୁଖ୍ୟମନ୍ତ୍ରୀ। ଆଦିବାସୀମାନଙ୍କୁ ବିସ୍ଥାପିତ କରିବା, ବୁଲ୍‌ଡୋଜର ଲଗାଇ ହତ୍ୟା କରିବା କିମ୍ବା ହତ୍ୟାକାରୀଙ୍କୁ ଖଲାସ କରିବା ଶୋଭା ପାଉନାହିଁ। ଏଥିପ୍ରତି ସରକାର ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଶିଶୁକୁ ହତ୍ୟା କରୁଥିବା ଲୋକ କେବେ ବି ଭଲ ହୋଇପାରିବ ନାହିଁ। ତା'ର ପରିବର୍ତ୍ତନ କେବେ ବି ସମ୍ଭବ ନୁହେଁ। ଅଭିଯୁକ୍ତଙ୍କ ଜେଲଦଣ୍ଡକୁ କୋହଳ କରି ଖଲାସ କରିବାକୁ ପ୍ରୟାସ କରାଯାଉଛି। ହତ୍ୟାକାରୀଙ୍କୁ ସରକାର ସୁଯୋଗ ଦିଅନ୍ତୁ ନାହିଁ ବୋଲି ଭକ୍ତ କହିଥିଲେ।



ସଭାରେ ଉପସ୍ଥିତ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟମାନେ ।

ଦଳକୁ ମଜଭୁତ କରିବା ଓ କର୍ମୀମାନଙ୍କୁ ଏକଜୁଟ କରିବା ଉଦ୍ଦେଶ୍ୟରେ ଭକ୍ତଙ୍କ ନେତୃତ୍ୱରେ ଏକ ରାଲି ଉଭୟ ରାଇରଙ୍ଗପୁର ଓ ବାରିପଦା ସହରରେ ଅନୁଷ୍ଠିତ ହୋଇଯାଇଛି। ପରେ ଉଭୟ ସ୍ଥାନରେ କର୍ମୀମାନଙ୍କୁ ନେଇ ସାଙ୍ଗଠନିକ ଦିଗରେ ଆଲୋଚନା କରି ମୟୂରଭଞ୍ଜ ଜିଲାରେ କଂଗ୍ରେସର ପ୍ରତ୍ୟାବର୍ତ୍ତନକୁ ଦୋହରାଇବାକୁ ପରାମର୍ଶ ଦେଇଛନ୍ତି। ମିଳିମିଶି କାର୍ଯ୍ୟକଲେ କଂଗ୍ରେସ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।

ଜିଲାରେ ଆଦିବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନକୁ ନେଇ ଭକ୍ତ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ୧୯ତାରିଖ ରାଇରଙ୍ଗପୁର ଉପଖଣ୍ଡ ପୁରୁଣାପାଣି ଗ୍ରାମରେ ନୂତନ ନିର୍ମାଣକୁ ନେଇ ତିନିଟି ଗ୍ରାମର ଲୋକଙ୍କୁ ବିଚ୍ଛିନ୍ନ କରାଯାଇଛି। ଜମି ଅଧିଗ୍ରହଣ କରିବା ପୂର୍ବରୁ ଗ୍ରାମସଭା କିମ୍ବା ପଲ୍ଲିସଭା କରା ନ ଯିବା ଓ ନୋଟିସ ପ୍ରଦାନ ନ କରି ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରିବା ଠିକ୍ ନୁହେଁ। ଏହାଦ୍ୱାରା ଅମାନବୀୟ ଭାବେ ଶହ ଶହ ଲୋକଙ୍କ ଜୀବନଜୀବିକାରେ ବାଧା ଉପୁଜିଛି। ୫୦ବର୍ଷ ଧରି ବସବାସ କରୁଥିବା ମଣିଷ ସଭ୍ୟତାକୁ ଧ୍ୱଂସ କରି ବିମାନବନ୍ଦର ନିର୍ମାଣ ଆଦୌ ଉଚିତ ନୁହେଁ। ନିରାଶ ଭୂମିହୀନ ପରିବାରଙ୍କୁ ନେଇ ରାଜନୀତି କରା ନ ଯାଇ ସ୍ଥାୟୀ ପଟ୍ଟା ସହ ଆବାସ ଯୋଜନାରେ ପକ୍କାଘର ପ୍ରଦାନ କରାଯାଉ । ଆଦିବାସୀ ଜିଲାରେ ରାଷ୍ଟ୍ରପତିଙ୍କ ବାସସ୍ଥାନ ନିକଟରୁ ଜମି ଅଧିଗ୍ରହଣ କରିବା ଆଦୌ ଶୋଭା ପାଉନାହିଁ। ସେହିପରି ଆଦିବାସୀ ନେତା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମୟରେ ଏପରି କାର୍ଯ୍ୟ ରାଜ୍ୟ, ଦେଶ ଓ ସମ୍ବିଧାନ ପ୍ରତି ଆଘାତ ଦେଇଛି। ଭାଜପା କେବଳ ଅତ୍ୟାଚାରୀ କିମ୍ବା ଲୁଣ୍ଠନ ସରକାର ଭାବେ ପ୍ରମାଣ ନ କରୁ ବୋଲି ଭକ୍ତ କହିଛନ୍ତି।

ସେହିପରି ନିର୍ବାଚନରେ ସୁଧାର ଆଣିବା ପାଇଁ ସମସ୍ତ ପ୍ରକାର ରଣନୀତି ଆରମ୍ଭ କରିଛୁ। ଆଗାମୀ ଦିନରେ କଂଗ୍ରେସ ଲୋକ ସଭା ନିର୍ବାଚନ ଲଢ଼ିବ। ସହଯୋଗୀମାନଙ୍କ ସହ ଆଲୋଚନା କରାଯାଇ ନିର୍ବାଚନ ଲଢ଼ିବୁ। ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ନିର୍ମାଣ, ସୁବର୍ଣ୍ଣରେଖା କେନାଲର ପୁନରୁଦ୍ଧାରପୂର୍ବକ ଜଳସେଚନ, ସବାଇଘାସ, ସ୍ପିନିଂ ମିଲ, ଅନ୍ୟାନ୍ୟ ଶିଳ୍ପଗୁଡ଼ିକର ପୁନରୁଦ୍ଧାର,ବେକାର ସମସ୍ୟାର ସମାଧାନ, ଧାନର କଟ୍‌ନୀଛଟ୍‌ନୀକୁ ବିରୋଧ, ଦାଦନ ଖଟିବା, ଚାଷୀଙ୍କ ପାଇଁ ସୁବିଧା ଦିଗରେ କଂଗ୍ରେସ ଦଳ ପକ୍ଷରୁ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଅଶୋକ ଦାସ, ପୂର୍ବତନ ସିଡବ୍ଲ୍ୟୁସିସି ସଦସ୍ୟା ସୁଶୀଳା ତିରିଆଙ୍କ ସମେତ ଜିଲାସ୍ତରୀୟ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମ୍ମାନିତ ହେବେ। ଆପଣ ସମୟୋଚିତ ପଦକ୍ଷେପ ନେଇପାରିଲେ ହିଁ କୃତକାର୍ଯ୍ୟ ହେବା ସମ୍ଭାବନା ରହିବ। ସ୍ଥଗିତ କାମ ସକାଶେ ପାରସ୍ପରିକ ଦୋଷାରୋପଜନିତ ତିକ୍ତତା ଦେଖାଦେଇପାରେ। ପାରିବାରିକ ଦିଗଟି ଭଲ ରହିବ ଏବଂ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସଙ୍କଟଜନକ ସ୍ଥିତି ଦୂରେଇଯିବ।

**ବୃଷ** - ପ୍ରତ୍ୟେକ କ୍ଷେତ୍ରରେ ମାର୍ମିକ ବିଚାରଧାରା ଶୃଙ୍ଖଳିତ ଜୀବନଯାପନରେ ସହାୟକ ହେବ। ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଅସହଯୋଗ କରିପାରେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ବାଣିଜ୍ୟ, ବ୍ୟବସାୟ, ଯାତ୍ରା ସନ୍ତୋଷଜନକ ନ ହୋଇପାରେ।

**ମିଥୁନ** - ମାନସିକ ଦ୍ୱନ୍ଦ୍ୱର ଅବସାନ ସକାଶେ ବନ୍ଧୁଙ୍କ ପରାମର୍ଶ ଗ୍ରହଣକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପରିବାରର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ମୂଲ୍ୟବାନ୍ ଜିନିଷ କିଣିପାରନ୍ତି। ଯାତ୍ରା ସମୟରେ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କର୍କଟ** - କୌଣସି କାର୍ଯ୍ୟ ଶୃଙ୍ଖଳିତ ନ ହେବାରୁ ମନ ଚିନ୍ତାକୁଳ ରହିପାରେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ବନ୍ଧୁଙ୍କ ସହାୟତାରେ ପୁନଃ ପ୍ରତିଷ୍ଠିତ ହେବ। ସାମାଜିକ ସ୍ତରରେ ସମ୍ମାନିତ ହେବେ ଏବଂ ଶିକ୍ଷା, ପରୀକ୍ଷା, ଗବେଷଣା, କଳା, ସାହିତ୍ୟାଦିରେ ସମସ୍ୟା ଦୂରେଇଯିବ। ତଥାପି ପରକଥାରେ ପ୍ରଭାବିତ ହୋଇ ସମାଲୋଚନାର ଶରବ୍ୟ ହୋଇପାରନ୍ତି।

**ସିଂହ** - ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରୁ ପୂର୍ଣ୍ଣ ସନ୍ତୋଷ ପାଇବା କଷ୍ଟକର ହେବ। ଆପଣଙ୍କ ଦୂରଯାତ୍ରାର ପ୍ରସ୍ତୁତି, ବ୍ୟୟବୃଦ୍ଧି ରୋକିବା ପାଇଁ ଯୋଜନା, ବନ୍ଧୁଙ୍କ ସହ ଆଲୋଚନାରେ ଅଗ୍ରଗତି ଘଟିବ। ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖା ଦେବ। ସ୍ୱାର୍ଥକୁ ଆଖିଆଗରେ ରଖି ମିତ୍ର କେହି ଛଳନା କରିପାରେ।

**କନ୍ୟା** - ବୁଝାମଣା ଅଭାବରୁ ଭ୍ରାତୃବିବାଦ, ଜମିଜମା କଳହ, ପାରିବାରିକ ଅଶାନ୍ତିର କାରଣ ହେବ । ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ଶତ୍ରୁତା ଅର୍ଜନ କରିପାରନ୍ତି । ଉପରିସ୍ଥ ପଦାଧିକାରୀଙ୍କ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିବ। ବଳହୀନ ବୁଧ ଗ୍ରହ ବୌଦ୍ଧିକତାକୁ ବର୍ଦ୍ଧନକଲେ ମଧ୍ୟ ବନ୍ଧୁତାକୁ କ୍ଷୁଣ୍ଣ କରିବ ।

**ତୁଳା** - ଆଜି କାହାକୁ କିଛି କଡ଼ା କଥା କହିବେ ନାହିଁ , ମାତ୍ର ଆପଣଙ୍କୁ କିଏ କହିଲେ ଜମା ଛାଡ଼ିବେ ନାହିଁ। ସବୁ ସମୟରେ ମିଶୁଥିବା ଲୋକ ପଛରେ ଚେର କାଟୁଥିବାର ଝଲକ ଦେଖିବାକୁ ମିଳିବ। ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣକରି ସମସ୍ୟାକୁ ବଢ଼ାଇଦେଇ ପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା** - ଆଜି ଆପଣ ବଡ଼ଲୋକାଙ୍କ ସହ ମିଶିବେ, ହସଖୁସିରେ ରହିବା ସହ ନୂଆ ନୂଆ କାମ କରିବେ। ମାତ୍ର ବେକାର ଖର୍ଚ୍ଚ, ବୃଥା ଭ୍ରମଣ, ପରିବାରରେ ଝଗଡ଼ାରୁ ତ୍ରାହି ମିଳିବ ନାହିଁ। ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଦୁଃଖକୁ ଭୁଲିଯାଇପାରନ୍ତି। ସାମାଜିକ ପ୍ରତିଷ୍ଠା ବଢ଼ିବା ସହ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ** - ମନ ଭିତରେ କୋହକୁ ଲୁଚାଇ ହସି କଥା କହିବେ। ବନ୍ଧୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ ଅଲଗା ଅନ୍ତର୍ନିହିତ ଉଦ୍ଦେଶ୍ୟ ନିହିତ ରଖିଥାଇପାରନ୍ତି। ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ, କିନ୍ତୁ ବିଶେଷ ଅସୁବିଧା ହେବନାହିଁ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଏବଂ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର** - ଘରେ ହେଉ କିମ୍ବା ବାହାରେ ସବୁଠି ସ୍ନେହ, ଶ୍ରଦ୍ଧା, ଆଦର ଓ ସମ୍ମାନ ଊଣା ହେବ ନାହିଁ। କିନ୍ତୁ ମନ ଭିତରର ଅଲଗା ଚିନ୍ତାଧାରାଟି ପୂର୍ଣ୍ଣ ନ ହେବା କାରଣରୁ ଛଟପଟ ହେବାକୁ ପଡ଼ିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ କିମ୍ବା କିଛି ଭୁଲ୍ କରିପାରନ୍ତି। ଆର୍ଥିକ ସ୍ଥିତି କ୍ରମଶଃ ବଦଳିଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ।

**କୁମ୍ଭ** - ଶ୍ରୁତିରୋଚକ କଥା କହି ଅନ୍ୟଙ୍କୁ ମନେଇ ନେବେ ଓ ଆର୍ଥିକ ଦିଗରୁ ଉପକୃତ ହେବେ। ହାତରେ ଥିବା କାମ ଯେତେ ଶୀଘ୍ର ସମାପ୍ତ କରିବାକୁ ଚାହୁଁଛନ୍ତି ତାହା ହେବା କଷ୍ଟକର ହୋଇପାରେ। ଯଦିଓ କୌଣସି କାମ ଅଟକି ରହିବ ନାହିଁ ତଥାପି ଧୀର ମନ୍ଥର ଗତି ହେତୁ ବିରକ୍ତିକର ମନେହେବ। ପରକଥାରେ ମୁଣ୍ଡ ପୂରାଇ ଭୁଲ୍ ମାର୍ଗାନୁସରଣ କରିପାରନ୍ତି।

**ମୀନ** - ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ନେଡ଼ିଗୁଡ଼ କହୁଣିକୁ ବୋହିଯିବା ଆଶଙ୍କା ଦେଖାଦେଇପାରେ। ଆଜି ଆପଣଙ୍କ ସମ୍ମୁଖରେ କିଏ କିଛି କହିବେ ନାହିଁ, କିନ୍ତୁ ପଛରେ ସମାଲୋଚନା କରିବାକୁ ଛାଡ଼ିବେ ନାହିଁ। ତଥାପି ବିଭିନ୍ନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବା କାରଣରୁ କିଛିଟା ଆଶ୍ୱସ୍ତି ଲାଭ କରିବେ।

ଆଜି ଏପ୍ରିଲ ୨୧ ତାରିଖ, ଭାରତୀୟ ପ୍ରଶାସନିକ ସେବା ଦିବସ, ସଚିବ ଦିବସ, ଶ୍ରୀମନ୍ଦିରରେ ରାମାଭିଷେକ, ବୈଶାଖ କୃଷ୍ଣପକ୍ଷର କାଳାଷ୍ଟମୀ ସୋମବାର। ରାଶି ନକ୍ଷତ୍ର-ଦିବା ଘ.୧୨।୩୬ ମି. ଗତେ ଶ୍ରବଣା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୮ ମି. ଗତେ, ଘ.୦୭।୦୨ ମି. ମଧ୍ୟେ, ଘ.୧୦।୨୯ ମି. ଗତେ, ଘ.୦୧।୦୦ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୨ ମି. ଗତେ ଘ.୦୮।୩୬ମି. ମଧ୍ୟେ ରାହୁକାଳ ।

# ଭାରତୀୟ ଇଞ୍ଜିନିୟରିଂର ଚମତ୍କାରିତା

# ଚେନାବ ରେଳ ବ୍ରିଜ୍



**ଭୁବନେଶ୍ୱର, ୨୦।୪**
**(ଜିତେନ୍ଦ୍ର କୁମାର ନାୟକ)**

କଶ୍ମୀରରୁ କନ୍ୟାକୁମାରୀ। ଭାରତର ଭୌଗୋଳିକ ସ୍ଥିତିକୁ ଦେଖି ଅନେକେ ଏପରି କହିଥାଆନ୍ତି। ଦେଶର ଜୀବନରେଖା ଭାବେ ପରିଚିତ ଭାରତୀୟ ରେଳପଥ ଏବେ କଶ୍ମୀର ସହ କନ୍ୟାକୁମାରୀକୁ ଯୋଡ଼ିବାରେ ସକ୍ଷମ ହେବାକୁ ଯାଉଛି। କାରଣ ପୂର୍ବରୁ ଦୁର୍ଗମ ପ୍ରାକୃତିକ ବୈଶିଷ୍ଟ୍ୟ ଯୋଗୁ ଜମ୍ମୁ ଓ କଶ୍ମୀର ସହ ଜାତୀୟ ରେଳ ନେଟ୍‌ୱର୍କ ସମ୍ପୂର୍ଣ୍ଣ ସ୍ଥାପନ ସମ୍ଭବ ହୋଇପାରୁ ନ ଥିଲା। ଏ ଦିଗରେ ଭାରତୀୟ ଇଞ୍ଜିନିୟରିଂର ଚମତ୍କାରିତା ଭାବେ ଚେନାବ ରେଳ ବ୍ରିଜ୍ ଏବେ ଯାନ୍ତ୍ରିକ କୌଶଳର ନୂଆ ହସ୍ତାକ୍ଷର ଲେଖିଛି। ଚେନାବ ନଦୀ ଉପରେ ଆର୍କ ଆକାରରେ ନିର୍ମିତ ପୋଲ ବିଶ୍ୱର ସବୁଠୁ ଉଚ୍ଚତମ ବ୍ରିଜ୍ ହୋଇଥିବାରୁ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଆଶ୍ଚର୍ଯ୍ୟଚକିତ କଲା ଭଳି ନିର୍ମାଣ କୌଶଳ ଦେଖିବା ଲାଗି ଭାରତୀୟ ରେଳପଥ ପକ୍ଷରୁ ଦେଶର ସାମ୍ବାଦିକ ଓ ୟୁଟ୍ୟୁବରମାନଙ୍କୁ ସେହି ସ୍ଥାନ ପରିଦର୍ଶନ କରାଇବାର ସୁଯୋଗ ସୃଷ୍ଟି କରାଯାଇଥିଲା। ସେଥିରେ ନିଜକୁ ସାମିଲ କରିପାରିଥିବାରୁ ଧନ୍ୟ ମନେ କରୁଛି।

ଏପ୍ରିଲ ୧୫ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆମେ ଜମ୍ମୁ ଅଭିମୁଖେ ଯାତ୍ରା କରିଥିଲୁ। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବାର ଦେଢ଼ ଘଣ୍ଟା ପରେ ଜମ୍ମୁ ବିମାନବନ୍ଦର ଆଡ଼କୁ ମୁହାଁଇଲୁ। ଦିଲ୍ଲୀରୁ ୧ ଘଣ୍ଟା ୧୦ ମିନିଟ୍ ପରେ ଜମ୍ମୁ ବିମାନବନ୍ଦରରେ ପହଞ୍ଚିବା କଥା। କିନ୍ତୁ ପ୍ରତିକୂଳ ପାଗ ଯୋଗୁ ବିମାନ ଅଧଘଣ୍ଟା ଆକାଶରେ ଚକର ମାରିଲା ଓ ନିର୍ଦ୍ଦିଷ୍ଟ ସମୟଠାରୁ ବିଳମ୍ବରେ ଜମ୍ମୁ ବିମାନ ବନ୍ଦରରେ ପହଞ୍ଚିଲୁ। ଜମ୍ମୁରେ ଆର୍ମି ବେସ୍ ଥିବାରୁ ଘୋଷଣା କରି ଦିଆଗଲା କେହି ଫଟୋ ଉତ୍ତୋଳନ କରିପାରିବେ ନାହିଁ। କଡ଼ା ଯାଞ୍ଚ ଭିତରେ ବିମାନବନ୍ଦର ବାହାରକୁ ଗଲୁ। ୧୬ ତାରିଖ ସକାଳୁ ଜମ୍ମୁରୁ ବାହାରି ରିଆସି ଜିଲା ଅନ୍ତର୍ଗତ କାଟରା ଦେଇ ଗନ୍ତବ୍ୟସ୍ଥଳକୁ ଛୁଟି ଚାଲିଥିଲା କାର୍। ପାହାଡ଼ର ବକ୍ଷ ଚିରି ନିର୍ମାଣ କରାଯାଇଥିବା ରାସ୍ତା ଉପରେ ଗଲା ବେଳେ ଦେହ ଶିହରି ଉଠୁଥିଲା। ଲାଗୁଥିଲା ମୁଣ୍ଡ ଉପରେ ଆକାଶ ଆଉ କିଛି ଦୂରରେ ଥିବା ବେଳେ ତଳକୁ ଅନାଇଲେ ଆଖି ପାଉ ନ ଥିବା ଦୂରତା। ପାଗ ସାମାନ୍ୟ ଅନୁକୂଳ ଥିଲେ ମଧ୍ୟ ଭୂସ୍ଖଳନର ଭୟ ପ୍ରତି ମୁହୂର୍ତ୍ତରେ ଭୀତି ସୃଷ୍ଟି କରୁଥିଲା। ଯାତ୍ରା ବେଳେ ଲକ୍ଷ୍ୟ କରୁଥିଲୁ ରାସ୍ତାକଡ଼ ପାହାଡ଼କୁ ଅନେକ ସ୍ଥାନରେ ଜାଲି ଦିଆଯାଇ ତା' ଭିତରକୁ ବିଶାଳ ଲୁହା ରଡ଼ ଭର୍ତ୍ତି କରାଯାଇଛି। ପଥର ଯେଭଳି ନଖସିବ ସେଥିପାଇଁ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ଗାଡ଼ିଚାଳକ ଆମକୁ ବୁଝାଉଥାଆନ୍ତି। ଜମ୍ମୁରୁ ଚେନାବ ବ୍ରିଜ୍ ୧୦୮ କିଲୋମିଟର। ସାଢ଼େ ୩ ଘଣ୍ଟାର ଯାତ୍ରା ପରେ ପହଞ୍ଚିଗଲୁ ଭ୍ୟୁପଏଣ୍ଟରେ। ସେଠାରୁ ସ୍ପଷ୍ଟ ଭାବେ ଆର୍କ ଉପରେ ବିଛାଯାଇଥିବା ରେଳ ପୋଲକୁ ଦେଖି ଫଟୋ ଉଠାଇଲୁ। ଶେଷରେ ଉତ୍କଣ୍ଠାର ଅବସାନ ଘଟିଲା ଓ ଚେନାବ ପୋଲ ମୁଣ୍ଡରେ ପାଖାପାଖି ଦିନ ଗୋଟାଏରେ ଗାଡ଼ି ଅଟକିଲା। ସେଠାରେ ଆମକୁ ଅପେକ୍ଷା କରିଥିବା ନର୍ଦ୍ଦନ ରେଳୱେର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆତ୍ମ ପରିଚୟର ସମସ୍ତ ବିବରଣୀ ଦେବା ପରେ ରେଜିଷ୍ଟରରେ ଦସ୍ତଖତ କଲୁ। ସମୟ ଦିଆଗଲା ୧ ଘଣ୍ଟା। ଏଥର ଭିତରକୁ ପ୍ରବେଶ।

ସବୁ ରେଳଲାଇନ୍ ଭଳି ପଥ ବିଛାଯାଇଥିଲେ ମଧ୍ୟ ଉଭୟ ପାର୍ଶ୍ୱରେ ଥିଲା ତାରଜାଲି ଥିବା ପଦଚଲା ରାସ୍ତା। ଭିତରକୁ ଅନାଇବାରୁ ଦେଖିବାକୁ ପାଇଲୁ ଅନେକ ଯନ୍ତ୍ରପାତି ଖଞ୍ଜାଯାଇଛି। ନର୍ଦ୍ଦନ ରେଳୱେର ସିନିୟର ପିଆର୍‌ଓ ରାଜେଶ ଖେରଙ୍କୁ ଏଭଳି ବ୍ୟବସ୍ଥା ବିଷୟରେ ପଚାରନ୍ତେ ସେ ଉତ୍ତର ଦେଇଥିଲେ ଯେହେତୁ ଜମ୍ମୁ ଓ କଶ୍ମୀର ଭାରତର ସମ୍ବେଦନଶୀଳ ଭୂଖଣ୍ଡ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି। କଥାବାର୍ତ୍ତା ବେଳେ ଜଣାପଡ଼ିଥିଲା ଯେ ଚେନାବ ରେଳ ପୋଲ ଉଧାମପୁର-ଶ୍ରୀନଗର-ବାରମୁଲ୍ଲା ରେଲ୍ ଲିଙ୍କ୍ (ୟୁଏସ୍‌ବିଆର୍‌ଏଲ୍)ର ଅଂଶବିଶେଷ। ଜମ୍ମୁ ଓ କଶ୍ମୀରକୁ ସବୁଦିନିଆ ପରିବହନ ବ୍ୟବସ୍ଥା ମଧ୍ୟକୁ ଆଣିବା ପାଇଁ ଭାରତ ସରକାର କଶ୍ମୀର ଉପତ୍ୟକା ସହ ଭାରତୀୟ ରେଳପଥକୁ ସଂଯୋଗ କରିବା ଲାଗି ୧୯୯୯ରେ ଚିନ୍ତା କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ୨୦୦୨ରେ ଏହା ଜାତୀୟ ପ୍ରକଳ୍ପର ମାନ୍ୟତା ପାଇଥିଲା। ସଡ଼କ ପଥରେ ଜମ୍ମୁ ଓ କଶ୍ମୀରକୁ ସଂଯୋଗ ହେବା ଅସମ୍ଭବ ମନେ କରିବା ପରେ ଏହି ରେଳ ପ୍ରକଳ୍ପ ସେବେଠାରୁ ଆଗେଇ ଚାଲିଥିଲା। ଦୀର୍ଘ ଦୁଇ ଦଶନ୍ଧି ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମୟରେ ଏହା ଫଳବତୀ ହେବାକୁ ଯାଉଛି। ଚେନାବ ନଦୀ ଉପରେ ନିର୍ମିତ ଏହି ରେଳ ପୋଲ ୩୫୯ ମିଟର ଅର୍ଥାତ୍ ୧,୧୭୮ ଫୁଟ ଉଚ୍ଚତାରେ ରହିଛି, ଯାହା ଫ୍ରାନ୍ସ ରାଜଧାନୀ ପ୍ୟାରିସରେ ଅବସ୍ଥିତ ଐତିହାସିକ ଆଇଫେଲ୍ ଟାୱାରଠାରୁ ୩୫ ମିଟର ଉଚ୍ଚ। ଖୁବ୍ ଶୀଘ୍ର ପ୍ରଧାନମନ୍ତ୍ରୀ ଚେନାବ ପୋଲ ଉପରୁ ଏହି ଜାତୀୟ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି।

ପୋଲ ଉପରେ ଘଣ୍ଟେ ରହଣି ବେଳେ ଆଇଫେଲ୍ ଟାୱାରଠାରୁ ଉଚ୍ଚରେ ରହିଥିବା ଭଳି ମନେ କଲାବେଳେ ତଳକୁ ଅନାଇଦେଲି। ଚେନାବର ସ୍ୱଚ୍ଛ ଜଳରାଶି ଓ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ସନ୍ଦର୍ଶନ କଲା ପରେ ଭାବୁଥିଲି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ରେଳବ୍ରିଜ୍ ନିଶ୍ଚିତ ମୋ ଭଳି ଅନ୍ୟମାନଙ୍କୁ ଆକର୍ଷିତ କରିଚାଲୁଥିବ।

### ପୋଲର ବୈଶିଷ୍ଟ୍ୟ

**ଦାୟିତ୍ୱ :** ନର୍ଦ୍ଦନ ରେଲୱେ
**କାର୍ଯ୍ୟକାରୀ ଏଜେନ୍ସି:** ଏମ୍.ଏସ୍. କୋଙ୍କଣ ରେଲୱେ କର୍ପୋରେଶନ
**ଖର୍ଚ୍ଚ:** ୧,୪୮୬ କୋଟି ଟଙ୍କା
**ଠିକାଦାର:** ଏମ୍‌ଏସ୍ ଚେନାବ ବ୍ରିଜ୍ ପ୍ରୋଜେକ୍ଟ ଅଣ୍ଡରଟେକିଂ
**ବ୍ରିଜ୍‌ର ଲମ୍ବ:** ୧,୩୧୫ ମିଟର
**ସ୍ପାନ୍:** ୧୭
**ମୋଟ ଷ୍ଟିଲ୍ ଲାଗିଛି:** ୨୮,୬୬୦ ଟନ୍
**ବ୍ରିଜ୍‌ର ଜୀବନ:** ୧୨୦ ବର୍ଷ

## Business

## ଏସ୍‌ଏଚ୍‌ଜିଙ୍କୁ ୨୦,୦୦୦ କୋଟିର ଋଣ ବଣ୍ଟନ ଲକ୍ଷ୍ୟ

### ଭୁବନେଶ୍ୱରରେ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ମେଗା ଏସ୍‌ଏଚ୍‌ଜି କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୦।୪: (ଅଭୟ ଦାଶ)**

ଦେଶର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଗ୍ରାମୀଣ ସଶକ୍ତୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ସର୍ବଭାରତୀୟସ୍ତରରେ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଏହି ଅଭିଯାନ ଜରିଆରେ ବ୍ୟାଙ୍କ ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶବ୍ୟାପୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ ୨୦,୦୦୦ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରିବା ପାଇଁ ଲକ୍ଷ୍ୟ ରଖିଛି। ସେହିଭଳି ଇଣ୍ଡିଆନ୍ ବ୍ୟାଙ୍କର ବ୍ୟାପକ ରଣନୀତିର ଏକ ଅଂଶ ହେଉଛି, ଏହି ପଦକ୍ଷେପ। ଯାହା ନିଜକୁ ଭାରତର ଅର୍ଥନୈତିକ ଇଞ୍ଜିନର ଏକ ପ୍ରମୁଖ ଚାଳକ ଭାବେ ଅବସ୍ଥାପିତ କରିଛି। ଅପରପକ୍ଷରେ ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍) ଦ୍ୱାରା ସର୍ବଭାରତୀୟ ଉଦ୍ୟମର ଏକ ଅଂଶ ଭାବେ ଏହି କାର୍ଯ୍ୟକ୍ରମ ଏକ କୋଟି ଏସ୍‌ଏଚ୍‌ଜିମହିଳାଙ୍କୁ ଋଣ ସୁବିଧା ସହିତ ସଶକ୍ତ କରିବାର ଜାତୀୟ ଅଭିଯାନରେ ଇଣ୍ଡିଆନ ବ୍ୟାଙ୍କର ଅବଦାନକୁ ଚିହ୍ନିତ କରିଛି। ସେହିପରି ଏହି କାର୍ଯ୍ୟକ୍ରମ 'ବିକଶିତ ଭାରତ ୨୦୪୭' ଉପରେ ପର୍ଯ୍ୟବସିତ ଥିଲାବେଳେ ସରକାରଙ୍କ ଗୁରୁତ୍ୱ ସହ ସମନ୍ୱିତ ରହିଛି, ଯାହାର ଲକ୍ଷ୍ୟ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଏବଂ ମହିଳାଙ୍କ ନେତୃତ୍ୱାଧୀନ ବିକାଶ ସହ କାର୍ଯ୍ୟ କରୁଛି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିୟମଠାରେ ଏକ ମେଗା ସ୍ୱୟଂସହାୟକ ଗୋଷ୍ଠୀ ବା ଏସ୍‌ଏଚ୍‌ଜି କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଥିରେ ସମଗ୍ର ଓଡ଼ିଶାର ଏସ୍‌ଏଚ୍‌ଜିଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗର ସଚିବ ଏମ୍.ନାଗରାଜୁ, ଇଣ୍ଡିଆନ୍ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ବିନୋଦ କୁମାର ଏବଂ ଇଣ୍ଡିଆନ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମହେଶ କୁମାର ବଜାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୋଟ ୯୯୬୧ ଏସ୍‌ଏଚ୍‌ଜିକୁ ୫୦୯.୯୧ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ ସହ ତୃଣମୂଳ ସ୍ତରର ମହିଳା ଉଦ୍ୟୋଗୀମାନଙ୍କୁ ଠିକ୍ ସମୟରେ ଏବଂ ପରିବର୍ତ୍ତନମୂଳକ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସେହିପରି ଏସ୍‌ଏଚ୍‌ଜି ସଦସ୍ୟଙ୍କ ସଫଳତାର କାହାଣୀ ଏବଂ ହସ୍ତଶିଳ୍ପ, କୃଷି ପ୍ରକ୍ରିୟାକରଣ ଏବଂ ବୟନଶିଳ୍ପ ଭଳି ବିଭିନ୍ନ କ୍ଷେତ୍ରରେ ଏସ୍‌ଏଚ୍‌ଜି ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା।



ଏସ୍‌ଏଚ୍‌ଜି ମହିଳାଙ୍କୁ ଅର୍ଥ ସଚିବ ଏମ୍. ନାଗରାଜୁ ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରୁଛନ୍ତି। ଏହି ଅବସରରେ ଇଣ୍ଡିଆନ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ବଜାରରେ ଏସର ରେଞ୍ଜ

**ଭୁବନେଶ୍ୱର,୨୦।୪**

ଇଣ୍ଡକାଲ ଟେକ୍ନୋଲୋଜିଜ୍‌ର ବହୁ ପ୍ରତୀକ୍ଷିତ ସ୍ମାର୍ଟଫୋନ ତଥା ଏସର ବ୍ରାଣ୍ଡ ଅଧୀନରେ ୨ଟି ମଡେଲ (ଏସର ସୁପର ଜେଡଏକ୍ସ ଏବଂ ଆସେର ସୁପରଜେଡ ଏକ୍ସ ପ୍ରୋ) ବା ଆସେର ରେଞ୍ଜର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଅପରପକ୍ଷରେ ଏସର ଇନ କର୍ପୋରେଟେଡ଼ ସହିତ ଟ୍ରେଡମାର୍କ ଲାଇସେନ୍ସ ଚୁକ୍ତିବଦ୍ଧ ହୋଇ ବ୍ରାଣ୍ଡର ଏହି ଦୁଇଟି ସ୍ମାର୍ଟଫୋନ ତଥା ସୁପରଜେଡ ଏକ୍ସ ଶୃଙ୍ଖଳର ଦୁଇଟି ମଡ଼େଲକୁ ଭର୍ଚୁଆଲ କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଛି। ସେହିଭଳି ଏହି ଆସେର ସୁପର ଜେଡଏକ୍ସ ଏବଂ ଆସେର ସୁପରଜେଡ ଏକ୍ସ ପ୍ରୋ ସମସ୍ତ ପ୍ରିମିୟମ ବିଶେଷତ୍ୱକୁ ନେଇ ଡିଜାଇନ ସହ ଆସିବା ସହିତ ଏକ ପ୍ରତିଯୋଗୀମୂଳକ ମୂଲ୍ୟ ବିନ୍ଦୁ ତଥା ଆଧୁନିକତମ ଜ୍ଞାନକୌଶଳକୁ ସୁନିଶ୍ଚିତ କରିଛି, ଯାହାକି ସମଗ୍ର ଭାରତୀୟ ଗ୍ରାହକଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି।

## ୨୫ରୁ ଆରସିଏମ୍‌ର ମେଗା ବି ଫେଷ୍ଟ 'ବ୍ରହ୍ମାସ୍ତ୍ର ୩.୦'



ଖବରଦାତା ସମ୍ମିଳନୀରେ ଆର୍‌ସିଏମ୍‌ର ଅଧିକାରୀମାନେ 'ବ୍ରହ୍ମାସ୍ତ୍ର ୩.୦'ର ପୋଷ୍ଟରକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୦।୪**

ରିଜିଓନାଲ କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟ (ଆର୍‌ସିଏମ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମେଗା ବି-ଫେଷ୍ଟ 'ବ୍ରହ୍ମାସ୍ତ୍ର ୩.୦'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ୫ ଦିନିଆ ପ୍ରତିଯୋଗିତା ୨୦୨୫ ଏପ୍ରିଲ ୨୫ରୁ ଭୁବନେଶ୍ୱରରେ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଆରସିଏମ୍ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ଆରସିଏମ୍‌ର ନିର୍ଦ୍ଦେଶକ ଡ. ପ୍ରୀତମ ପାଲ୍, ଆରଜିବିଏସ୍‌ର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପାଲ୍‌ଙ୍କ ସମେତ ଡ. ମନୋଜ କୁମାର ସତପଥୀ, ଡ. ଶ୍ରଦ୍ଧା ପାଢ଼ୀ, ପ୍ରଜ୍ଞା ଆନନ୍ଦ ମିଶ୍ର, ପ୍ରଫେସର ପ୍ରଜ୍ଞା ପାରମିତା ଦାସ, ଡ. ମୋନାଲିସା ମିଶ୍ର, ପ୍ରଫେସର ଶବନୁର ଖାତୁନ୍ ପ୍ରମୁଖ ଉପସ୍ଥିତ ରହି 'ବ୍ରହ୍ମାସ୍ତ୍ର ୩. ୦'ର ଆଭିମୁଖ୍ୟ ବିଷୟରେ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଏହି ମେଗା-ଇଭେଣ୍ଟ ଅନେକ ଗୁଣରେ ବୃଦ୍ଧି କରାଯାଇଛି, ଯେଉଁଥିରେ ପରିଚାଳନା ଏବଂ ଆଇଟି ପ୍ରତିଯୋଗିତା, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟ ଫିଏଷ୍ଟା/ପ୍ରତିଯୋଗିତା ଏବଂ ଦ୍ରୋଣ, ଏକ ଅନନ୍ୟ ଅଧ୍ୟାପକ ନିବେଶ କାର୍ଯ୍ୟକଳାପ ଏବଂ ପ୍ରତିଯୋଗିତା ଭଳି ୩୭ଟି ଇଭେଣ୍ଟ ଅନ୍ତର୍ଭୁକ୍ତ ହୋଇଛି। ଦୀର୍ଘ ୫ ଦିନ ବ୍ୟାପୀ ଏହି ପ୍ରତିଯୋଗିତା ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୨୦୨୫ ଏପ୍ରିଲ ୨୫ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ସରକାରଙ୍କ ଫ୍ଲାଗ୍‌ଶିପ ଯୋଜନାର ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୦।୪**

ଦେଶବାସୀଙ୍କ ଉଦ୍ଦେଶ୍ୟରେ ସରକାର ପ୍ରଚଳନ କରିଥିବା ବିଭିନ୍ନ ଫ୍ଲାଗଶିପ ଯୋଜନାର ଏକ ସମୀକ୍ଷା ବୈଠକ ଭୁବନେଶ୍ୱରର ହୋଟେଲ ମେ ଫେୟାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗରାଜୁଙ୍କ ଦ୍ୱାରା ଏସି, ସିଡି ରେସିଓ, ସାମାଜିକ ସୁରକ୍ଷା ଯୋଜନା ଏବଂ ସରକାରଙ୍କ ବିଭିନ୍ନ ଫ୍ଲାଗଶିପ ଯୋଜନାର ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରଧାନ ସଚିବ, ଆର୍‌ବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ, ସିଡିବିର ସିଏମ୍‌ଡି, ୟୁକୋ ବ୍ୟାଙ୍କର ଏମ୍‌ଡି ଏବଂ ସିଇଓ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ପିଏନ୍‌ବି, ଇଣ୍ଡିଆନ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ଆଇଓବି, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏବଂ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନଙ୍କ ସହ ନାବାର୍ଡର ଡେପୁଟି ଏମ୍‌ଡି ମଧ୍ୟ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଯୋଜନା, ସିଏସ୍ ପ୍ଲସ୍‌ରେ ରାଜ୍ୟ ସରକାରଙ୍କ ସହଯୋଗ ଇତ୍ୟାଦି ବିଭିନ୍ନ ସଫଳତାରେ ଏସ୍‌ଏଲ୍‌ବିସିର କାର୍ଯ୍ୟକଳାପକୁ ଏମ୍. ନାଗରାଜୁ ପ୍ରଶଂସା କରିବା ସହିତ ଗତ କିଛି ବର୍ଷ ଧରି ଓଡ଼ିଶାରେ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ବୃଦ୍ଧି କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଥିଲେ। ତତ୍‌ସହିତ ଗୃହ ଋଣ ଏବଂ ଶିକ୍ଷା ଋଣ କ୍ଷେତ୍ରରେ ବ୍ୟାଙ୍କଗୁଡିକ ଅଧିକ କାର୍ଯ୍ୟ କରିବାକୁ ପରାମର୍ଶ ମଧ୍ୟ ଦେଇଥିଲେ। ସିଡିବିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ମନୋଜ ମିଲ୍ ଋଣଗୁଡିକର ସିଜିଟିଏମ୍‌ଏସ୍‌ଇ କଭରେଜ ଏବଂ ଉଦ୍ୟମ ସହାୟକ ପୋର୍ଟାଲର 'ପ୍ରୟାସ' ମଡେଲ ବିଷୟରେ ସୂଚନା ଦେଇଥିଲାବେଳେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏସି ସଫଳତା, ସିଡି ରେସିଓ, ସାମାଜିକ ସୁରକ୍ଷା ଏବଂ ସରକାରୀ ଯୋଜନା ବିଷୟରେ ପ୍ରତିଟି ଏସ୍‌ଏଲ୍‌ବିସି ବୈଠକରେ ବିଶଦ ଆଲୋଚନା ହେଉଥିବା କଥା ଅବଗତ କରାଇଥିଲେ।

## ଖିମ୍‌ଜୀ ଜୁଏଲର୍ସର 'ଦି ଗ୍ରାଣ୍ଡ୍ ଅକ୍ଷୟ ତୃତୀୟା ସେଲ୍'

**ଭୁବନେଶ୍ୱର,୨୦।୪**

ଖିମ୍‌ଜୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ଯୋଜନା 'ଦି ଗ୍ରାଣ୍ଡ୍ ଅକ୍ଷୟ ତୃତୀୟା ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ୍ ଉପରେ ଖିମ୍‌ଜୀ ଆକର୍ଷଣୀୟ ରିହାତି ସୁନା ଓ ହୀରା ଅଳଙ୍କାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ଏବଂ ହୀରା ଉପରେ ମାଗଣା ବୀମା ପ୍ରଦାନ କରୁଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଏମ୍‌ଡି ମିତେଶ ଖିମ୍‌ଜୀ କହିଛନ୍ତି, ଓଡ଼ିଶା ବଜାରରେ ଆମେ ଯୋଗାଇଦେଉଥିବା ଅଫର ଓ ରିହାତି ସବୁ ବର୍ଗର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି। ଏପରିକି ଏହା ଆମର ଅନ୍ୟତମ ସର୍ବବୃହତ୍ ସେଲ୍ ହୋଇଥିଲାବେଳେ ଗ୍ରାହକଙ୍କୁ ପୂର୍ଣ୍ଣାଙ୍ଗ ସୁନା ଓ ହୀରା ଅଳଙ୍କାର ବର୍ଗର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ସେହିଭଳି ଆମେ ଅକ୍ଷୟ ତୃତୀୟା ପାଳନ କରିବା ସମୟରେ ଆମେ ଆମର ବହୁମୂଲ୍ୟ ଗ୍ରାହକଙ୍କୁ ଏହି ଅନନ୍ୟ ଅଫର ଯୋଗାଇଦେଇ ଖୁସି ଅନୁଭବ କରୁଛୁ। ଏଥିସହ ଆମେ ଆନନ୍ଦର ସହିତ ଜୀବନବ୍ୟାପୀ ବାଏ ବ୍ୟାକ୍ ଗ୍ୟାରେଣ୍ଟି ପ୍ରଦାନ କରୁଛୁ। ଖିମ୍‌ଜୀ ଜୁଏଲର୍ସ ଅତୁଳନୀୟ ଗୁଣବତ୍ତା ଓ ସେବା ଯୋଗାଣ ନିମନ୍ତେ ନିଜର ପ୍ରତିବଦ୍ଧତା ପାଇଁ ସେହି ମହାନ୍ ହୃଦୟଗୁଡ଼ିକରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଯାହା ଓଡ଼ିଶାରେ ଏହାର ସର୍ବାଧିକ ବିଶ୍ୱସନୀୟ ଜୁଏଲର ମାନ୍ୟତାକୁ ସୁଦୃଢ଼ କରିଛି। ସେହିପରି ଗ୍ରାହକମାନେ ଏଥିରେ ସାମିଲହେବା ସହ ଉଲ୍ଲେଖନୀୟ ସଞ୍ଚୟ ଉପଭୋଗ କରିବା ନିମନ୍ତେ ଏହି ଅନନ୍ୟ ଶପିଂ ଉତ୍ସବରେ ଯୋଗଦେବାକୁ ଖିମ୍‌ଜୀ ପକ୍ଷରୁ ସମସ୍ତଙ୍କୁ ସାଦର ଆମନ୍ତ୍ରଣ କରାଯାଉଛି। ଏଥିସହ ଖିମ୍‌ଜୀ ଜୁଏଲର୍ସ ତା'ର ବହୁମୂଲ୍ୟ ଗ୍ରାହକଙ୍କ ନିମନ୍ତେ ବହୁବିଧ ଆକର୍ଷଣୀୟ ଫାଇଦା ମଧ୍ୟ ଯୋଗାଇ ଦେଉଛି। ଏହି ସ୍ୱତନ୍ତ୍ର ଅଫର ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡ଼ା ଏବଂ ରାଉରକେଲା ଭଳି ପ୍ରମୁଖ ସହରର ଷ୍ଟୋରଗୁଡ଼ିକରେ ଉପଲବ୍ଧ।



ଅକ୍ଷୟତୃତୀୟା ସେଲ୍ ଘୋଷଣା ଅବସରରେ ଖିମ୍‌ଜୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ଲାଲ୍‌ଚନ୍ଦ୍‌ର ଅକ୍ଷୟ ତୃତୀୟା ଅଫର

**ଭୁବନେଶ୍ୱର,୨୦।୪**

ଲାଲ୍‌ଚନ୍ଦ୍ ଜୁଏଲର୍ସର ବହୁ ପ୍ରତୀକ୍ଷିତ ସ୍କିମ୍ 'ଅକ୍ଷୟ ତୃତୀୟା ଅଫର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲ୍‌ମାର୍କ୍ ସୁନା ଅଳଙ୍କାର ଏବଂ ହୀରା ଅଳଙ୍କାର ଉପରେ ଗ୍ରାମ୍ ପ୍ରତି ମେକିଂ ଚାର୍ଜ ଫ୍ଲାଟ୍ ୯୯୯ ଟଙ୍କା ରଖାଯାଇଛି। ଏହା ସହ ନିର୍ଦ୍ଦିଷ୍ଟ ୨୨କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଅଳଙ୍କାର ଉପରେ ମେକିଂ ଚାର୍ଜ ଗ୍ରାମ୍ ପ୍ରତି ଫ୍ଲାଟ୍ ୬୯୯ ଟଙ୍କା ରଖାଯାଇଛି। ସେହିଭଳି ଲାଲ୍‌ଚନ୍ଦ୍‌ର ଏହି ସର୍ବନିମ୍ନ ମେକିଂ ଚାର୍ଜ ଗ୍ରାହକମାନଙ୍କ ପାଇଁ ସୁନା କିଣିବାକୁ ଏକ ବଡ଼ ସୁଯୋଗ ସୃଷ୍ଟି କରିବ। ଏହା ସହ ୧ ଲକ୍ଷ ଟଙ୍କା ମୂଲ୍ୟର ହୀରା ଅଳଙ୍କାର କ୍ରୟକଲେ ଏକ ସ୍ୱର୍ଣ୍ଣମୁଦ୍ରା ମାଗଣା ମିଳିବ ଏବଂ ୨ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର କ୍ରୟରେ ମଧ୍ୟ ଏକ ସ୍ୱର୍ଣ୍ଣ ମୁଦ୍ରା ମାଗଣା ଦିଆଯିବ। ସେହିପରି ୨୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର କ୍ରୟରେ ଗ୍ରାହକମାନେ ମାଗଣା ଉପହାର ପାଇବେ ଏବଂ ରୁପା ଅଳଙ୍କାରର ମେକିଂ ଚାର୍ଜରେ ୫୦% ରିହାତି, ବ୍ରାଣ୍ଡେଡ୍ ରୁପା ସାମଗ୍ରୀ ଉପରେ ୧୫% ରିହାତି ଏବଂ ନିର୍ଦ୍ଦିଷ୍ଟ ହାତଘଣ୍ଟାର ଏମ୍‌ଆର୍‌ପି ଉପରେ ୨୦% ରିହାତି ଘୋଷଣା କରାଯାଇଛି। ଅପରପକ୍ଷରେ ଲାଲ୍‌ଚନ୍ଦ୍ ପୁରୁଣା ଏଚ୍‌ୟୁଆଇଡି ସୁନା ଅଳଙ୍କାର ବଦଳାଇ ୧୦୦% ସୁନା ମୂଲ୍ୟ ପ୍ରଦାନ କରୁଛି, ଯାହା ଗ୍ରାହକଙ୍କ ପାଇଁ ଅଧିକ ଲାଭ ଦାୟକ ହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଲାଲ୍‌ଚନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି, ଏପ୍ରିଲ୍, ମେ ଓ ଜୁନ ମାସ ପାଇଁ ପରବର୍ତ୍ତୀ ଲକ୍ଷପତି ଲକି ଡ୍ର ଜୁଲାଇ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ।

LALCHND
Trusted Brand Since 1948

ସଂସାର ବା ଜଗତ ପାଖରେ ହାରିଯାଇ ତୁମେ ଭଗବାନଙ୍କୁ ଧରିବା ପାଇଁ ଧାଇଁଛ ? ସଂସାର ଯଦି ତୁମଠାରୁ ବେଶି ବଳବାନ୍ ହୁଏ– ତେବେ ତୁମେ କ'ଣ ଭାବୁଛ ଭଗବାନ୍ ସଂସାରଠାରୁ ଦୁର୍ବଳତର ? ବରଂ ଈଶ୍ୱରଙ୍କ ପାଖକୁ ଆସ– ତାଙ୍କ ଆଦେଶ ପାଳନ ପାଇଁ। ଏବଂ ତାଙ୍କଠାରୁ ସେହି ଆଦେଶ ପ୍ରାର୍ଥନା କର। –ଶ୍ରୀଅରବିନ୍ଦ



# ଭାଷା ଭେଳିକି

ସାଧାରଣରେ କୁହାଯାଇଥାଏ ଆମେ ଭାରତୀୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ। ସମ୍ବିଧାନରେ ସବୁ ପ୍ରକାର ନିରପେକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ବାସ୍ତବରେ ଦେଖିଲେ ଏଠାରେ ତା'ର ଓଲଟା ପ୍ରତିଫଳନ ହେଉଛି। ଜାତିଗତ ବିଭେଦ, ଉଚ୍ଚ ନୀଚ ପ୍ରଭେଦ, ଲୋକମାନଙ୍କ ପାଇଁ ଧର୍ମକୁ ଅଫିମ କରି ଦିଆଯିବା ପରେ ଭାଷାକୁ ନେଇ ଏବେ ରାଜନୀତି ସର୍ବୋଚ୍ଚରେ ପହଞ୍ଚାଇ ଦିଆଗଲାଣି। ଭାଷା ବିଭାଜନର ଐତିହାସିକ ପୃଷ୍ଠଭୂମିକୁ ଦେଖିଲେ ୧୯୫୦ରୁ ୧୯୬୦ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ଭାଷା ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସେଥିମଧ୍ୟରୁ ତାମିଲନାଡୁ ଉପରେ ହିନ୍ଦୀ ଭାଷାକୁ ଲଦି ଦିଆଯିବା ଘଟଣାରୁ ସେତେବେଳେ କିଭଳି ହିଂସାତ୍ମକ ସ୍ଥିତି ଉପୁଜିଥିଲା, ତାହା ଇତିହାସ ହୋଇ ରହିଛି। ଏବର ସମୟକୁ ଦେଖିଲେ କେନ୍ଦ୍ରର ଜାତୀୟ ଶିକ୍ଷା ନୀତି–୨୦୨୦ ଅନୁଯାୟୀ ୩ ଭାଷା ସୂତ୍ର ମଧ୍ୟରେ ପୁଣି ସେହି ହିନ୍ଦୀ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ କଣ୍ଟା ହୋଇ ଛିଡ଼ା ହୋଇଛି। ତାମିଲନାଡୁ ଓ କେରଳ ପରେ ହିନ୍ଦୀ ଲଦିଦେବାରୁ ବିରୋଧ ନିଆଁ ଏବେ ମହାରାଷ୍ଟ୍ରରେ ପହଞ୍ଚିଛି। ମରାଠୀ ଭାଷା ମହାରାଷ୍ଟ୍ରବାସୀଙ୍କ ଅସ୍ମିତାର ପ୍ରତୀକ ହୋଇଥିବା ବେଳେ ସେଠାକାର ସ୍କୁଲଗୁଡ଼ିକରେ ପ୍ରଥମରୁ ପଞ୍ଚମ ଯାଏ ହିନ୍ଦୀ ଶିକ୍ଷାଦାନକୁ ବାଧ୍ୟତାମୂଳକ କରାଯିବା ପାଇଁ ସରକାରୀ ଘୋଷଣା ହୋଇଛି। ଭାଜପା ପରିଚାଳିତ ମହାୟୁତି ସରକାରର ନିଷ୍ପତ୍ତିକୁ ବିରୋଧ କରି ଶିବସେନା (ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ତାଙ୍କ କକା ପୁଅ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ରାଜ୍ ଠାକ୍‌ରେ ଏକାଠି ହେବାର ସଙ୍କେତ ଦେଲାଣି।

> ଗତ ନିର୍ବାଚନ ପ୍ରମାଣ କରିଦେଲା ଯେ କେବଳ ଅଯୋଧ୍ୟାରେ ପରାଜୟ ଅଟକି ଗଲାନାହିଁ, ସମଗ୍ର ହିନ୍ଦୀଭାଷୀ ଅଞ୍ଚଳରେ ଭାଜପାର ଶକ୍ତି ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି। ସେହି ଅଞ୍ଚଳର ପୁନର୍ବାର ଶକ୍ତି ବୃଦ୍ଧି ପାଇଁ ୱାକ୍‌ଫ ଆଇନଠାରୁ ଆରମ୍ଭ କରି ଅନ୍ୟ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଲଦିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ପ୍ରେମ ହିନ୍ଦୀ ପାଇଁ ନୁହେଁ, ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଶକ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା।

ଦେଖିବାକୁ ଗଲେ ଗତ ୨୦୨୪ ନିର୍ବାଚନରେ ଭାଜପାର ବାରମ୍ବାର ଡାକରା ଥିଲା 'ଅବ୍‌କି ବାର୍ ୪୦୦ ପାର୍'। ଏପରିକି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ୍ ଶାହା ଏହି ଧ୍ୱନିକୁ ବାରମ୍ବାର ନିର୍ବାଚନୀ ସଭାରେ କହୁଥିବାର ଦେଖାଯାଇଥିଲା। ଏହା ସତ୍ତ୍ୱେ ଭାଜପାକୁ ଏକାକୀ ସଂଖ୍ୟାଗରିଷ୍ଠତା ମିଳିପାରିଲା ନାହିଁ, ଯେଉଁଥିପାଇଁ ଆନ୍ଧ୍ରପ୍ରଦେଶର ଟିଡିପି ଓ ବିହାରର ଜେଡିୟୁ ସହିତ ମିଳିତ ସରକାର କରିବାକୁ ମୋଦି ବାଧ୍ୟ ହେଲେ। ଗତ ନିର୍ବାଚନ ଆହୁରି ମଧ୍ୟ ପ୍ରମାଣ କରିଦେଲା ଯେ କେବଳ ଅଯୋଧ୍ୟାରେ ପରାଜୟ ଅଟକି ଗଲାନାହିଁ, ସମଗ୍ର ହିନ୍ଦୀଭାଷୀ ଅଞ୍ଚଳରେ ଭାଜପାର ଶକ୍ତି ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି। ସେହି ଅଞ୍ଚଳର ପୁନର୍ବାର ଶକ୍ତି ବୃଦ୍ଧି ପାଇଁ ୱାକ୍‌ଫ ଆଇନଠାରୁ ଆରମ୍ଭ କରି ଅନ୍ୟ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଲଦିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ପ୍ରେମ ହିନ୍ଦୀ ପାଇଁ ନୁହେଁ, ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଶକ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା। ନିକଟ ଭବିଷ୍ୟତରେ ଓଡ଼ିଶାରେ ମଧ୍ୟ ହିନ୍ଦୀକୁ ଆହୁରି ଅଧିକ କଡ଼ାକଡ଼ି ପ୍ରଚଳନ କରାଇବାର ମସୁଧା କରାଯାଉଛି।

ୱାକ୍‌ଫ ଓ ହିନ୍ଦୀ ଭାଷା ଭଳି ପ୍ରସଙ୍ଗକୁ ଦେଶବାସୀଙ୍କ ଆଡ଼କୁ ମୁହାଁଇ ଦେଇପାରିଲେ ବିଫଳ ଆର୍ଥିକ ନୀତିଠାରୁ ଦୃଷ୍ଟି ଏଡ଼ାଇ ଦିଆଯାଇପାରିବ। ଗତ ଦଶନ୍ଧି ମଧ୍ୟରେ ଭାରତର ଉତ୍ପାଦନ କ୍ଷମତା ନୈରାଶ୍ୟଜନକ ହୋଇପଡ଼ିଛି। ସେହି ଶକ୍ତିକୁ ପୁନର୍ଜୀବିତ କରିବା ପାଇଁ ସରକାରଙ୍କ କୌଣସି ଦୀର୍ଘମିଆଦୀ ନୀତି ସ୍ପଷ୍ଟ କରାଗଲା ନାହିଁ। ଅପରପକ୍ଷେ ହାତଗଣତି କେତେଜଣ ଶିଳ୍ପପତିଙ୍କୁ ଅଭୂତପୂର୍ବ ଲାଭ ପ୍ରଦାନ କରିବା ସହିତ ଜାତୀୟ ସମ୍ପତ୍ତି ଧରାଇଦେବା ଫଳରେ ଉତ୍ପାଦନ କ୍ଷେତ୍ର ବାଧାପ୍ରାପ୍ତ ହେଲା। ଗୋଟିଏ ଦୁଇଟି ମୋବାଇଲ୍ ଫୋନ୍ କାରଖାନା ଏବଂ କେତୋଟି ମୋଟରଗାଡ଼ି ତିଆରି କାରଖାନା ବ୍ୟତୀତ ଗଣେଶ ପୂଜାର ଗଣେଶ ମୂର୍ତ୍ତି ମଧ୍ୟ ଚାଇନାରୁ ଆମଦାନୀ କରାଯାଉଛି, ଯାହାଫଳରେ ଦେଶର ଅର୍ଥ ବିଦେଶକୁ ଚାଲିଯାଉଛି। ବିଶ୍ୱ ଅର୍ଥନୀତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭୂମିକା ବୃଦ୍ଧି ପାଇବା ଫଳରେ ଭାରତ ସମ୍ପୂର୍ଣ୍ଣ ଭାବେ ଅପ୍ରସ୍ତୁତ ପରିସ୍ଥିତିରେ ପଡ଼ିଯାଇଛି। ଭାରତର ମୁଖ୍ୟ ଏବଂ ଏକମାତ୍ର ଶତ୍ରୁ ଚାଇନା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ହେବାକୁ ଆମ ଦେଶ ଯାଉଛି। ନିକଟ ଭବିଷ୍ୟତରେ ବୁଝା ପଡ଼ି ନ ପାରେ। କିନ୍ତୁ ଭାରତର ଅର୍ଥନୈତିକ ଭବିଷ୍ୟତ ଆହୁରି ଅଧିକ ଦୁର୍ବଳ ଓ ଦୋଦୁଲ୍ୟମାନ ହେବା ନିଶ୍ଚିତ।

## ମଣିଷ ଦର



ଡ. ସତ୍ୟନାରାୟଣ ମିଶ୍ର

ସାମଗ୍ରିକ ଭାବେ ବିଚାରକଲେ ଦର ହେଉଛି ଏକ ମୂଲ୍ୟ ନିରୂପଣର ମାଧ୍ୟମ। ତେବେ ବସ୍ତୁ, ସାମଗ୍ରୀ ଆଦି ଯଥାର୍ଥରେ ମୂଲ୍ୟ ନିରୂପଣ ଯୋଗ୍ୟ ବା କରିବା ବିଧେୟ, ଯେଉଁଥିରେ ନିହିତ ଥାଏ ଆବଶ୍ୟକତା। ମାତ୍ର ମଣିଷର ଦର କଥା ଆଲୋଚନାକଲେ ସ୍ୱତଃ ଏକ ପ୍ରଶ୍ନ ମନକୁ ଆନ୍ଦୋଳିତ କରେ ସତରେ ମଣିଷ କ'ଣ ଗୋଟିଏ ବିକ୍ରୟ ବା କ୍ରୟବସ୍ତୁ, ଯାହାକୁ ମୂଲ୍ୟ ବା ଦରରେ ମୂଲ୍ୟାୟନ କରାଯାଏ। ସାମ୍ପ୍ରତିକ ସମାଜରେ ପ୍ରାୟ ସମସ୍ତ ମଣିଷର ଦର ନିରୂପଣ ହୋଇଥାଏ। କେତେକ ଆନୁଷ୍ଠାନିକ ଭାବେ ହୋଇଥାଏ ତ ଆଉ କେତେକ ଅଣାନୁଷ୍ଠାନିକ ଭାବେ ହୋଇଥାଏ। ମଣିଷର ଦର ସାମ୍ପ୍ରତିକ ସମାଜରେ ନିଶ୍ଚିତଭାବେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ, ଯାହାର ଦର ଯେତେ ଅଧିକ ତାହାର ମାନ୍ୟତା ସମାଜରେ ସେତେ ଅଧିକ। ମଣିଷକୁ ସମ୍ମାନ, ଆଦର, ସ୍ନେହ, ଆତିଥ୍ୟ, ବ୍ୟବହାର ଆଦି ମଣିଷର ଦର ଉପରେ ଆଧାରିତ ବୋଲି ସ୍ପଷ୍ଟ ପ୍ରମାଣ ହୋଇଥାଏ। ମଣିଷ ହେଉଛି ସୃଷ୍ଟିରେ ଏକମାତ୍ର ପ୍ରାଣୀ ଯିଏ ନିଜ କାର୍ଯ୍ୟ ପାଇଁ ଦାୟୀ ରହିଥାଏ, କାରଣ ମାନବିକ ମୂଲ୍ୟବୋଧ ହେଉଛି ମୂଳ ମୂଲ୍ୟ ଯାହା ବ୍ୟକ୍ତିତ୍ୱ ଗଠନକରେ ଓ ଜୀବନରେ ବ୍ୟକ୍ତି କିପରି କାର୍ଯ୍ୟ କରେ ତାହା ବ୍ୟାଖ୍ୟାକରେ। ସମାଜ ପାଇଁ ଏହି ମୂଲ୍ୟବୋଧକୁ ଚିହ୍ନିବା ଓ ଏହାକୁ ସାମାଜିକ ବ୍ୟବସ୍ଥା, ଅନୁଷ୍ଠାନ ତଥା ସଙ୍ଗଠନରେ ସ୍ପଷ୍ଟକରିବା ଅତ୍ୟନ୍ତ ଜରୁରୀ। ମଣିଷ ମୂଲ୍ୟବୋଧର ଅନେକ ଭିନ୍ନ ଦିଗ ହେଉଛି ଅଖଣ୍ଡତା, ନୈତିକତା ଓ ଦୟା। ଏହାର ଅର୍ଥ ହେଉଛି କେତେଜଣ ବ୍ୟକ୍ତି ପାଇଁ ଗୋଟିଏ ପ୍ରସଙ୍ଗ ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ରହିଥିବାବେଳେ ଅନ୍ୟ ପ୍ରସଙ୍ଗରେ ଅନ୍ୟ ବ୍ୟକ୍ତି ପାଇଁ ତାହା ସମ୍ପୂର୍ଣ୍ଣ ଭିନ୍ନ ମୂଲ୍ୟ ଥାଇପାରେ। ତେଣୁ ମୂଲ୍ୟବୋଧର ଏକ ନିର୍ଦ୍ଦିଷ୍ଟ ଦିଗ ହେଉଛି ଆତ୍ମ ସମ୍ମାନର ଧାରଣା। ଆତ୍ମସମ୍ମାନର ଦୁଇଟି ରୂପ ଅଛି: ଆଭ୍ୟନ୍ତରୀଣ ଓ ବାହ୍ୟ। ବାହ୍ୟ ଆତ୍ମସମ୍ମାନ ଅନ୍ୟମାନଙ୍କ ସହ ବ୍ୟକ୍ତିକୁ କିପରି ଅନୁଭବ କରେ, ମାତ୍ର ଆଭ୍ୟନ୍ତରୀଣ ଆତ୍ମସମ୍ମାନ ନିଜକୁ କିପରି ଅନୁଭବ କରୁଛି, ତାହା ଶିକ୍ଷା ଦିଏ। ମୂଲ୍ୟବୋଧ ହେଉଛି ସଚ୍ଚୋଟତା, ନ୍ୟାୟ, ସମ୍ମାନ, ଦାୟିତ୍ୱ, ଯତ୍ନ ଓ ଦକ୍ଷ ନାଗରିକତା। ସଚ୍ଚୋଟତା କେବଳ ସତ୍ୟ କହିବା ନୁହେଁ, ବରଂ ବ୍ୟକ୍ତି କେତେ ମାତ୍ରାରେ ବିଶ୍ୱାସଯୋଗ୍ୟ ହୋଇପାରୁଛି ତାହା ସୂଚିତ କରେ। ନିରପେକ୍ଷତା କେବଳ ସୁନିଶ୍ଚିତ କରି ନ ଥାଏ ଯେ ମୌନ ରହି ନିରପେକ୍ଷତା ଅବଲମ୍ବନ ବରଂ ସମାଜ ସହ ନୈତିକ ବ୍ୟବହାର କରିବା ହେଉଛି ନିରପେକ୍ଷତା। ସମ୍ମାନ ମୌଳିକ ଭଦ୍ରତା ଓ ଉତ୍ତମ ଆଚରଣ ବାହାରେ ଯାହା ଅନ୍ୟର ସଫଳତାକୁ ଚିହ୍ନିବା ସହିତ ସେମାନଙ୍କର ପାର୍ଥକ୍ୟକୁ ଅନ୍ତର୍ଭୁକ୍ତ କରେ। ଦାୟିତ୍ୱ ଅନ୍ୟମାନଙ୍କ ପାଇଁ ଯତ୍ନନେବା ଆବଶ୍ୟକ,ମାତ୍ର ତାହା ନିୟମର ପରିଧି ମଧ୍ୟରେ କେତେ ସ୍ୱୀକାରଯୋଗ୍ୟ ତାହା ସୁନିଶ୍ଚିତ କରିବା



ଉଚିତ। ଯତ୍ନନେବା କେବଳ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ପାଇଁ ଭାବପ୍ରବଣ ସମର୍ଥନ ଯୋଗାଇବା ନୁହେଁ, ବରଂ ବ୍ୟକ୍ତିଗତ ଭାବରେ ନିଜ ପାଇଁ କିଛି ନ ଥିଲେ ମଧ୍ୟ ଅନ୍ୟର ଆବଶ୍ୟକତା ପାଇଁ ଚିନ୍ତା ସହ କାର୍ଯ୍ୟ କରିବାକୁ ବୁଝାଇଥାଏ। ନାଗରିକତ୍ୱର ଅର୍ଥ ହେଉଛି ନିଜ ଦେଶର ବିଶ୍ୱସ୍ତ ନାଗରିକ ହେବା, କିନ୍ତୁ ସମଗ୍ର ବିଶ୍ୱରେ ନ୍ୟାୟ ଓ ଶାନ୍ତି ପ୍ରତିପାଦନ କରିବା। ଆଲବର୍ଟ ଆଇନ୍‌ଷ୍ଟାଇନ ଥରେ କହିଥିଲେ, ମଣିଷ ନିଜକୁ ଅଧିକ ମୂଲ୍ୟବାନ୍ ବା ଦାମୀ ଭାବୁଥାଉ, ମାତ୍ର ଉକ୍ତ ବ୍ୟକ୍ତି ମଧ୍ୟ ଅନ୍ୟମାନଙ୍କ ପ୍ରତି ସଚ୍ଚୋଟତା, ସମାନତା ବା ସହାନୁଭୂତି ରକ୍ଷା କରିବା ଉଚିତ। ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନଙ୍କର ସଫଳତା ମାର୍କ ଦ୍ୱାରା ମୂଲ୍ୟାୟନ କରାଯାଏ, ବୃତ୍ତିରେ ସଫଳତା ଟଙ୍କା ଦ୍ୱାରା ମାପ କରାଯାଉଥିବା ବେଳେ ଅନେକ କ୍ଷେତ୍ରରେ ବ୍ୟକ୍ତିର ମୂଲ୍ୟ ବା ଦର ସାମାଜିକ ପାରିପାର୍ଶ୍ୱିକ ପରିସ୍ଥିତି ଓ ମୁଷ୍ଟିମେୟ ପ୍ରଭାବିତ ବ୍ୟକ୍ତି ସମାଜ ଉପରେ ନିର୍ଭର କରିଥାଏ। ପ୍ରତ୍ୟେକ ମଣିଷର ବଞ୍ଚିବାର ଉଦ୍ଦେଶ୍ୟ ଓ ମୂଲ୍ୟ ମଧ୍ୟ ଅଛି। କେତେବେଳେ ତାହା ପରିବ୍ୟାପ୍ତ ହୋଇ ଆଲୋଚ୍ୟ ହୋଇଥାଏ ତ ପୁଣି କେତେବେଳେ ଅନାଲୋଚିତ ହୋଇ ନୀରବ ହୋଇଯାଏ। ତେବେ ସାମଗ୍ରୀର ଉତ୍ପାଦନ, ପରିବହନ ପରିସ୍ଥିତି ତଥା ପରିବେଶ ଆଦିକୁ ନେଇ ଦର ବା ମୂଲ୍ୟ ନିରୂପଣ ହୋଇଥାଏ, କିନ୍ତୁ ମଣିଷର ଦର ଏକ ଅନିୟନ୍ତ୍ରିତ ବିଚାରଧାରା ଓ ବ୍ୟବସ୍ଥା ମଧ୍ୟରେ ହୋଇଥାଏ ଯାହାର କୌଣସି ବିଧିବଦ୍ଧ ଆଇନ ନ ଥାଏ।

ସମ୍ପ୍ରତି ସମାଜରେ ମଣିଷ ଦରର ହିସାବ ଚାକିରି କ୍ଷେତ୍ରରେ ଯଦି ପରିଲକ୍ଷିତ କରାଯାଏ ତେବେ ଯିଏ ଯେତେ ବଡ଼ ଚାକିରି କରିଥାଏ ବା ଯିଏ ଅଧିକ କ୍ଷମତା ଓ ଅର୍ଥ ରୋଜଗାର କରିଥାଏ ତାହାର ମୂଲ୍ୟ ନିମ୍ନ କ୍ଷମତାସମ୍ପନ୍ନ ବ୍ୟକ୍ତି ବା ରୋଜଗାର କରୁଥିବା ବ୍ୟକ୍ତିଠାରୁ କେତେ ଉଚ୍ଚରେ ତାହା ଏ ସମାଜ ଉପଲବ୍ଧି କରିଥାଏ। ବିବାହ କ୍ଷେତ୍ରରେ ଉଭୟ ପୁଅ ଓ ଝିଅର ଦର ଯଦି ନିରୂପଣ କରାଯାଏ ତେବେ ପୁଅ ବା ଝିଅ କୌଣସି ଧନୀ ସମ୍ଭ୍ରାନ୍ତ ଘରର ହୋଇଥାଏ ବା ଉଭୟେ କୌଣସି ବଡ଼ ପଦପଦବୀ କିମ୍ବା ଅଧିକ ଧନ ରୋଜଗାର କରୁଥାନ୍ତି, ସେମାନେ ସେହି ଦରର ପ୍ରତିଯୋଗୀ ଚୟନ କରିଥାନ୍ତି। ଏତଦ୍ ଭିନ୍ନ ଉକ୍ତ ବିବାହରେ ଯେଉଁ ମାନର ଖର୍ଚ୍ଚ ହୋଇଥାଏ, ଜଣେ କ୍ଷମତାହୀନ ସ୍ୱଳ୍ପ ରୋଜଗାର ବା ରୋଜଗାର ବିହୀନ ପୁଅ ଝିଅ ବା ପରିବାରର ବିବାହ ଉକ୍ତ ବିବାହଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ, ଯାହା ସେଠାରେ ମଣିଷର ଦର ନିରୂପଣ ଏକ ମାପକାଠି ହୋଇଥାଏ। ଉକ୍ତ ଆଭିଜାତ୍ୟ ବିବାହରେ କେବଳ ଗୁରୁତ୍ୱ ଦିଆଯାଏ ଆତିଥ୍ୟର ପ୍ରକାର ଭେଦ, ଆଭୂଷଣ, ସୌଖୀନ ସାମଗ୍ରୀର ଉପହାର ଇତ୍ୟାଦି ଇତ୍ୟାଦି। ଅନ୍ୟ ଜୀବଜନ୍ତୁ ବା ପ୍ରାଣୀମାନେ ବଜାରରେ ବିକ୍ରି ହୁଅନ୍ତି, ମଣିଷ ତାହାକୁ ଆଣି ଘରେ ପାଳନ କରେ। ସେହି ପ୍ରାଣୀଙ୍କୁ ଯେତେବେଳେ ବ୍ୟକ୍ତି କ୍ରୟ କରିଥାଏ ସେତେବେଳେ ସେ ବିଭିନ୍ନ ପ୍ରାଣୀର ବିଭିନ୍ନ ଦରର ସମ୍ମୁଖୀନ ହୁଏ। ଘୋଡ଼ା, କୁକୁର, ଗୋରୁ, ପକ୍ଷୀ ଇତ୍ୟାଦି ଯେତେବେଳେ କ୍ରୟ କରାଯାଏ, ସେତେବେଳେ ବିଭିନ୍ନ ଦର ଦ୍ୱାରା ମୂଲ୍ୟାୟନ ହୋଇଥାଏ। ମଣିଷ ମଧ୍ୟ ଦର ଦ୍ୱାରା ନିଜକୁ ସଜ୍ଜିତ କରିବାରେ ଆନନ୍ଦ ପାଇଥାଏ ବୋଲି ସାମ୍ପ୍ରତିକ ସମାଜ ଅନୁଭବ କରେ। ବର୍ତ୍ତମାନ ଚଳଚ୍ଚିତ୍ର, ଯାତ୍ରା, ବକ୍ତୃତା, କଳା ପ୍ରଦର୍ଶନ ଆଦିରେ ଯାହାର ଯେତିକି ଖ୍ୟାତି ବା ଆଲୋଚନା ରହିଛି ତାହାର ଦର ସେତିକି ଅଧିକ ଥାଏ। ସେଥିରେ ମଣିଷର ମୂଲ୍ୟ ନିରୂପଣ ବ୍ୟକ୍ତିର ମର୍ଯ୍ୟାଦା ଆକୃତି ବା ନୈତିକତା ପାଇଁ ଦର ନିଶ୍ଚିତ ହୋଇ ନ ଥାଏ ବରଂ ବ୍ୟକ୍ତି ଦର ଦ୍ୱାରା ଚିହ୍ନିତ ହୋଇଥାନ୍ତି ଓ ସେଇଥିପାଇଁ ସେମାନଙ୍କର ଅଧିକ ଗୁରୁତ୍ୱ ଥାଏ ବୋଲି ପ୍ରତିପାଦନ କରାଯାଏ।

ମଣିଷ ଜୀବିତାବସ୍ଥାରେ ଦର ଦ୍ୱାରା ଯେତେବେଳେ ଆକ୍ରାନ୍ତ ହୋଇଥାଏ, ଅନେକ ଜୀବିତାବସ୍ଥାରେ ଦର ନିୟନ୍ତ୍ରିତ ହୋଇପାରି ନ ଥିବା ମଣିଷ ମୃତ୍ୟୁ ପରେ ଚିକିତ୍ସାଳୟର ଅନୈତିକ ଉପାୟ ଦ୍ୱାରା ସେମାନଙ୍କର ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗକୁ ବିକ୍ରି କରିବାରେ ମଧ୍ୟ ଦର ନିରୂପଣ ହୋଇଥାଏ ଯାହା ଏକ ବିଡ଼ମ୍ବନା। ଯିଏ ସ୍ୱଇଚ୍ଛାରେ ଅଙ୍ଗଦାନ କରେ ତାହା ସ୍ୱାଗତଯୋଗ୍ୟ। ମାତ୍ର ମୃତବ୍ୟକ୍ତିର ଆତ୍ମୀୟସ୍ୱଜନଙ୍କ ଆଢୁଆଳରେ ମଣିଷର ଆଭ୍ୟନ୍ତରୀଣ ଅଙ୍ଗକୁ ଅସାଧୁ ଉପାୟରେ ବିକ୍ରିକରିବା କେତେଦୂର ଯଥାର୍ଥ ତାହା ଏ ସମାଜ ଅତି ଗମ୍ଭୀରତାର ସହ ବିଚାରକରିବା ଉଚିତ। ଅନ୍ୟପକ୍ଷରେ କେତେଜଣ ମଣିଷ ଉତ୍କଟ ଅର୍ଥାଭାବରେ ଶରୀରର କିଛି ଆଭ୍ୟନ୍ତରୀଣ ଅଂଶ ବିକ୍ରି କରିଥାନ୍ତି ଯାହା ଉକ୍ତ ମଣିଷର ଦର ହୋଇ ବିଚାରକରାଯାଏ। ଦେଖିବାକୁ ଗଲେ ଅନ୍ୟକୁ ସାହାଯ୍ୟ, ପରୋପକାର, ନିଃସାର୍ଥପର ସେବା ଆଦିରେ ମଣିଷର ବାସ୍ତବ ଦର ନିୟନ୍ତ୍ରିତ ହୋଇଥାଏ। ମାନସିକତାର ଦର ଈଶ୍ୱରଙ୍କଠାରେ ଅନ୍ତିମ ମୂଲ୍ୟାଙ୍କନ ହୋଇ ନିଶ୍ଚିତ ହେଉଥିବା ବେଳେ ମନୁଷ୍ୟକୃତ ଦର ନିୟନ୍ତ୍ରଣ ମଣିଷର ବୟସର ସ୍ଥିତିରେ ତାହା 'ଦର', 'ଅନାଦର' ଓ 'ହତାଦର'ର ପରିଭାଷାରେ ସୂଚିତ ହୋଇଥାଏ। ତେଣୁ ମଣିଷ ଦର ସାମାଜିକ ବାହ୍ୟ ଦୃଷ୍ଟିକୋଣରେ ନ ହୋଇ ଆଭ୍ୟନ୍ତରୀଣ ମୂଲ୍ୟବୋଧରେ ଚୟନକରିବା ବିଧେୟ।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ: ୯୯୩୭୩୪୫୯୦୦**

## ବୁଦ୍ଧିଜୀବୀ ବନାମ ରାଜନେତା



ଡା. ଗୋପାଳ ଚନ୍ଦ୍ର ଦାଶ

ଜନସାଧାରଣଙ୍କ ପୁଞ୍ଜିରେ ନିର୍ମିତ ବିଭିନ୍ନ ପ୍ରକାର ଲୋକାର୍ପଣ ଉତ୍ସବଗୁଡ଼ିକରେ ଫିତାକଟା ସମୟରେ ଅତିଥି ଭାବରେ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରେ ମୁଖ୍ୟତଃ ରାଜନେତାଙ୍କର ଫଟୋ ଦେଖିବାକୁ ମିଳୁଛି। ଡାକ୍ତର ହିସାବରେ ବିଗତ ୫୦ ବର୍ଷ ଧରି ଦେଖିଆସୁଛି ଯେ ଚିକିତ୍ସାଳୟରେ କୌଣସି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେଲେ ସେଠାରେ ଚିକିତ୍ସା ସେବାରେ ନିୟୋଜିତ ଚିକିତ୍ସକଙ୍କ ବଦଳରେ ରାଜନେତା ଓ ନିଜକୁ ସମାଜସେବୀ ବୋଲାଉଥିବା ବ୍ୟକ୍ତିମାନଙ୍କୁ ଦେଖିବାକୁ ମିଳିଥାଏ। ଗତ ଏପ୍ରିଲ ୧୪ ତାରିଖରେ କଟକ ଶିଶୁ ଭବନରେ ଏକ ଲୋକାର୍ପଣ ଉତ୍ସବରେ କେନ୍ଦ୍ର ଓ ରାଜ୍ୟର ରାଜନେତାମାନଙ୍କର ଫଟୋ ଏକ ଦୈନିକ ଖବରକାଗଜର ଶୋଭାମଣ୍ଡନ କରିଥିଲା। ଏପରି କି କ୍ୟାମେରା ସମ୍ମୁଖରେ ନିଜର ଫଟୋଟିକୁ ପ୍ରଦର୍ଶନ କରିବା ପାଇଁ ପ୍ରତିଯୋଗିତା ହେବା ପରି ଲାଗୁଥିଲା। ଏହିସବୁ ଦୃଶ୍ୟ ଦେଖିବା ସମୟରେ ମୋର ଛାତ୍ର ଅବସ୍ଥାରେ ଗୋଟିଏ ଘଟଣା ମନେପଡ଼ିଗଲା, ଯାହା ଏଠାରେ ବର୍ଣ୍ଣନା କରିବା ପାଇଁ ଇଚ୍ଛା ପ୍ରକଟ କରୁଛି। ଯଦି ଏହା କାହାର ମାନସିକତାକୁ ଆଘାତ କରେ କ୍ଷମା ଦେବେ। ଆମ୍ଭେମାନେ ସେତେବେଳେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ର। ନୂଆ ନୂଆ କ୍ଲିନିକାଲ୍ କ୍ଲାସ୍ ଆରମ୍ଭ ହୋଇଥାଏ। ଉଦ୍ଦୀପନାର ସହିତ ଆମେ ରୋଗୀ ଦେଖିବା ପାଇଁ ୱାର୍ଡକୁ ଯାଉଥାଉ। ହଠାତ୍ ଶଲ୍ୟ ବିଭାଗର ଚୂଡ଼ାରେ ଏକ ନାଲିବତି ଜଳିବାର ଦେଖିବାକୁ ପାଇଲୁ। ଅନୁଧ୍ୟାନ ପରେ ଜଣାପଡ଼ିଲା ଯେ ତତ୍କାଳୀନ ଗଭର୍ନର ନିଜର ଏକ ଅପରେଶନ ପାଇଁ ସର୍ଜରି ୱାର୍ଡର ସ୍ପେଶାଲ କ୍ୟାବିନ୍‌ରେ ଭର୍ତ୍ତି ହୋଇଛନ୍ତି। ସେତେବେଳେ ଓଡ଼ିଶାରେ ଛତୁଫୁଟିବା ପରି ପ୍ରାଇଭେଟ ହସ୍ପିଟାଲ ନ ଥିଲା। ତେଣୁ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ଓ ସାଧାରଣ ଜନତା ସରକାରୀ ହସ୍ପିଟାଲ ଉପରେ ନିର୍ଭର କରୁଥିଲେ। ଗଭର୍ନରଙ୍କ ଅପରେଶନ କରିବେ ସେତେବେଳର ନାମଧାରୀ ଶଲ୍ୟ ଚିକିତ୍ସକ। ଅପରେଶନ ସମୟରେ ନିଶା ଦେବା ପାଇଁ ମଧ୍ୟ ନିଶ୍ଚେତକ ବିଭାଗର ପ୍ରଫେସର ଉପସ୍ଥିତ ରହିବେ। ପ୍ରାସଙ୍ଗିକ ଦୃଷ୍ଟିରୁ ମୁଁ ସେମାନଙ୍କର ନାମ ନେବାକୁ ଚାହୁଁନାହିଁ। ଅପରେଶନ ସୁରୁଖୁରୁରେ ସମ୍ପାଦିତ ହେଲା ଓ ଗଭର୍ନର ଆରୋଗ୍ୟ ହେଲେ। ଅପରେଶନ ପରଦିନ ଆମର ଆନାସ୍ଥେସିଆର ଥିଓରି କ୍ଲାସ୍ ଥାଏ। ସାର୍ ପଢ଼ାଇବାବେଳେ ଗତ ଦିବସର ଦୁଇଗୋଟି ଘଟଣା ବର୍ଣ୍ଣନା କରିଥିଲେ, ଯାହା ମୁଁ ଏଠାରେ ଉପସ୍ଥାପନ କରୁଛି। ଗଭର୍ଣ୍ଣର ବୟସ୍କ ହୋଇଥିବାରୁ ତାଙ୍କୁ ବେହୋସ ନ କରି ଅପରେଶନ ହେବାକୁ ଥିବା ଅଙ୍ଗକୁ ବଧିରା କରି ଶଲ୍ୟକ୍ରିୟା କରାଯାଉଥିଲା। ଅପରେଶନ କରୁଥିବା ଚିକିତ୍ସକ ଓ ତାଙ୍କୁ ସହାୟତା କରୁଥିବା ସହଯୋଗୀ ବିନା ମୁଖା(ମାସ୍କ)ରେ ଅପରେଶନ କରୁଥିଲେ, ଯାହା ଅପରେଶନ ଥିଏଟର ପ୍ରୋଟୋକଲର ନିୟମ ବିରୁଦ୍ଧ। ଏହାର କାରଣ ପଚାରିବାରୁ ସାର୍ କହିଲେ ଯେ ସେମାନଙ୍କୁ ଗଭର୍ନର ଦେଖିବେ ଯାହା ପରବର୍ତ୍ତୀ ଅବସରରେ ତାଙ୍କର କାମରେ ଆସିବ। ଆମ୍ଭେମାନେ ପଚାରିଲୁ, ସାର୍ କିପରି ? ସାର୍ କହିଲେ, ସେତେବେଳେ ଓଡ଼ିଶାରେ ତିନିଟି ମେଡିକାଲ କଲେଜ। ସମସ୍ତେ କଟକରେ ରହିବାକୁ ଚାହାନ୍ତି। ଯଦି ପ୍ରଫେସରଙ୍କର ବଦଳି ଆଦେଶ ଆସେ, ତାକୁ ରୋକିବା ପାଇଁ ସେ ଗଭର୍ନରଙ୍କ ସହାୟତା ଲୋଡ଼ିବେ। ତେଣୁ ଅପରେଶନ ସମୟରେ ମୁହଁଟା ଦେଖିଥିଲେ ତାଙ୍କ ଚେହେରା ଗଭର୍ନରଙ୍କୁ ଅଛପା ରହିବ ନାହିଁ। ଏଠାରେ କହି ରଖିବାକୁ ଚାହେଁ ଯେ, ତାହା ବରିଷ୍ଠ ଗଭର୍ନର ମହାଶୟଙ୍କର ମେମୋରି ଉପରେ ନିର୍ଭର କରିଥାଏ।



ମାତ୍ର ଦ୍ୱିତୀୟ ଘଟଣାଟି ଆହୁରି ମଜାଦାର ବିଷୟ। ସାର୍ କହିଲେ ଯେ ଅପରେଶନ ଥିଏଟର ଓ ବାହାରେ ଏତେ ଲୋକାରଣ୍ୟ ଥିଲା ଯେ ଅପରେଶନ ହୋଇଥିବା ଅଙ୍ଗ ମଧ୍ୟରେ ଥିବା ଜଳକୁ ସଂଗ୍ରହ କରି ଯଦି ବଣ୍ଟାଯାଇଥାଆନ୍ତା, ହୁଏତ ଜଣକ ଭାଗରେ ଏକବିନ୍ଦୁ ପଡ଼ି ନ ଥାନ୍ତା ଓ ଅନେକ ଏଥିରୁ ବଞ୍ଚିତ ହୋଇଥାଆନ୍ତେ। ଏହା କ୍ଲାସ୍ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରିଥିଲା। ସେ ଡାକ୍ତର ହେଉ ବା ଇଞ୍ଜିନିୟର ଯେଉଁ ଆଗରୁ ହେଉଥିବା ଉଦ୍‌ଘାଟନ ଉତ୍ସବଗୁଡ଼ିକର ଏମାନେ ଥିଲେ ଆଗଧାଡ଼ିରେ ଓ ପଛରେ ରାଜନେତା ଏବଂ ପ୍ରଶାସନିକ ଅଧିକାରୀ ରହି ପ୍ରୋତ୍ସାହନ ଦେଉଥିଲେ, ଯାହା ବୁଦ୍ଧିଜୀବୀଙ୍କ ମନୋବଳକୁ ବଢ଼ାଉଥିଲା। ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଭାବେ ଓଲଟା। କୌଣସି ଏକ ସମ୍ମିଳନୀରେ ରାଜନେତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ, ଆମେ ବୁଦ୍ଧିଜୀବୀଙ୍କ ପରିବର୍ତ୍ତେ ରାଜନେତାମାନଙ୍କର ଅନୁଗାମୀ ହେଉଛୁ। ତାହା ପଛରେ ଆମର ବ୍ୟକ୍ତିଗତ ସ୍ୱାର୍ଥ ସାଧନର ଉଦ୍ଦେଶ୍ୟ। କିଏ କ'ଣ ଭାବୁ ପଛେ ମୋର କ'ଣ ଯାଉଛି, ମୋର ଉଦ୍ଦେଶ୍ୟ ସାଧନ ହେଲେ ଗଲା। ନିଜର ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ଆମେ ଏପରି କାର୍ଯ୍ୟ କରିବୁ ପଶ୍ଚାତ୍‌ପଦ ହେଉନାହୁଁ। ସେମାନେ ଲୋକପ୍ରତିନିଧି ଓ ସମ୍ମାନର ଯୋଗ୍ୟ ଅଟନ୍ତି। ମାତ୍ର ଲୋକପ୍ରତିନିଧି ବୁଝିବା ଦରକାର ଯେ ନିର୍ମିତ ହୋଇ ଲୋକାର୍ପଣ ହେଉଥିବା ଅନୁଷ୍ଠାନଟି ବୁଦ୍ଧିଜୀବୀଙ୍କ ବିନା ଚାଲିବା ଅସମ୍ଭବ। ତେଣୁ ସେମାନଙ୍କୁ ଯଥେଷ୍ଟ ସମ୍ମାନ ଦେବା ଦରକାର। ଏହାର ଫଳାଫଳ ଯେ ଉଦ୍‌ଘାଟନ ପରେ ଅନେକ ସ୍ଥାନର ଅନେକ ମେଶିନ ଚାଲୁ ନ ହୋଇ ଖରାପ ହୋଇ ପଡ଼ିରହିଛି। ଆମ୍ଭମାନଙ୍କର ଏହିପରି ମାନସିକତା କଦାପି ଆମର ସ୍ୱାଭିମାନକୁ ଉଚ୍ଚସ୍ତରକୁ ନେଇପାରିବ ନାହିଁ। ଏହା ମୋର ବ୍ୟକ୍ତିଗତ ମତ।

**ମୋ: ୭୮୪୮୮୫୦୯୫୦**

## ଏଇ ଭାରତରେ

ନିନ୍ଦା, ଟାହିଟାପରା କରିବା ଲୋକେ ନିତ ସମାଜରେ ଅନେକ ମିଳନ୍ତି, କିନ୍ତୁ ଲୋକନିନ୍ଦାକୁ ନିଜର ସାମର୍ଥ୍ୟ କରି ଗଢ଼ି ତୋଳନ୍ତି କ୍ୱଚିତ୍। ଏମିତି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ବିହାର ରାଜ୍ୟ ମୁଜାଫରପୁରର ସଞ୍ଜୟ କୁମାର। ୨୫ ବର୍ଷ ହେଲା ସେ ଦିବ୍ୟାଙ୍ଗମାନଙ୍କୁ ମାଗଣାରେ ଶିକ୍ଷାଦାନ କରି ସ୍ୱାବଲମ୍ବୀ କରାଇବା ପାଇଁ ପ୍ରୟାସ ଚଳାଇଛନ୍ତି। ସେମାନଙ୍କୁ ମାନସିକଭାବେ ସଶକ୍ତ କରାଇବା ଉଦ୍ଦେଶ୍ୟରେ ମଧ୍ୟ ନାଚ, ଗୀତ, ଯୋଗ, କମ୍ପ୍ୟୁଟର, ପେଣ୍ଟିଂ, ହ୍ୟାଣ୍ଡିକ୍ରାଫ୍ଟ ଆଦି ଶିକ୍ଷା ଦେଉଛନ୍ତି। ୨୦୦୮ରୁ ସେ ଏହି କାମ କରି ଆସୁଛନ୍ତି। ଏବେ ସରକାରଙ୍କଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଦିବ୍ୟାଙ୍ଗ ପିଲାଙ୍କୁ ପଢ଼ାଇବାର ଅନୁମତି ବି ପାଇଛନ୍ତି। ଏଭଳି କାମ ପାଇଁ ତାଙ୍କୁ ଲୋକେ ଖୁବ୍ ସହଯୋଗ ବି କରୁଛନ୍ତି। ବିଭିନ୍ନ ସ୍ଥାନରୁ ଡୋନେସନ୍ ନେଇ ସେ ଏଭଳି ଶିକ୍ଷାଦାନ କରୁଛନ୍ତି। ତେବେ ସବୁ କାମ କରି ପାରିଥିବା ସଞ୍ଜୟ କିନ୍ତୁ ପ୍ରେରଣା ପାଇଛନ୍ତି ସମାଜର ନିନ୍ଦୁକ ଗୋଷ୍ଠୀଙ୍କଠାରୁ। ତାଙ୍କ କହିବା ଅନୁସାରେ, ତାଙ୍କ ମା' ଦୃଷ୍ଟିବାଧିତ ଥିବାରୁ ଲୋକେ ତାଙ୍କୁ ଟାହିଟାପରା କରୁଥିଲେ। ଏଣୁ ସେ ଚିନ୍ତା କରିଥିଲେ, ଦିବ୍ୟାଙ୍ଗ ଲୋକଙ୍କ ପାଇଁ ସେ ଏମିତି କିଛି କାମ କରିବେ ଯାହାଫଳରେ ଲୋକେ ସେମାନଙ୍କୁ ହୀନଦୃଷ୍ଟିରେ ଦେଖିବା ବଦଳରେ ସମ୍ମାନ କରିବେ। ଏଥିପାଇଁ ସେ ଶିକ୍ଷାଦାନକୁ ମାଧ୍ୟମ କରି ତାଙ୍କର କାର୍ଯ୍ୟ କରିଚାଲିଲେ। ଏବେ ତାଙ୍କର ଏହି କାର୍ଯ୍ୟ ଦିବ୍ୟାଙ୍ଗମାନଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ମାର୍ଗ ଦେଖାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଏପ୍ରିଲ ୧୯୭୬

- ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଚିନ୍ତାମଣି ଜେନା ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବାଙ୍କବିହାରୀ ଦାସଙ୍କୁ କଂଗ୍ରେସ ଦଳରୁ ସସ୍‌ପେଣ୍ଡ କରିଛନ୍ତି।
- ଜାପାନର ପରିବହନ କର୍ମଚାରୀମାନେ ଅଧିକ ଦରମା ଦାବି କରି ୩ ଦିନିଆ ଧର୍ମଘଟ ଘୋଷଣା କରିଛନ୍ତି।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 7 | 9 | | | | | | |
| | | | 9 | | | 5 | | |
| | 2 | | | | 6 | 3 | | 1 |
| | | | | | 4 | | | |
| | | 5 | | | | 1 | | |
| | | 4 | | 2 | 1 | 6 | 8 | |
| | | | | | 2 | 4 | | 5 |
| | | 6 | | | | | 1 | |
| | | 2 | 4 | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 8 | 5 | 6 | 9 | 4 | 3 |
| 3 | 5 | 9 | 1 | 4 | 2 | 7 | 6 | 8 |
| 4 | 6 | 8 | 9 | 7 | 3 | 2 | 1 | 5 |
| 2 | 1 | 5 | 3 | 8 | 9 | 4 | 7 | 6 |
| 9 | 4 | 3 | 7 | 6 | 5 | 1 | 8 | 2 |
| 7 | 8 | 6 | 2 | 1 | 4 | 3 | 5 | 9 |
| 8 | 9 | 4 | 6 | 3 | 7 | 5 | 2 | 1 |
| 5 | 2 | 1 | 4 | 9 | 8 | 6 | 3 | 7 |
| 6 | 3 | 7 | 5 | 2 | 1 | 8 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିଳ୍ପପତି ଓଡ଼ିଶା ପ୍ରତି ବିମୁଖ କାହିଁକି

ମହାଶୟ,

କିଛିଦିନ ତଳେ ବିଶିଷ୍ଟ ଶିଳ୍ପପତିଙ୍କର ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟରେ ବହୁ ପୁଞ୍ଜିର ନିବେଶ ପାଇଁ ସମାବେଶ ହୋଇଥିଲା। କେତେକ କମ୍ପାନୀ ବିପୁଳ ପୁଞ୍ଜିର ବିନିଯୋଗକରି ଓଡ଼ିଶାର ଖଣିଜ ସମ୍ପଦର ସୁଯୋଗ ନେଇ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରତିଶ୍ରୁତି ଦେଇ ଆଶା ସଞ୍ଚାର କରିଥିଲେ। ଏବେ ଆନ୍ଧ୍ରପ୍ରଦେଶରେ ରଜୟାପେଟାରେ ୭.୩ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ପ୍ରଥମ ପର୍ଯ୍ୟାୟରେ ହେବ ବୋଲି କୁହାଯାଉଛି। ବିଜେଡି ଶାସନ ସମୟରେ ଜଗତ୍‌ସିଂହପୁର ଓ କେନ୍ଦୁଝରରେ ଦୁଇଟି କମ୍ପାନୀ ବୃହତ୍ ଶିଳ୍ପ ପ୍ରତିଷ୍ଠା ସକାଶେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହେବା ପରେ ପ୍ରତିରୋଧର ସମ୍ମୁଖୀନ ହୋଇ ସେଥିରୁ ଓହରିଯିବାରେ ଅନ୍ତର୍ଜାତିକ ସ୍ତରରେ ଓଡ଼ିଶା ଶିଳ୍ପ ପ୍ରତିଷ୍ଠା ଲାଗି ଅନୁକୂଳ ନ ଥିବାର ନକାରାତ୍ମକ ସୂଚନା ମିଳିଥିଲା। ନବୀନଙ୍କ ଶାସନ କାଳ ମଧ୍ୟରେ ଶିଳ୍ପପତି ସମାବେଶରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ମିଳିଥିଲେ ହେଁ ପରବର୍ତ୍ତୀ କାଳରେ ଫଳବତୀ ହୋଇ ନ ଥିଲା। ଏବେ ଓଡ଼ିଶାର ପଡ଼ୋଶୀ ରାଜ୍ୟରେ ଆର୍ସେଲ ମିତ୍ତଲ ବିରାଟ ଇସ୍ପାତ କାରଖାନା ସ୍ଥାପନ ନିମନ୍ତେ ଜମି ଗ୍ରହଣ ଆରମ୍ଭ କରିଛି। ଓଡ଼ିଶା ସରକାର ଏ ବିଷୟରେ ଗୁରୁତ୍ୱ ସହ ବିଚାରକରି ଭବିଷ୍ୟତ ପାଇଁ ଓଡ଼ିଶାରେ ଭିତ୍ତିଭୂମି ତିଆରି କରିବା ପାଇଁ ଉଦ୍ୟମ ଆରମ୍ଭ କରିବା ସମୀଚୀନ ମନେହୁଏ। ନଚେତ୍ ଶିଳ୍ପ ଜଗତରେ ଓଡ଼ିଶାରେ ଅନୁକୂଳ ବାତାବରଣ ସୃଷ୍ଟି ନ ହେଲେ କେବଳ ଖଣିଜ ପଥର ରପ୍ତାନୀ ହେଉଥିବ ଓ ବେକାରି ସମସ୍ୟାର ସମାଧାନ କେବଳ ଆକାଶ କଇଁଆ ହୋଇରହିଥିବ। ଶିଳ୍ପପତି ଓଡ଼ିଶା ପ୍ରତି ବିମୁଖ କାହିଁକି ?

**–ହରମୋହନ ମହାନ୍ତି, ଦଉତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧରଣୀ ହେଲା କୋମଳତମ
ଆକାଶ କମନୀୟ
ମରଣ ହେଲା ମଧୁରତର
ଜୀବନ ହେଲା ପ୍ରିୟ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଯୁବକଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

**କୋରାପୁଟ,୨୦ା୪(ଅମିତାଭ ବେହେରା)**

କୋରାପୁଟ ବ୍ଲକ୍ ମଣ୍ଡିପୁଟ ପଞ୍ଚାୟତ ରୁଣ୍ଡିଆମ୍ବ ଗ୍ରାମରେ ଜଣେ ଯୁବକ ଚୋରି କରିବାକୁ ଆସି ଧରା ପଡିବା ପରେ ଗ୍ରାମବାସୀ ତାଙ୍କୁ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ରୁଣ୍ଡି ଗ୍ରାମକୁ ୩ ଦୁର୍ବୃତ୍ତ ଏକ ବାଇକରେ ଚୋରି କରିବା ପାଇଁ ଆସି ଗାଁ ମୁଣ୍ଡରେ ଥିବା ଏକ ଦୋକାନ ଘରର ତାଲା ଭାଙ୍ଗୁଥିଲେ। ଗ୍ରାମବାସୀ ସେମାନଙ୍କୁ ଧରିବାକୁ ଆସିଥିବା ବେଳେ ସେମାନେ ଫେରାର ହେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଅନ୍ୟ ୨ଜଣ ବାଇକ୍ ଛାଡି ଫେରାର ହୋଇଯାଇଥିଲେ। ବାରମ୍ବାର ବିଭିନ୍ନ ଗ୍ରାମରେ ଚୋରି ହେଉଥିବାରୁ ଗ୍ରାମବାସୀ ସତର୍କ ଥିଲେ। କୋରାପୁଟ ସଦର ପୋଲିସ ଅଭିଯୁକ୍ତଙ୍କୁ ନେଇ ବାଇକ୍ ଓ ଚୋରି ସାମଗ୍ରୀ ଜବତ କରିଛି। ବାଇକ୍‌ରେ ଏକ ଜରି ବସ୍ତାରେ ଧାରୁଆ ଅସ୍ତ୍ର ଥିବାରୁ ଦୁର୍ବୃତ୍ତମାନେ ଛେଳି ଚୋରି କରୁଥିବା ସନ୍ଦେହ କରାଯାଉଛି। ଏ ନେଇ ସଦର ଥାନା ଅଧିକାରୀ ରୁନୁ ମାଝୀଙ୍କୁ ପଚାରିବାରୁ ଚୋରି ସମ୍ପର୍କରେ କୌଣସି ସୂଚନା ନାହିଁ ଗ୍ରାମବାସୀଙ୍କ ପକ୍ଷରୁ ଏତଲା ଦିଆଯାଇ ନ ଥିବା ସେ କହିଛନ୍ତି। କିନ୍ତୁ ଯୁବକଙ୍କଠାରୁ ମୋବାଇଲ ଫୋନ ଓ ଟଙ୍କା ନେଇ ଗ୍ରାମବାସୀ ମାଡ଼ ମାରି ଥିବାରୁ ଯୁବକ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ନାଁରେ ମାମଲା ରୁଜୁ ହୋଇଥିବା ସେ ସୂଚନା ଦେଇଛନ୍ତି।

### ବିଶ୍ୱବିଦ୍ୟାଳୟସ୍ତରୀୟ ସ୍ପୋର୍ଟସ ପ୍ରତିଯୋଗିତା
#### ବ୍ୟାଡମିଣ୍ଟନରେ ଦାମନଯୋଡିର ରାଜେଶ୍ୱରୀ ଚାମ୍ପିୟନ

**ଦାମନଯୋଡି,୨୦ା୪(ମାନସ ରଞ୍ଜନ କର)**

କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଏପ୍ରିଲ ୧୬ରୁ ୨୦ ପର୍ଯ୍ୟନ୍ତ ଚାଲିଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ସ୍ପୋର୍ଟସରେ ଦାମନଯୋଡିର ରାଜେଶ୍ୱରୀ ଖୋରା ବ୍ୟାଡମିଣ୍ଟନ(ସିଙ୍ଗଲ୍ସ)ରେ ରବିବାର ଚମ୍ପିୟାନ ହୋଇଛନ୍ତି। ରାଜେଶ୍ୱରୀ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଖେଳି ଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ହରାଇ ଚମ୍ପିୟାନ ହୋଇଛନ୍ତି। ରାଜ୍ୟ ପବ୍ଲିକ ୟୁନିଭରସିଟି ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୨ ବିଶ୍ୱବିଦ୍ୟାଳୟରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀରେ ଦୌଡ଼ ରାଣୀ ଦୁତି ଚାନ୍ଦ ଯୋଗଦେଇଥିଲେ।



ଆୟୋଜକଙ୍କ ପକ୍ଷରୁ ରାଜେଶ୍ୱରୀଙ୍କୁ ଟ୍ରଫି,ମାନପତ୍ର ସହ ୩୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି। ରାଜେଶ୍ୱରୀ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୃହବିଜ୍ଞାନର ଯୁକ୍ତ୩ପ୍ରଥମ ବର୍ଷ ଛାତ୍ରୀ। ଆଗାମୀ ଦିନରେ ବ୍ୟାଡମିଣ୍ଟନ ଇଭେଣ୍ଟରେ ଅଲମ୍ପିକ୍ସରେ ସାମିଲ ହେବାକୁ ଆଶା ରଖିଥିବା ରାଜେଶ୍ୱରୀ କହିଛନ୍ତି।

### କାଳବୈଶାଖୀ: ଘଣ୍ଟାଏ ଅଟକିଲା ଟ୍ରେନ୍

**ଜୟପୁର,୨୦ା୪(ପବନ ପାଣିଗ୍ରାହୀ)**

କାଳବୈଶାଖୀ ଯୋଗୁ କୁସୁମୀ ନିକଟରେ ଗଛ ଡାଳ ବିଦ୍ୟୁତ୍ ତାର ଉପରେ ପଡ଼ିବାରୁ ଟ୍ରେନ୍ ରବିବାର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟୁତ୍ ସରବରାହ ବନ୍ଦ ଥିବାରୁ ଜଗଦଳପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ୧ଘଣ୍ଟା ୪୦ ମିନିଟ୍ ବିଳମ୍ବରେ ଜୟପୁର ଷ୍ଟେସନରୁ ଛାଡିଥିବା ଜଣାପଡ଼ିଛି। ଟ୍ରେନ୍ ଆଗକୁ ନଯାଇ କୁସୁମୀ ନିକଟରେ ଅଟକି ଥିଲା। ଜୟପୁରରୁ ନିର୍ଦ୍ଧାରିତ ୫ଟା୨୫ରେ ଛାଡିବାର ସମୟ ଥିବା ବେଳେ ୭ଟା୨୫ରେ ଛାଡିଥିଲା। ଫଳରେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### କାଳବୈଶାଖୀରେ ଭାଙ୍ଗିଲା ଘର, ଗଛ ପଡ଼ି ରାସ୍ତା ଅବରୋଧ

**କୁନ୍ଦୁରା,୨୦ା୪(ସନ୍ତୋଷ ପ୍ରହରାଜ)**

କୁନ୍ଦୁରା ବ୍ଲକ୍ ସଦର ପଞ୍ଚାୟତ ହେରୁଗୁଡ଼ା କଲୋନୀରେ କାଳବୈଶାଖରେ ୨ ଜଣଙ୍କ ଘର ଉପରେ ଗଛ ପଡ଼ି ଭାଙ୍ଗିଯାଇଛି। ଲଳିତା ନାୟକ ଓ ଭାଗବାନ ପରଜାଙ୍କ ଘର ଉପରେ ଗଛ ପଡ଼ି ଅଧିକାଂଶ ନଷ୍ଟ ହୋଇଛି। କୁନ୍ଦୁରାଠାରୁ ଦିଗାପୁର ମୁଖ୍ୟ ରାସ୍ତା କାଉଡ଼ିଆଗୁଡ଼ା ଓ ନାରାଗାଁ ମଝିରେ ରାସ୍ତା ପାର୍ଶ୍ୱରେ ୩ ବଡ଼ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ସୂଚନା ପାଇ ଅଗ୍ନିଶମ ଅଧିକାରୀ ସରୋଜ କୁମାର ଭୁଡିଆଙ୍କ ନେତୃତ୍ୱରେ ଯାନ୍ତ୍ରିକ ଅଜୟ ହରିଜନ, ବିରଞ୍ଚି ପାତ୍ର, ଚନ୍ଦ୍ରଶେଖର ମାଝୀ ଓ ଗାଡ଼ି ଚାଳକ ରାମକୃଷ୍ଣ ଗୌଡ଼ ପ୍ରମୁଖ ଗଛ କାଟି ସଫା କରିଥିଲେ।

# ଅଚଳ ପଡ଼ିଛି ନଳକୂପ, ସୌରଚାଳିତ ପ୍ରକଳ୍ପ

## ଚୁଆର ଅପରିଷ୍କାର ପାଣି ଉପରେ ନିର୍ଭର ଗ୍ରାମବାସୀ

**ନନ୍ଦପୁର,୨୦ା୪(ତୁଷାର କାନ୍ତ ମହାନ୍ତି)**

ଗ୍ରୀଷ୍ମର ପ୍ରକୋପ ବଢୁଥିବା ବେଳେ ନନ୍ଦପୁର ବ୍ଲକ୍ ହାତୀବାରି ପଞ୍ଚାୟତ ଅଧୀନ ହେମେଲାଗୁଡା ଗ୍ରାମରେ ପାନୀୟ ଜଳ ସମସ୍ୟା ବଢ଼ିବାରେ ଲାଗିଛି। ଗାଁରେ ଥିବା ଗୋଟିଏ ନଳକୂପ ୫ ବର୍ଷ ହେବ ଅଚଳ(ଡିଫଣ୍ଟ) ହୋଇପଡ଼ିଛି। ପାନୀୟ ଜଳ ଯୋଗାଇ ଦେଉଥିବା ସୌରଚାଳିତ ପ୍ରକଳ୍ପ ଗତ ୪ ମାସ ହେବ ଅଚଳ ପଡ଼ିଥିବାରୁ ଲୋକେ ଗ୍ରାମ ପାର୍ଶ୍ୱ ଚୁଆ(କୁଣ୍ଡି) ପାଣି ବ୍ୟବହାର କରିବାକୁ ବାଧ ହେଉଥିବା ଗ୍ରାମର ନାରାୟଣ ଖରା, ତ୍ରିପତି ଖରା, ସୋମନାଥ ହନ୍ତାଳ, ପୂର୍ଣ୍ଣ ମାଟାମ, ଶଶି କାନ୍ତ ମାଟାମ ଓ ଦେବେନ୍ଦ୍ର ଖରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଚୁଆ ନିକଟରେ ଗ୍ରାମର ମହିଳା ବାସନ ମଜା ସହ ଲୁଗା ସଫା କରୁଛନ୍ତି। ଅନ୍ୟ କିଛି ସାଧନ ନ ଥିବାରୁ ସେହି ଅପରିଷ୍କାର ସ୍ଥାନରୁ ପିଇବା ପାଣି ସଂଗ୍ରହ କରି ଗ୍ରାମରେ ବସବାସ କରୁଥିବା ୬୦ରୁ ଊର୍ଦ୍ଧ୍ୱ ପରିବାରର ୨୫୦ରୁ ଅଧିକ ଗ୍ରାମବାସୀ ବ୍ୟବହାର କରୁଥିବା କହିଛନ୍ତି। ସୌରଚାଳିତ ପ୍ରକଳ୍ପର ମରାମତି, ଅନ୍ୟ ଏକ ନୂତନ ନଳକୂପ ଖନନ ସହ ଉକ୍ତ ଚୁଆ ପରିସର ଉନ୍ନୟନ କରିବାକୁ ବାରମ୍ବାର ପଞ୍ଚାୟତ, ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଦିନେ ଦୁଇଦିନ ମଧ୍ୟରେ ଟିମ୍ ପଠାଇ ସୌରଚାଳିତ ପ୍ରକଳ୍ପ ମରାମତି କରି ଲୋକଙ୍କ ପାନୀୟ ସମସ୍ୟା ଦୂର କରାଯିବ ବୋଲି ସେମାନେ କହିଛନ୍ତି।



ବ୍ୟବହୃତ ହେଉଥିବା ଚୁଆ।

# ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ପାଳିତ

**କୋରାପୁଟ/ଜୟପୁର,୨୦ା୪ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)**

କୋରାପୁଟ ଜିଲାରେ ଔପନ୍ୟାସିକ ତଥା ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ରବିବାର ପାଳନ କରାଯାଇଛି। 'ଅମୃତର ସନ୍ତାନ', 'ମାଟିମଟାଳ', 'ପରଜା', 'ଛାଇଆଲୁଅ' ଆଦି ରଚନା ସହ ନାଟ୍ୟକାର, ଗାଳ୍ପିକ ଏବଂ ମାନବଧର୍ମୀ ଲେଖକ ଭାବେ ଓଡ଼ିଆ ସାହିତ୍ୟ ଜଗତ ପ୍ରତି ତାଙ୍କ ଅବଦାନ ସ୍ମରଣୀୟ। ଏହି ଅବସରରେ ତାଙ୍କ ତତ୍କାଳୀନ ବାସଭବନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଦେବୀପ୍ରସାଦ ମହାନ୍ତି ଯୋଗଦେଇଥିଲେ। ସାହିତ୍ୟ ସମାଜର ବହୁ ପ୍ରତିକ୍ଷୀତ ଦାବିକୁ ସମ୍ମାନ ଦେଇ ସ୍ୱର୍ଗତ ମହାନ୍ତିଙ୍କର ତତ୍କାଳୀନ ବାସଭବନକୁ ଏକ ସ୍ମାରକ ଭାବେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଗୋପୀନାଥ ମହାନ୍ତି ସ୍ମାରକୀ କୁଟୀର ପାଇଁ ଭବିଷ୍ୟତରେ ପ୍ରଶାସନର ସହଯୋଗ କାମନା କରୁଛୁ ବୋଲି କୋରାପୁଟ ସାହିତ୍ୟ ପରିବାର ସମ୍ପାଦକ ଡ.ପ୍ରୀତିଧାରା ସାମଲ କହିଥିଲେ। ଏଥିରେ ଗାଳ୍ପିକ ନାରାୟଣ ପଣ୍ଡା, ସଭା ସାହିତ୍ୟ ସଂସଦର ସଭାପତି ଜଳଧର ସ୍ୱାଇଁ, ଅଧିବକ୍ତା ଜୟନ୍ତ କୁମାର ମିଶ୍ର, କୋରାପୁଟ ସାହିତ୍ୟ ପରିବାର ଉପସଭାପତି କବି ରବି ଶତପଥି, ଡ଼. ଜୟନ୍ତ କୁମାର ମହାନ୍ତି, ବିଡିଓ ଦେବାଶିଷ ଗୌଡ଼, ଅତିରିକ୍ତ ତହସିଲଦାର ଚିତ୍ତ ରଞ୍ଜନ ପଟ୍ଟନାୟକ, ଅନୁବାଦକ ବିଜୟ କୁମାର ପ୍ରଧାନ, ମଧୁସୂଦନ ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ସୌମେନ୍ଦ୍ର ସ୍ୱାଇଁ ଓ କୋରାପୁଟ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ମୃତିସଭାରେ ଉପସ୍ଥିତ ସାହିତ୍ୟ ପରିବାର ସଦସ୍ୟ ଓ ଅନ୍ୟମାନେ।

# ୮ମାସର ଦରମା ଦାବିରେ ବିଲଟ୍ କର୍ମଚାରୀଙ୍କ ଧାରଣା

## ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ

**ଜୟପୁର,୨୦ା୪(ପବନ ପାଣିଗ୍ରାହୀ)**

୮ମାସର ଦରମା ଦାବିରେ ଶୁକ୍ରବାରଠାରୁ ବାଲାରପୁର ଇଣ୍ଡଷ୍ଟ୍ରିଜ ଏମ୍ପ୍ଲଇଜ ୟୁନିୟନ (ବିଲଟ) ପକ୍ଷରୁ ଧାରଣା ଦିଆଯାଇ ସିଜିଏମ୍ ଅଫିସ ଘେରାଉ କରାଯାଇଛି। ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାୟ କ୍ରମେ ମିଲ କର୍ତ୍ତୃପକ୍ଷଙ୍କ ସହ ୪ଥର ଆଲୋଚନା ହୋଇଥିଲା। ଆସନ୍ତା ସୋମବାର, ମଙ୍ଗଳବାର ମଧ୍ୟରେ ବିନିଯୋଗକାରୀ ଆସିଲେ କର୍ମଚାରୀଙ୍କ ସହ ଆଲୋଚନା କରାଯାଇ ସମସ୍ୟା ସମାଧାନ କରାଯିବ ବୋଲି ଜଣାପଡ଼ିଛି। ଏଠାରେ ଥିବା ମ୍ୟାନେଜମେଣ୍ଟ କିଛି କରିପାରିବେ ନାହିଁ ବୋଲି ମିଲ୍ କର୍ତ୍ତୃପକ୍ଷ କହିଥିଲେ। ଏହାପରେ କର୍ମଚାରୀମାନେ ଧାରଣାରୁ ହଟିଥିଲେ। ଆଗାମୀ ଦିନରେ ଦାବି ପୂରଣ ନହେଲେ ଧାରଣା ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଲଟ କର୍ମଚାରୀଙ୍କ ୮ମାସର ଦରମା ବକେୟା ରଖିଛନ୍ତି। ବର୍ତ୍ତମାନ ପିଲାଙ୍କ ସ୍କୁଲରେ ନାମଲେଖା ଚାଲିଥିବା ବେଳେ ଦରମା ମିଳୁ ନ ଥିବାରୁ କର୍ମଚାରୀଙ୍କ ପିଲାମାନେ ସ୍କୁଲ ଫି ଦେଇପାରୁ ନ ଥିବା ସଂଘର ସମ୍ପାଦକ ସରୋଜ ସୁଆର କହିଛନ୍ତି। ଘରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିବା କଷ୍ଟକର ହେଉଥିବା, ଚିକିତ୍ସା କରିବାରେ ଅସୁବିଧା ହେଉଥିବାରୁ ଅତି କମ୍‌ରେ ୨ମାସର ଦରମା ଦେବାକୁ ମାର୍ଚ୍ଚ ୩୧ରେ ଅନୁରୋଧ କରାଯାଇଥିଲା। ମିଲ୍ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିବା ଓ ୟୁନିୟନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇନଥିଲା। ଏଥିପାଇଁ ୧୬ ତାରିଖରେ ପୁଣି ଥରେ ଚିଠି କରାଯାଇଥିଲା। କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସିଜିଏମ୍‌ଙ୍କ କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ଧାରଣାରେ ବସିଥିଲେ। ୟୁନିଟ ହେଡ୍ ଏସ୍.ଏସ୍. ପାଲ,ମାନବ ସମ୍ବଳ ଅଧିକାରୀ ରମେଶ ଯାଦବ ଓ ବିଲଟ କର୍ତ୍ତୃପକ୍ଷ ଧାରଣା ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିବା ସହ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ବିଲଟ କର୍ତ୍ତୃପକ୍ଷଙ୍କ କଥାକୁ ରଖି ଆସନ୍ତା ୨ରୁ ୩ଦିନ ଅପେକ୍ଷା କରିବେ। ଏହାର କୌଣସି ସମାଧାନ ନ ବାହାରିଲେ ପୁଣି ଥରେ କର୍ମଚାରୀମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ସଂଘର ସନ୍ଦୀପ ପଟ୍ଟନାୟକ, ବଂଶୀଧର ମହାଙ୍କୁଡ, ଶିବ ପ୍ରସାଦ ପଣ୍ଡା,ପ୍ରଦୀପ ପାଙ୍ଗିଆ ଓ ଅଲେଖ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବରେ ଉନ୍ମେଷ କାର୍ଯ୍ୟକ୍ରମ

**ଦାମନଯୋଡି,୨୦ା୪(ମାନସ ରଞ୍ଜନ କର)**

ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୪ର୍ଥ ଦିବସରେ ନାଟକ ଆଲୋଚନା ଶିବିର ଓ ବିଦ୍ୟାଳୟସ୍ତରୀୟ ନାଟକ ସମାରୋହ ଉନ୍ମେଷ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୫ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ନାଲକୋର ସମୂହ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ଓ ଶେଷଦେବ ଶତପଥୀ,ନିର୍ମଳ କୁମାର ରାଉତ,ଅଶୋକ କର,ସୁଶାନ୍ତ କର,ବିରୁପାକ୍ଷ ପ୍ରଧାନ ଓ ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ୨ ଛାତ୍ରୀଛାତ୍ର ଓ ଜଣେ ଲେଖାଏ ଶିକ୍ଷକ ଆଲୋଚକ ଭାବେ ଯୋଗଦେଇଥିଲେ। ନାଟ୍ୟ ମହୋତ୍ସବ କମିଟି ଅଧ୍ୟକ୍ଷ ବିଚ୍ଛନ୍ଦ ଚରଣ ଦାଶ,ପୂର୍ବତନ ଅଧ୍ୟକ୍ଷ ନିରାକାର ନାୟକ, ବିଚାରକ ଦାୟିତ୍ୱରେ ଥିବା ନାଟ୍ୟକାର କୈଳାସ ଚନ୍ଦ୍ର ପାଣିଗ୍ରାହୀ,ଗିରିଜା କୁମାର ଚୌଧୁରୀ ଓ ନଳିନୀ ନିହାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବିଦ୍ୟାଳୟସ୍ତରୀୟ ନାଟକରେ ଛାତ୍ରୀଛାତ୍ର ସମାଜ ସଚେତନତାଭିତ୍ତିକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଏଥିରେ ନାଲକୋ ମହାପ୍ରବନ୍ଧକ ଡି.ଶ୍ରୀଧର କୁମାର ଅତିଥି ରୂପେ ଯୋଗଦେଇଥିଲେ। ସି..ସି..ସି..ସି,କ୍ଲାନ୍ତ ପୃଥିବୀ,ଆମ ଗାଁ ଝିଅ ଆମ ଗାଁର ଉଜ୍ଜ୍ୱଳ, ଆମେ ଏକ ଓ ଆମ ଜାତି ଏକ ଏବଂ ଜରି ନାଟକ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ନାଟ୍ୟ ମହୋତ୍ସବ ପକ୍ଷରୁ ଓଡ଼ିଶାର ପ୍ରଖ୍ୟାତ ନାଟ୍ୟକାର,ନିର୍ଦ୍ଦେଶକ ତଥା ଅଭିନେତା ରାଜକିଶୋର ପାଢ଼ୀଙ୍କୁ ପଞ୍ଚପଟ୍ଟମାଳି ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।





ନାଟ୍ୟକାର ରାଜକିଶୋର ପାଢ଼ୀଙ୍କୁ ସମ୍ମାନିତ କରାଯାଉଛି।

# ସଫେଇ କର୍ମଚାରୀଙ୍କ ମୃତ୍ୟୁ: ଘରୁ ବାହାରିଲା ପୁଳା ପୁଳା ଟଙ୍କା, ସୁନା

**ମାଲକାନଗିରି,୨୦ା୪ (ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଜିଲା ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ସଫେଇ କର୍ମଚାରୀଙ୍କର ଗୁରୁବାର ତାଙ୍କର ମୃତ୍ୟୁ ପରେ ସେ ରହୁଥିବା ଘରୁ ପୁଳା ପୁଳା ଟଙ୍କା ଓ ସୁନା ବାହାରିଛି। ପଡୋଶୀ ଓ ସ୍ଥାନୀୟ ଲୋକେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

ଘରଟି ଅପରିଷ୍କାର ଥିବା ବେଳେ ବିଭିନ୍ନ ସ୍ଥାନରୁ ପୁଳା ପୁଳା ଟଙ୍କା ଓ ସୁନା ଦେଖିବାକୁ ମିଳିଥିଲା। ପଡୋଶୀଙ୍କ କହିବା ଅନୁଯାୟୀ ଗୋଟିଏ ବ୍ୟାଗରୁ ପାଖାପାଖି ୮୦ରୁ ୯୦ ଲକ୍ଷ ଟଙ୍କା ମିଳିଥିଲା। ଉକ୍ତ ଟଙ୍କାଗୁଡିକୁ ତାଙ୍କ ସମ୍ପର୍କୀୟମାନଙ୍କୁ ଦିଆଯିବା ସହ ମୃତଦେହ ମଧ୍ୟ ହସ୍ତାନ୍ତର କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ବର୍ଷ ଧରି ଡମ୍ବରୁ ଗରଡା ସଫେଇ କର୍ମଚାରୀଭାବେ କାର୍ଯ୍ୟ କରୁଥିଲେ। ସେ ବିବାହ କରି ନ ଥିଲେ। ପ୍ରତିଦିନ ଡମ୍ବରୁ ସାଇକେଲରେ ଚିକିତ୍ସାଳୟକୁ ଯାଇ ଫେରୁଥିବା ବେଳେ ସାଧାରଣ ଜୀବନ ଅତିବାହିତ କରୁଥିଲେ। ସେ ରହୁଥିବା ଘରେ ବିଜୁଳି ସଂଯୋଗ ମଧ୍ୟ ନ ଥିଲା। ତେବେ ହଠାତ୍ ଦୁଇଦିନ ପୂର୍ବେ ତାଙ୍କ ଛାତିରେ ଯନ୍ତ୍ରଣା ହେଉଥିବାରୁ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର କିଛି ଦୂର ସମ୍ପର୍କୀୟ ଏ ବିଷୟରେ ଖବର ପାଇ ଆସିବା ପରେ ପୋଲିସ ସହାୟତାରେ ଘର ଯାଞ୍ଚ କରିଥିଲେ।

### ଅମଲା ସଂଘ ରାଜ୍ୟ ସାଧାରଣ ସମ୍ପାଦକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଜୟପୁର,୨୦ା୪(ପବନ ପାଣିଗ୍ରାହୀ)**

ଓଡ଼ିଶା ଅମଲା ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ତରାସିଆଙ୍କୁ ଜୟପୁରରେ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା, ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଜିଲା ଶାଖା, ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ, କର୍ମଚାରୀ ସଂଘ ଓ ଜୟପୁର ସିଟି କର୍ଡିନେସନ୍ କମିଟି କର୍ମକର୍ତ୍ତା ଓ କର୍ମଚାରୀ ସ୍ୱାଗତ କରିଥିଲେ। ଏଥିରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ସଭାପତି ଶଶୀଭୂଷଣ ଦାସ, ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଉପଦେଷ୍ଟା ବୃନ୍ଦାବନ ପଣ୍ଡା, ସଦସ୍ୟ ଶିବରାମ ଦାସ, ୱାଇ. ଶ୍ରୀନିବାସ ରାଓ, ସମ୍ପାଦକ ଶ୍ରୀଧର ହୋତା, ସିଟି କୋଅର୍ଡିନେସନ୍ କମିଟି ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ରାଉଳ, ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସମ୍ପାଦକ ମହେଶ୍ୱର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ପ୍ରଧାନ,ଉପଦେଷ୍ଟା କୈଳାସ ସାମନ୍ତରାୟ, ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ଉପସଭାପତି କାଳୀପ୍ରସାଦ ମିଶ୍ର, ବହୁ କର୍ମଚାରୀ ଓ କର୍ମକର୍ତ୍ତା ଜୟପୁର ମହିଳା ମହାବିଦ୍ୟାଳୟ ସମ୍ମୁଖରୁ ବାହାରି ଯାଦବ ଭବନ ସଭାରେ ଯୋଗଦେଇଥିଲେ। ସମ୍ପାଦକ ମିଶ୍ର ଶିକ୍ଷା ବିଭାଗ କର୍ମଚାରୀମାନଙ୍କର ଦାବି ଉପସ୍ଥାପନ କର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ରାଜ୍ୟ ସାଧାରଣ ସମ୍ପାଦକଙ୍କୁ ଅନୁରୋଧ କରିଥିଲେ। ଦାବି ନିଶ୍ଚିତ ପୂରଣ ହେବ ବୋଲି ସାଧାରଣ ସମ୍ପାଦକ ତରାସିଆ ପ୍ରତିଶ୍ରୁତି ଦେଇଥିଲେ।

### ରଣା ସମାଜ ପ୍ରଥମ ବାର୍ଷିକ ଉତ୍ସବ

**କୋରାପୁଟ,୨୦ା୪(ଅମିତାଭ ବେହେରା)**

କୋରାପୁଟ ମହାଦେଇପୁଟ ଗ୍ରାମରେ ରଣା ସମାଜ ବିକାଶ ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ରବିବାର ପୂର୍ବାହ୍ନରେ ପାଳନ କରାଯାଇଛି। ଏଥିରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାରୁ ଶତାଧିକ ଲୋକେ ଯୋଗଦେଇଥିଲେ। ଉତ୍ସବରେ ଅବିଭକ୍ତ କୋରାପୁଟ ଜିଲା ରଣା ସମାଜ ସଭାପତି ଗୁପ୍ତଚନ୍ଦ୍ର ନାୟକ, ରଣା ସମାଜ ବରିଷ୍ଠ ସଦସ୍ୟ ତଥା ବୈପାରୀଗୁଡ଼ା କଲେଜ ଅଧ୍ୟକ୍ଷ ସଦାନନ୍ଦ ଅଡାରୀ, ପାର୍ବତୀ ମସ୍ତି ଓ ରଶ୍ମିତା ନାୟକ ଉପସ୍ଥିତ ଥିଲେ। ଏଥିରେ କୁନି କୁନି ପିଲାମାନଙ୍କୁ ନେଇ ଚିତ୍ରାଙ୍କନ, ଝୋଟି, ସଙ୍ଗିତ ପ୍ରତିଯୋଗିତା, ଢେମସା, ଚୈତପରବ ଗୀତ ଆଦି କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ରଣା ସମାଜ ଶିକ୍ଷାର ମାନ ବୃଦ୍ଧି, ସଚେତନତା ଓ ରୀତିନୀତି ପରମ୍ପରାକୁ ବଜାୟ ରଖିବା ସହ ବିକାଶର ଧାରାକୁ ତ୍ୱରାନ୍ୱିତ କରିବାକୁ ଆଲୋଚନା ହୋଇଥିଲା। କୋରାପୁଟ ବ୍ଲକ୍ ରଣା ସମାଜ ସଭାପତି ସନ୍ୟାସୀ ପୂଜାରୀ, ସମ୍ପାଦକ ଅମିତ କୁମାର ନାୟକ, କୈଳାସ ମାଛ, ସୁରେନ୍ଦ୍ର ମସ୍ତି ଓ ଜଗନ୍ନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଲ୍‌କୋ ଏସ୍‌ସି, ଏସ୍‌ଟି କର୍ମଚାରୀ ସଂଘର ନିର୍ବାଚନ



ସଂଘ କାର୍ଯ୍ୟାଳୟରେ ମତଦାନ କରାଯାଉଛି।

**ଦାମନଯୋଡ଼ି,୨୦ା୪(ମାନସ ରଞ୍ଜନ କର)**

ଦାମନଯୋଡ଼ି ନାଲ୍‌କୋ ଏସ୍‌ସି/ଏସ୍‌ଟି କର୍ମଚାରୀ କଲ୍ୟାଣ ସଂଘର ନିର୍ବାଚନ ରବିବାର ସଂଘ କାର୍ଯ୍ୟାଳୟରେ ଶେଷ ହୋଇଛି। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ୫ଟାରେ ଭୋଟ ଗଣତି କରାଯାଇଥିଲା। ଏଥିରେ ସଂଘ ସଭାପତି,ସାଧାରଣ ସମ୍ପାଦକ,ଅର୍ଗାନାଇଜିଂ ସେକ୍ରେଟାରୀ-୨ ଓ ସହ-କୋଷାଧ୍ୟକ୍ଷ ପଦ ପାଇଁ ମତଦାନ ହୋଇଥିଲା। ନିର୍ବାଚନ ଚେୟାରମ୍ୟାନ ବିଜୟ କୁମାର କହଁରଙ୍କ ନେତୃତ୍ୱରେ ପ୍ରିଜାଇଡିଂ ଅଫିସର ଭାବେ ପ୍ରକାଶ ଚନ୍ଦ୍ର ସିକାରି,ଅବଜରଭର ବିଷ୍ଣୁପ୍ରସାଦ ବାଉରି ଓ ହରିଶଙ୍କର ଲାକ୍ରା,ପୋଲିଂ ଅଫିସର ଭାବେ ରବେନ୍ଦ୍ର ଖୋରା,କାଇଲୋ ମୁର୍ମୁ,ଦାସ ହେମ୍ବ୍ରମ,ମୋହନଦାସ ପ୍ରଧାନ,ରଞ୍ଜନ ବେହେରା,ଏସ.କେ.ପାତ୍ର,ବଙ୍ଗାଳି ମାଝି,ସୁଶାନ୍ତ ବେହେରା ଏବଂ ନଗରଦୀପ ସେଠୀ,ପ୍ରସନ୍ନ ବେହେରା,ଶ୍ରୀଧର ପରିଡା,ପ୍ରସନ୍ନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ନିର୍ବାଚନରେ ମୋଟ ୪୦୯ଜଣ ମତଦାନ କରିଥିଲେ। ଗୁରୁ ଟାକ୍ରୀ ସଂଘର ସଭାପତି,ସାଧାରଣ ସମ୍ପାଦକ ରବିକାନ୍ତ ନାୟକ,ଅର୍ଗାନାଇଜିଂ ସେକ୍ରେଟାରୀ-୨ ଭାବେ ପାର୍ଥୁମ ଦିଶାରି ଓ ସହ-କୋଷାଧ୍ୟକ୍ଷ ଭାବେ ଦେବଦତ୍ତ ନାୟକ ବିଜୟୀ ହେଇଛନ୍ତି। ବଳଭଦ୍ର ଜାନି ଉପସଭାପତି-୧,ପ୍ରଫୁଲ୍ଲ ଖରା ଉପସଭାପତି-୨,ହିରାଲାଲ କୁଲଦୀପ ଯୁଗ୍ମ ସମ୍ପାଦକ,ଗୁରୁଚରଣ ନାଏକ ଅର୍ଗାନାଇଜିଂ ସେକ୍ରେଟାରୀ-୧,ଗଣେଶ ବେହେରା ଅଫିସ ସମ୍ପାଦକ, ରବିନାରାୟଣ ହାଲବା କୋଷାଧ୍ୟକ୍ଷ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଛନ୍ତି।

## ପାକୁଳି ଗୁମ୍ଫାରେ ଚଇତି ପର୍ବ, ଡଙ୍ଗର ଯାତ୍ରା



ଗୁମ୍ଫାରେ ମା'ଙ୍କ ପୂଜା କରାଯାଉଛି।

**ସୁନାବେଡ଼ା/ସେମିଳିଗୁଡା,୨୦ା୪(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

ସେମିଳିଗୁଡା ବ୍ଲକ ମାଳି ପର୍ବତର ପାକୁଳି ଗୁମ୍ଫାରେ ଚଇତ ପରବ ଓ ଡଙ୍ଗର ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଠାକୁରାଣୀଙ୍କୁ ରିତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ଏଥିସହ ମାଳିପର୍ବତ ସୁରକ୍ଷା ସମିତି ପକ୍ଷରୁ ୨୦୦୩ରୁ ୨୨ ବର୍ଷ ଧରି ସମିତି ତଥା ଅଞ୍ଚଳବାସୀଙ୍କ ସଂଘର୍ଷର କାହାଣୀର ଫଟୋ ପ୍ରଦର୍ଶନୀ କରାଯାଇଥିଲା। ଗୁମ୍ଫାରେ ଥିବା ପାକୁଳି ଠାକୁରାଣୀଙ୍କୁ ପ୍ରତି ବର୍ଷ ହଜାର ହଜାର ଅଧିବାସୀ ପୂଜା କରିଥାନ୍ତି। ନୃତ୍ୟ, ଗୀତ ଓ ଢେମସା ନୃତ୍ୟର ଆସର ଜମିଥିଲା। ପାକୁଳି ଗୁମ୍ଫାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରମ୍ପରାକୁ ଦେଖି ଅଧିବାସୀ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଦାବି କରିଛନ୍ତି। ଏଥିରେ ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ, ଉପଦେଷ୍ଟା ଦାସୀ ନନ୍ଦିବାଲି,ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲି, ନିରଞ୍ଜନ ଖିଲ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ସାମ୍ବା ପାଙ୍ଗୀ, ୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ଓ ୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

झारखण्ड सरकार
आदिवासी कल्याण आयुक्त कार्यालय, झारखण्ड, राँची
स.स. - 03/छात्रावास पोषण योजना (निविदा) - 01/2024-961 दिनांक:20.04.2025
सूचना (Corrigendum)
इस कार्यालय के पत्रांक - 847, दिनांक: 29.03.2025 एवं Corrigendum के पत्रांक - 864, दिनांक: 03.04.2025 द्वारा छात्रावास पोषण योजना 2024 के अन्तर्गत कल्याण विभाग के अधीन छात्रावासें का संचालन/प्रबंधन हेतु गैर सरकारी संस्थाओं/ट्रस्ट/कम्पानी/स्वयं सहायता समूह (NRLM द्वारा गठित) को सूचीबद्ध करने के निमित्त इच्छा की अभिव्यक्ति प्रस्ताव प्राप्त करने हेतु PR No.- 349587 के द्वारा समाचार पत्रों में सूचना एवं jharkhandtenders.gov.in पोर्टल पर दिनांक: 31.03.2025 को निविदा Tender ID संख्या: 2025_WELFR_9920_1 प्रकाशित की गई थी।
2. उक्त प्रकाशित निविदा के अन्तर्गत इच्छा की अभिव्यक्ति प्रस्ताव ऑनलाईन समर्पित करने की अंतिम तिथि - 21.04.2025 निर्धारित है।
3. उक्त अंतिम निर्धारित तिथि को संशोधित करते हुए दिनांक - 26.04.2025 तक ऑनलाईन निविदा को समर्पित करने की अंतिम तिथि को विस्तारित की जाती है।
4. निविदा प्रारूप की शेष कंडिकाएँ यथावत रहेंगी।
आदिवासी कल्याण आयुक्त
PR 350669 (Schedule Tribe, Schedule Caste, Minority and Backward Class Welfare Department) 25-26 (D)

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SAMBALPUR IRRIGATION DIVISION, SAMBALPUR
E-mail id: sidsambalpur@gmail.com
e-Procurement Notice No. SESID-01/2025-26
Bid Identification No. SESID-01 (01-28)/2025-26
No. 1485 Date: 10.04.2025
No. A-38: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Canal Works |
| 2. | Nos. of Works | : | 28 Nos. |
| 3. | Bid Identification No. | : | SESID-01 (01-28)/2025-26 |
| 4. | Estimated Cost | : | 8.45 - 31.78 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the portal | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 9. | Last Date/Time for receipt of Bids in the portal | : | Dt.02.05.2025 upto 17.00 P.M. |
| 10. | Date of Bid Opening | : | Dt.03.05.2025 at 11.00 A.M. |
| 11. | Clarification seeking date | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 12. | Date of Lottery (if required) | : | To be intimated later |
| 13. | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.
Sd./- Superintending Engineer
Sambalpur Irrigation Division, Sambalpur
OIPR-32530/11/0004/2526

# ୧୫୮ ହାଇସ୍କୁଲରୁ ୧୪୬ରେ ନାହାନ୍ତି ପ୍ରଧାନଶିକ୍ଷକ

**ରାୟଗଡ଼ା,୨୦।୪(ଆଶିଷ ରଞ୍ଜନ ପଣ୍ଡା)**

### ରାୟଗଡା ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

- ଭାରପ୍ରାପ୍ତରେ ଚାଲିଛି ବିଦ୍ୟାଳୟ ପରିଚାଳନା
- ୨୦ହଜାର ଛାତ୍ରୀଛାତ୍ରଙ୍କ ଶିକ୍ଷାକୁ ନେଇ ଉଠିଛି ପ୍ରଶ୍ନ

ରାୟଗଡା ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲାରେ ୧୫୮ଟି ହାଇସ୍କୁଲ ଥିବାବେଳେ ସେଥିରୁ ୧୪୬ଟିରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଛି। ବରିଷ୍ଠ ଶିକ୍ଷକଙ୍କୁ କାମଚଳା ଦାୟିତ୍ୱ ଦିଆଯାଇଛି । ଫଳରେ ବାଧାପ୍ରାପ୍ତ ହେଉଛି ଶିକ୍ଷାଦାନ ବ୍ୟବସ୍ଥା । ଯାହାର ନିଚ୍ଛକ ଉଦାହରଣ ଗତ ବର୍ଷମାନଙ୍କରେ ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳକୁ ଦେଖିଲେ ସହଜେ ଅନୁମେୟ । ଗତ ବର୍ଷର ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଜିଲାର ପ୍ରଥମ ୧୦ଜଣଙ୍କ ମଧ୍ୟରେ ଜଣେ ହେଲେ ସରକାରୀ ହାଇସ୍କୁଲରୁ ନ ଥିଲେ । ସମସ୍ତ ୧୦ଜଣ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ରହିଥିଲେ । ମାଧ୍ୟମିକ ସ୍ତରରେ ଜିଲାରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୦ ହଜାର ୯୩୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେମାନଙ୍କ ମଧ୍ୟରୁ ୯ ହଜାର ୨୫୯ ଜଣ ଛାତ୍ରୀ ଏବଂ ୧୧ ହଜାର ୬୭୧ ଛାତ୍ର ରହିଛନ୍ତି । ପିଲାଙ୍କ ଉଚିତ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରଧାନ ଶିକ୍ଷକ ନିଯୁକ୍ତି କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

ମିଳିଥିବା ସୂଚନା ପ୍ରକାରେ, ଜିଲାର ୧୫୮ ଟି ହାଇସ୍କୁଲ ମଧ୍ୟରୁ ମାତ୍ର ୧୨ଟି ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ରହିଛନ୍ତି । ପାଠ ପଢ଼ାଇବା ପାଇଁ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି । ଫଳରେ ଉକ୍ତ ହାଇସ୍କୁଲରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଅଦ୍ୟାବଧି କୌଣସି ଗୋଟିଏ ମଧ୍ୟ ହାଇସ୍କୁଲରେ କୋର୍ସ ଠିକ୍ ଭାବେ ଆରମ୍ଭ ହୋଇ ନ ଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ଫଳରେ ଶିକ୍ଷା ବିଭାଗ ଅଧିନରେ ଥିବା ଏହି ସରକାରୀ ସ୍କୁଲଗୁଡ଼ିକର ଛାତ୍ରୀଛାତ୍ର କିଭଳି ପଢିବେ ସେ ନେଇ ଅଭିଭାବକଙ୍କ ମହଲରେ ଚିନ୍ତା ଘାରିଛି ।

ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାୟଗଡ଼ା, ପଦ୍ମପୁର, ଗୁଡ଼ାରୀ, ଚନ୍ଦ୍ରପୁର ବ୍ଲକରେ ଥିବା ହାଇସ୍କୁଲରେ ଜଣେ ମଧ୍ୟ ପ୍ରଧାନଶିକ୍ଷକ ନାହାନ୍ତି । ସେହିଭଳି ବିଷମକଟକ ବ୍ଲକର ୩, ଗୁଣପୁର ବ୍ଲକର ୩, ଗୁଣପୁର ସହରର ୧, କଲ୍ୟାଣସିଂହପୁର ୧, କାଶୀପୁର ୧, ମୁନିଗୁଡ଼ା ୧, ରାମନାଗୁଡ଼ା ୧ ଓ କୋଲନରା ବ୍ଲକର ଗୋଟିଏ ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ରହିଛନ୍ତି । ଜିଲାର ଏକ ନମ୍ବର ବୋଲାଯାଉଥିବା ରାୟଗଡ଼ା ସହରର ସର୍ବପୁରାତନ ଜିସିଡ଼ି ଉଚ୍ଚ ବିଦ୍ୟାଳୟରେ ମଧ୍ୟ ପ୍ରଧାନଶିକ୍ଷକ ଚୌକି ପାଇଁ ବିବାଦ ଦେଖା ଦେଇଥିଲା। ଫଳରେ ଜିଲାରେ ଚାଲିଥିବା ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁଛି । ଜିଲାରେ ୩୬ଟି ଉଚ୍ଚ ବିଦ୍ୟାଳୟ ଦୀର୍ଘ ୩ ରୁ ୮ ଦଶନ୍ଧି ଧରି ରହିଛି । ଏତଦବ୍ୟତୀତ ୯୬ ଟି ଅପଗ୍ରେଡ଼ ହାଇସ୍କୁଲ ରହିଥିବା ବେଳେ ୨୨ଟି ବ୍ଲକଗ୍ରାଣ୍ଟ ଓ ୪ ଟି ପୂର୍ଣ୍ଣ ଅନୁଦାନ ହାଇସ୍କୁଲ ରହିଛି। ସରକାର ଅପଗ୍ରେଡ୍ ହାଇସ୍କୁଲଗୁଡ଼ିକ ଖୋଲିଥିଲେ ମଧ୍ୟ ସେଗୁଡ଼ିକ ପାଇଁ ଅଦ୍ୟାବଧି ପ୍ରଧାନଶିକ୍ଷକ ପଦବୀ ଲେବଲ-୩ ନିଯୁକ୍ତି ପ୍ରକ୍ରିୟା ଘୋଷଣା କରିନାହାନ୍ତି। ଫଳରେ ଗତ ୧୨ ବର୍ଷ ମଧ୍ୟରେ ଖୋଲାଯାଇଥିବା ଏହି ବିଦ୍ୟାଳୟଗୁଡ଼ିକରେ ଜଣେ ମଧ୍ୟ ପ୍ରଧାନଶିକ୍ଷକ ନିଯୁକ୍ତି ପାଇପାରିନାହାଁନ୍ତି। ତେବେ ଏଥିପାଇଁ ସରକାରୀ ସ୍ତରରେ କୌଣସି ପ୍ରକ୍ରିୟା ମଧ୍ୟ କରାଯାଉ ନ ଥିବା ଜଣାପଡ଼ିଛି । ପ୍ରାଥମିକ ସ୍ତରର ଏମ୍‌ସିଟି ଶିକ୍ଷକମାନେ ହିଁ ମାଧ୍ୟମିକ ଓ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ଭରସା ପାଲଟିଛନ୍ତି । ଏ ନେଇ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକଙ୍କୁ ପଚାରିବାରୁ ବରିଷ୍ଠ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ପ୍ରଧାନ ଶିକ୍ଷକ ନିଯୁକ୍ତି ବିଭାଗ ପକ୍ଷରୁ କରାଯିବ ବୋଲି କହିଛନ୍ତି।

# ତିନି ମାମଲାରେ ୩ ଅଭିଯୁକ୍ତ ଗିରଫ



ଜବତ ମହୁଲ ଫୁଲ ସହ ଗିରଫ ଅଭିଯୁକ୍ତ।

**ରାୟଗଡା, ୨୦।୪ (ଆଶିଷ ରଞ୍ଜନ ପଣ୍ଡା)**

### ଅବକାରୀ ବିଭାଗର ଧରପଗଡ଼

ରାୟଗଡା ଅବକାରୀ ରେଞ୍ଜ ଅନ୍ତର୍ଗତ ଅବକାରୀ ସଦର ଥାନା ଅଞ୍ଚଳରେ ଅବକାରୀ ନିରୀକ୍ଷକ ସତ୍ୟ ନାରାୟଣ ଦାସଙ୍କ ନେତୃତ୍ୱରେ ରବିବାର ଧରପଗଡ କରାଯାଇଥିଲା । ଏଥିରେ ୩ଟି ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ମହୁଲ ଫୁଲ ଚୋରା ଚାଲାଣ ଭିଯୋଗରେ ଜଣେ ଏବଂ ଦେଶୀ ମଦ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନା ପ୍ରକାରେ ବେଆଇନ ମହୁଲ ଫୁଲ ଚୋରା ଚାଲଣ ନେଇ ବିଶସ୍ତ ସୂତ୍ରରୁ ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଚାନ୍ଦିଲି ଥାନା ଅନ୍ତର୍ଗତ ରାୟଗଡା ୩୨୬ନମ୍ବର ଜାତୀୟ ରାଜପଥର କୋଟାପେଟା ଗ୍ରାମ ନିକଟରେ ଅବକାରୀ ନିରୀକ୍ଷକ ଦାସ ଏବଂ ଟିମ ଯାଞ୍ଚ କରୁଥିଲେ। ଉକ୍ତ ସମୟରେ ଏକ ପିକଅପ୍ ଭ୍ୟାନ (ଓଡି ୧୮ ଏନ ୧୮୪୪) ୯ କୁଇଣ୍ଟାଲ ଚାଉଳ ନେଇ ଥେରୁବାଲି ଅଭିମୁଖେ ଯାଉଥିବା ବେଳେ ଉକ୍ତ ଗାଡିକୁ ସନ୍ଦେହ କରି ଯାଞ୍ଚ କରାଯାଇଥିଲା । ପିକଅପ୍‌ରେ ଚାଉଳ ବସ୍ତା ତଳେ ମହୁଲ ଫୁଲ ବସ୍ତା ରହିଥିବା ଅଧିକାରୀମାନେ ଜାଣିବା ପରେ ଗାଡିକୁ ଜବତ କରିଥିଲେ। ପରେ ଗାଡିରୁ ୯ କୁଇଣ୍ଟାଲ ମହୁଲ ଫୁଲ ଜବତ କରାଯାଇଥିଲା । ଏହି ମାମଲାରେ ଚନ୍ଦ୍ର ଗରଡା (୩୪) ନାମକ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେହିପରି ରାୟଗଡା ସହର ମଝିଘରିଆଣୀ ମନ୍ଦିର ନିକଟସ୍ଥ ଚେକଗେଟ୍‌ଠାରେ ଯାଞ୍ଚ ସମୟରେ ଜଣଙ୍କଠାରୁ ୭ ଲିଟର ଏବଂ ଅନ୍ୟ ଜଣଙ୍କଠାରୁ ୮ଲିଟର ଦେଶୀ ମଦ ଜବତ କରାଯାଇ ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉ ବେଳେ ରାୟଗଡା ଅବକାରୀ ସଦର ଥାନା ଓଆଇସି ସଞ୍ଜୟ କୁମାର ପ୍ରଧାନ, ଏଏସ୍‌ଆଇ ରାମେଶ୍ୱର ବେହେରା,କନଷ୍ଟେବଲ ମେଲକା କୁମାରୀ, ଅମର କୁମାର ଦଳେଇ, କିଶୋର କୁମାର ବିଡିକା, ଜି.ଧାର୍ମାରାଓ, ସନ୍ଦୀପ କୁମାର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

# ଦାଦନ ଖଟିବାକୁ ଯାଇ ଡଙ୍ଗରିଆ ନାବାଳିକାଙ୍କ ମୃତ୍ୟୁ

**ରାୟଗଡ଼ା/ବିଷମକଟକ,୨୦।୪ (ଆଶିଷ ରଞ୍ଜନ ପଣ୍ଡା /ପ୍ରସନ୍ନ କୁମାର ପଣ୍ଡା)**

ରାୟଗଡ଼ା ଜିଲାର ଆଦିମ ଜନଜାତି ଭାବେ ପରିଚିତ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଜଣେ ନାବାଳିକା କେରଳ ଥ୍ରିସୁର ଜିଲା ଅଟନିକୁ ଦାଦନ ଖଟିବାକୁ ଯାଇ ଶନିବାର ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ ନାବାଳିକା ହେଲେ ବିଷମକଟକ ବ୍ଲକ ନିୟମଗିରି ପାହାଡ଼ ଖଜୁରୀ ଗ୍ରାମର ଗଣେଶ ୱାଡାକାଙ୍କ ଝିଅ ଆଦାଇ ୱାଡାକା (୧୭) । ଆଦାଇ ଜଣେ ଗରିବ ପରିବାରର ହୋଇଥିବାରୁ ଝିଅର ମୃତଦେହ କେରଳରୁ ଆଣିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ପରିବାର ଲୋକେ କହିଛନ୍ତି। ତେଣୁ ଏ ନେଇ ବହୁଜନ ସମାଜ ପାର୍ଟିର ଜିଲା ସଭାପତି ଜିତୁ ଜାକାକା ଜିଲାପାଳଙ୍କୁ ଚିଠି ଲେଖି ମୃତଦେହ ଫେରାଇ ଆଣି ପରିବାରବର୍ଗଙ୍କୁ ହସ୍ତାନ୍ତର କରିବାକୁ ଅନୁରୋଧ କରିଛନ୍ତି। ସୂଚନା ମୁତାବକ ଆଦାଇ କେରଳର ଅଟନିସ୍ଥିତ କଲତିଲା ନାମକ ଏକ ଟାଇଲ କମ୍ପାନୀରେ କାମ କରିବାକୁ ଯାଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି ଏବଂ ତାଙ୍କ ମରଶରୀର ଥ୍ରିସୁର ମେଡ଼ିକାଲରେ ରହିଛି। ଖବର ପାଇବା ପରେ ଜିଲାପାଳ ପାରୁଲ ପଟାୱରି ମୃତଦେହ ଫେରାଇ ଆଣିବା ପାଇଁ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ପାରୁଲଙ୍କ ସୂଚନା ଅନୁସାରେ ଆଦାଇଙ୍କ ମୃତଦେହ ସୋମବାର ସନ୍ଧ୍ୟା ସୁଦ୍ଧା ଗାଁରେ ପହଞ୍ଚିବା ନେଇ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିଭଳି ବିଷମକଟକ ବ୍ଲକ କାଙ୍କୁବାଡ଼ି ଗ୍ରାମର ନାବାଳକ ବିଜୟ ହିକକା ଗୁଜରାଟ ଯାଉଥିବା ବେଳେ ଟ୍ରେନ୍‌ରୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି।

# କଂଗ୍ରେସ ଭବନ ଶୁଦ୍ଧି କଲା ଜିଲା କଂଗ୍ରେସ



ଦୁଇ ବିଧାୟକ ଏବଂ ଅନ୍ୟମାନେ ଗଙ୍ଗା ଜଳ ସିଞ୍ଚନ କରି, ଘଣ୍ଟ ବଜାଇ କଗ୍ରେସ ଭବନ ଶୁଦ୍ଧୀକରଣ କରୁଛନ୍ତି।

**ରାୟଗଡ଼ା,୨୦।୪(ଆଶିଷ ରଞ୍ଜନ ପଣ୍ଡା)**

### କଂଗ୍ରେସ ଭବନ ସମ୍ମୁଖରେ ଭାଜପାର ବିକ୍ଷୋଭ ପରେ ଶୁଦ୍ଧିକ୍ରିୟା

ରାୟଗଡ଼ା ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନକୁ ରବିବାର ଗଙ୍ଗା ଜଳ ସିଞ୍ଚନ କରାଯାଇ ଶୁଦ୍ଧି କରାଯାଇଥିବା ଦେଖିବାକୁ ମିଳିଛି। ଦୁଇ କଂଗ୍ରେସ ବିଧାୟକ ଓ ଅନ୍ୟ ନେତାଙ୍କ ଉପସ୍ଥିତିରେ ରବିବାର ଅପରାହ୍ନ ୫ଟା ୩୦ରେ ଦଳର ବରିଷ୍ଠ ନେତା ତଥା ବ୍ରାହ୍ମଣ ଦୁର୍ଗା ପ୍ରସାଦ ପଣ୍ଡା ବିଧିବଦ୍ଧ ପୂଜାପାଠ କରି ଗଙ୍ଗା ଜଳ ସିଞ୍ଚନ କରି କଂଗ୍ରେସ ଭବନର ଶୁଦ୍ଧିକ୍ରିୟା କରିଥିଲେ । ଗତ ଶୁକ୍ରବାର ସ୍ଥାନୀୟ କଂଗ୍ରେସ ଭବନ ସମ୍ମୁଖରେ ଭାଜପା ପକ୍ଷରୁ ହୋଇଥିବା ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମରେ କଂଗ୍ରେସ ଭବନ ଅଶୁଦ୍ଧି ହୋଇଯାଇଥିବା କାରଣରୁ କଂଗ୍ରେସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଦୁଇ ବିଧାୟକ ଆପଲସ୍ୱାମୀ କାଡ୍ରାକା ଓ ନୀଳମାଧବ ହିକ୍‌କା କହିଛନ୍ତି ।

ଭାଜପାରେ ବହୁ ଦଳଡିଆଁ ଆତ୍ମଘୋଷିତ ନେତା ରହିଛନ୍ତି । ସେମାନଙ୍କର ନିଜର କୌଣସି ସ୍ଥାୟୀ ଠିକଣା ନାହିଁ । କାରଣ ପୂର୍ବରୁ କଂଗ୍ରେସ ପରେ ବିଜେଡି ଏବଂ ଏବେ ଭାଜପାରେ ରହି ନିଜକୁ ସରକାରୀ ଦଳର ନେତା ବୋଲି ପ୍ରଚାର କରୁଛନ୍ତି ବୋଲି ରାୟଗଡା ବିଧାୟକ ଆପଲସ୍ୱାମୀ ଓ ବିଷମକଟକ ବିଧାୟକ ନୀଳମାଧବ କହିଥିଲେ। ରାୟଗଡ଼ା ଜିଲାର ବିକାଶ ପାଇଁ କୋରାପୁଟ ଏମ୍‌ପି ଓ ଜିଲାର ୩ ବିଧାୟକ ପଦକ୍ଷେପ ନେଉଛନ୍ତି । ହେଲେ ଜିଲାର ବିକାଶରେ ବାଧା ସୃଷ୍ଟି କରିବା ପାଇଁ ଭାଜପା ନେତା ଏଭଳି କରୁଥିବା ଦଳର ବରିଷ୍ଠ ନେତା ଦୁର୍ଗା ପଣ୍ଡା କହିଛନ୍ତି । ଏଥିସହିତ ୱକ୍‌ଫ ବିଲ୍ ପାସ ବେଳେ ଖୋଦ୍ ସରକାରୀ ଦଳର ଦୁଇ ଏମ୍‌ପି ଅନୁପସ୍ଥିତ ରହିଥିଲେ । ଏ ନେଇ ଭାଜପା କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ବୋଲି ପ୍ରଶ୍ନ କରିଛନ୍ତି ଦୁର୍ଗା ପଣ୍ଡା । ତେବେ କଂଗ୍ରେସ ନେତା ଏଭଳି କାର୍ଯ୍ୟରେ ମୁଣ୍ଡ ନ ପୂରାଇ ଜିଲାର ବିକାଶ ପାଇଁ କାର୍ଯ୍ୟ ଜାରି ରଖିବ ବୋଲି କହିଛନ୍ତି ଦୁର୍ଗା ପଣ୍ଡା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା, କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ଯୁବନେତା ତଥା ମିରାବାଲି ସରପଞ୍ଚ ଅଶୋକ ପୁଆଲା, ଅସଲାମ୍ ଖାନ୍, ହରିଶ ପଟ୍ଟନାୟକ, ସତ୍ୟବାନ ତାଡ଼ିଙ୍ଗି, ଜଗଦୀଶ ସୁନାରି, ଅଙ୍କିତ, ଅଂଶୁମାନ ପଟ୍ଟନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଅତିରିକ୍ତ ଜିଲାପାଳଙ୍କ ଘରୁ ଚୋରି ଘଟଣାରେ ୪ ଗିରଫ

**ରାୟଗଡା,୨୦।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କ ସରକାରୀ ବାସଭବନରୁ ଚୋରି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଚିନ୍ତାଡା ଚିରଞ୍ଜିବୀ, ୟମଲା ସାଇ, ବି.ସନ୍ତୋଷ କୁମାର । ତେବେ ଚୋରି ଜିନିଷ କିଣିବା ଅଭିଯୋଗରେ ପୋଲିସ ଉଲାକା ସନ୍ତୋଷଙ୍କୁ ଗିରଫ କରିଛି। ।

ପୋଲିସ ସୂଚନା ଅନୁଯାୟୀ, ଗତ ୧୫ ତାରିଖ ଦିନବେଳେ ଅତିରିକ୍ତ ଜିଲାପାଳ କହଁର ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ଚୋରି କରିବା ପାଇଁ ଉଦ୍ୟମ କରିଥିଲେ। ସେମାନେ ବାହାର ଗେଟ୍ ତାଲା ଏବଂ ଘରର ପ୍ରବେଶ ଦ୍ୱାର ଚାବି ଭାଙ୍ଗିଥିବା ସତ୍ତ୍ୱେ ଚୋରି କରିପାରି ନ ଥିଲେ । କିନ୍ତୁ ଗତ ଜାନୁଆରୀରେ ମଧ୍ୟ ଏହି ବାସଗୃହରୁ କେହି ନ ଥିବା ବେଳେ ଗୋଟିଏ ଏସି ଏବଂ ୩ଟି ଫ୍ୟାନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା । ସେତେବେଳେ ଦୀର୍ଘ ଦିନ ଧରି ଘରଟି ବନ୍ଦ ହୋଇରହିଥିବା ସୁଯୋଗ ନେଇ ଚୋରି ହୋଇଥିଲା । ରାୟଗଡା ଥାନାର ସବ୍‌ଇନ୍‌ସ୍ପେକ୍ଟର କ୍ଷିରସିନ୍ଧୁ ସାହୁ ଘଟଣାର ତଦନ୍ତ କରୁଥିବାବେଳେ ପୋଲିସ ଟିମ ସନ୍ଦେହରେ କିଛି ଯୁବକଙ୍କୁ ଉଠାଇ ଆଣିଥିଲେ । ଗତ ଜାନୁଆରୀରେ ଅଭିଯୋଗ ହୋଇଥିବା ଘଟଣାରେ କେବଳ ଫେନ ଚୋରି କରିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତଙ୍କଠାରୁ ୪ ଫ୍ୟାନ ଜବତ ହୋଇଥିବା ଜଣାପଡିଛି । ଅନ୍ୟାନ୍ୟ ଚୋରୀ ଜିନିଷ ଏବଂ ଗତ ୧୫ ତାରିଖରେ ଦିନବେଳେ ହୋଇଥିବା ଚୋରୀ ଉଦ୍ୟମ ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ । ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଆଇଆଇସି କେକେବିକେ କହଁର ପ୍ରକାଶ କରିଛନ୍ତି ।

# ମିଳୁନି ହତ୍ୟା ପ୍ରମାଣ, ଭିସେରା ଭରସା

**ବ୍ରହ୍ମପୁର, ୨୦।୪ (ସୁବାସ ଚନ୍ଦ୍ର ପାଢ଼ୀ)**

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

ଆହତ ଅବସ୍ଥାରେ ଉଦ୍ଧାର ହୋଇଥିବା ଯୁବକ ରାମକୃଷ୍ଣ ସାହୁ(୨୧)ଙ୍କ ଏମ୍‌କେସିଜି ମେଡିକାଲରେ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ପୁଅକୁ ତାଙ୍କ ପାଣି ଫ୍ୟାକ୍ଟ୍ରି ମାଲିକ ହତ୍ୟା କରିଥିବା ମା' କୁମୁଦ ସାହୁ ଅଭିଯୋଗ କରଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ହତ୍ୟାର ପ୍ରମାଣ ମିଳିପାରୁ ନ ଥିବା ବେଳେ ରାମକୃଷ୍ଣଙ୍କ ମୃତ୍ୟୁର କାରଣ ଜାଣିବାକୁ ଭିସେରା ଓ ହିଷ୍ଟୋ ପାଥୋଲୋଜି ପାଇଁ ଶରୀରର ଲିଭର, ହାର୍ଟର କିଛି ଅଂଶ ସଂଗ୍ରହ କରାଯାଇଛି। ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ରିପୋର୍ଟରୁ ସନ୍ଦେହ କରାଯାଉଛି। ଭିସେରା ଓ ହିଷ୍ଟୋ ପାଥୋଲୋଜି ରିପୋର୍ଟ ମିଳିବା ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଛି।

# ମା' ବୋଲି ଡାକି ଲୁଟିଲେ ସୁନାଗହଣା, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୨୦।୪(ସୁବାସ ଚନ୍ଦ୍ର ପାଢ଼ୀ)**

### ବୃଦ୍ଧାଙ୍କ ଗହଣା ବ୍ୟାଗ ଲୁଟ୍

ପାଲୁର ବଙ୍ଗଳାର ବିଷ୍ଣୁପ୍ରିୟା ଦେବୀ(୭୦)ଙ୍କ ସୁନା ଗହଣା ଓ ରୁପା ଭର୍ତ୍ତି ବ୍ୟାଗ ଶନିବାର ଅପରାହ୍ନରେ ଲୁଟ୍ ହୋଇଥିଲା। ବଡବଜାର ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ଲୁଟେରାଙ୍କୁ ଧରିଛି। ସେ ହେଲେ ବ୍ରହ୍ମପୁର ଗଣପତି ନଗର ତୃତୀୟ ଲାଇନର ସୁଶାନ୍ତ କୁମାର ପାତ୍ର (୫୦)। ସେ ଘରେ ଲୁଚାଇ ରଖିଥିବା ସମସ୍ତ ଲୁଟ୍ ସୁନା ଗହଣା ଓ ରୁପା ଜବତ ହୋଇଛି। ସେହିପରି ଘଟଣାରେ ବ୍ୟବହୃତ ସୁଶାନ୍ତଙ୍କ ସ୍କୁଟି ମଧ୍ୟ ପୋଲିସ ଜବତ କରି ମାମଲା ନଂ. ୧୫୫/୨୫ରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫ କହିଛନ୍ତି।

ମାମଲାରୁ ପ୍ରକାଶ, ବିଷ୍ଣୁପ୍ରିୟା ଭଗବାନଙ୍କୁ ଅର୍ପଣ କରିବା ପାଇଁ ବଡ଼ବଜାର ଛକରେ ଥିବା ବିଶ୍ୱନାଥ ଜୁଏଲର୍ସକୁ ରୁପା କିରଟି କିଣିବାକୁ ଯାଇଥିଲେ। ସବୁ ଜିନିଷ ସେ ଗୋଟିଏ ବ୍ୟାଗରେ ରଖିଥିଲେ। ସେଥିରେ ପ୍ରାୟ ୫ତୋଳା ଓଜନର ସୁନା ଅଳଙ୍କାର ଓ ମୋବାଇଲ ଫୋନ ଥିଲା। ଦୋକାନ ବାହାରେ ଥିବା ସୁଶାନ୍ତ ଦୋକାନ ଭିତରକୁ ଯାଇ ବୃଦ୍ଧାଙ୍କୁ ମା'ବୋଲି ସମ୍ବୋଧନ କରି ଘରକୁ ଯିବା ବୋଲି କହିଥିଲେ। ପରେ ସେ ସୁନା ଦୋକାନ ବାହାରକୁ ଆସି ବୃଦ୍ଧାଙ୍କୁ ଅଟୋରେ ବସାଇଥିଲେ। ତାଙ୍କ ସୁନା ଗହଣା ଥିବା ବ୍ୟାଗଟି ସୁଶାନ୍ତ କୌଶଳକ୍ରମେ ଧରି ଅଟୋକୁ ଆଗରେ ଅଛି ଆସ ବୋଲି କହି ଫେରାର ହୋଇଯାଇଥିଲେ। ବଜାର ଭିଡ ଥିବାରୁ ଅଟୋ ଚାଳକ ଜଣଙ୍କ ସ୍କୁଟି ଚାଳକଙ୍କୁ ଠାବ କରିପାରି ନ ଥିଲେ। ପରେ ବଡ଼ବଜାର ଥାନାରେ ପହଞ୍ଚି ବୃଦ୍ଧା ଜଣକ ଏନେଇ ଏତଲା ଦେଇଥିଲେ । ପୋଲିସ ସୁନା ଦୋକାନ ସିସିଟିଭି ଫୁଟେଜକୁ ଆଧାରକରି ଲୁଟେରା ସୁଶାନ୍ତଙ୍କୁ ଟ୍ରାକ କରିଥିଲା। ରବିବାର ସନ୍ଧ୍ୟାରେ ସୁଶାନ୍ତଙ୍କୁ ହରିଡାଖଣ୍ଡି ଛକରୁ ପୋଲିସ ଗିରଫ କରି ଲୁଟ୍ ସୁନା ଗହଣା ଜବତ କରିଛି।

# ପୀଡ଼ିତାଙ୍କ ବୟାନ ରେକର୍ଡ,ଜେଲ ଗଲେ ଅଭିଯୁକ୍ତ

**ବ୍ରହ୍ମପୁର, ୨୦।୪(ସୁବାସ ଚନ୍ଦ୍ର ପାଢ଼ୀ)**

### ନାବାଳିକା ଅପହରଣ ସହ ବଳାତ୍କାର ମାମଲା

ବୈଦ୍ୟନାଥପୁର ପୋଲିସ ଜଣେ ଅପହୃତ ନାବାଳିକାଙ୍କୁ ମାସେ ପରେ ଖୋର୍ଦ୍ଧାରୁ ଉଦ୍ଧାର କରି ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ପିଡ଼ିତାଙ୍କ ବୟାନ ଅନୁଯାୟୀ ଅପହରଣକାରୀ ଯୁବକଙ୍କୁ ବଳାତ୍କାର ମାମଲାରେ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ କଟକ ବାଙ୍କୀ ଥାନା ଅନ୍ତର୍ଗତ ଘାଷିପୁଟର ଚନ୍ଦନ ନାୟକ(୨୩)। ପୋଲିସ ଉଭୟ ପିଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରି ଗିରଫ ପରେ ଚନ୍ଦନଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।



ଗିରଫ ଅଭିଯୁକ୍ତ।

ମାମଲାର ବିବରଣୀରୁ ପ୍ରକାଶ, କବିସୂର୍ଯ୍ୟନଗର ଅଞ୍ଚଳର ଜଣେ ବ୍ୟକ୍ତି ଏକ ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ଅଛନ୍ତି। ତାଙ୍କ ସ୍ତ୍ରୀ ଓ ଝିଅ ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରରେ ଏକ କମ୍ପାନୀରେ କାମ କରି ରହୁଥିଲେ। ଉକ୍ତ କମ୍ପାନୀରେ ଚନ୍ଦନ ମଧ୍ୟ କାମ କରୁଥିଲେ। ସେଠାରେ ଚନ୍ଦନ ଓ ଉକ୍ତ ମହିଳାଙ୍କ ନାବାଳିକା ଝିଅଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୨୦୨୪ ଅଗଷ୍ଟ ୧୬ରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ବ୍ରହ୍ମପୁର ଜେଲରେ ସାକ୍ଷାତ ପାଇଁ ଝିଅକୁ ଧରି ଆସିଥିଲେ। ସେଠାରୁ ନାବାଳିକା ସ୍ଥାନୀୟ ଆଇଟିଆଇରେ ପାଠପଢିବା ପାଇଁ ବୁଝାବୁଝି କରିବାକୁ ତାଙ୍କ ମା'ଙ୍କୁ କହି ଏକାକୀ ଯାଇଥିଲେ। ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ସାକ୍ଷାତ କରିବା ସମୟ ଅବଧି ପରେ ଝିଅକୁ ଫୋନ କରିଥିଲେ। ତେବେ ତାଙ୍କ ଫୋନ ସୁଇଚ ଅଫ ଥିଲା। ସେ ଝିଅକୁ ବହୁତ ଖୋଜାଖୋଜି କରି ନିରାଶ ହେବା ପରେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଅଭିଯୁକ୍ତ ଚନ୍ଦନ ତାଙ୍କର ଜଣେ ସାଙ୍ଗଙ୍କ ଘର ଖୋର୍ଦ୍ଧାରେ ହେଉଥିବା ଯାତ୍ରା ଦେଖିବାକୁ ଆସିଥିବା ପୋଲିସ ଖବର ପାଇ ସେଠାରୁ ପିଡ଼ିତାଙ୍କୁ ଉଦ୍ଧାର କରିବା ସହ ତାଙ୍କୁ କାବୁ କରିଥିଲା।

# ବଜରଙ୍ଗ ଦଳର ସୌର୍ଯ୍ୟ ଜାଗରଣ ଯାତ୍ରା

### ମୁର୍ଶିଦାବାଦରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ବିରୋଧ

**ରାୟଗଡ଼ା,୨୦।୪(ଆଶିଷ ରଞ୍ଜନ ପଣ୍ଡା)**



ସୌର୍ଯ୍ୟ ଜାଗରଣ ଯାତ୍ରାରେ ସାମିଲ ହୋଇଥିବା ବଜରଙ୍ଗ ଦଳ କର୍ମୀ ଏବଂ ଅନ୍ୟମାନେ।

ପଶ୍ଚିମବଙ୍ଗ ମୁର୍ଶିଦାବାଦଠାରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ତୀବ୍ର ବିରୋଧ କରିଛି ରାୟଗଡା ବଜରଙ୍ଗ ଦଳ। ଏ ନେଇ ରବିବାର ବଜରଙ୍ଗ ଦଳ ପକ୍ଷରୁ ସୌର୍ଯ୍ୟ ଜାଗରଣ ଯାତ୍ରା ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ବାହାରି ସହର ମୁଖ୍ୟ ବଜାର ଦେଇ ନଗର ପରିକ୍ରମା କରିବା ପରେ ପ୍ରଭୁ ଶ୍ରୀରାମଙ୍କ ଜୟଧ୍ୱନୀ ସହ ଇନ୍ଦିରନଗରସ୍ଥିତ ରାଧା କୃଷ୍ଣ ମନ୍ଦିରଠାରେ ପହଞ୍ଚିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଆନୁକୂଲ୍ୟରେ ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଏହି ଜାଗରଣ ଯାତ୍ରାରେ ବହୁ ହିନ୍ଦୁ ପ୍ରେମୀ ଓ ବଜରଙ୍ଗ ଦଳ କର୍ମୀ ସାମିଲ ହୋଇଥିଲେ । ପଶ୍ଚିମବଙ୍ଗରେ ତୁରନ୍ତ ରାଷ୍ଟ୍ରପତି ଶାସନ ଲାଗୁ କରି ହିନ୍ଦୁ ଭାଇମାନଙ୍କୁ ସୁରକ୍ଷା ଦେବା ପାଇଁ ଦାବି କରାଯାଇଥିଲା । ସେହିଭଳି ରାୟଗଡା ସହର ଓ ଏହାର ଆଖପାଖ ଅଞ୍ଚଳରେ ବାଂଲାଦେଶୀ ରୋହିଙ୍ଗିଆ ଆସି ବିଭିନ୍ନ ଅନୈତିକ କାର୍ଯ୍ୟ କଳାପ ଚଳାଇଛନ୍ତି । ବର୍ତ୍ତମାନଠାରୁ ଯଦି ସେମାନଙ୍କୁ ପ୍ରତିରୋଧ କରା ନ ଯିବ, ତେବେ ଭବିଷ୍ୟତରେ ରାୟଗଡାରେ ମଧ୍ୟ ମୁର୍ଶିଦାବାଦ ଭଳି ସ୍ଥିତି ଉପୁଜିବାରେ ବିଳମ୍ବ ହେବନାହିଁ ବୋଲି ବଜରଙ୍ଗ ଦଳ ପକ୍ଷରୁ କୁହାଯାଇଛି। ହିନ୍ଦୁ ଏକ ହେବା ପାଇଁ ଯାତ୍ରାରେ ଯାତ୍ରାରେ ଦଳ ପକ୍ଷରୁ ନିବେଦନ କରାଯାଇଥିଲା। ସୌର୍ଯ୍ୟ ଜାଗରଣ ଯାତ୍ରାକୁ ବିଶ୍ୱ ହିନ୍ଦୁ ପରିଷଦ ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ପାତ୍ର, ବିଏଚ୍‌ପି ରାୟଗଡା ଜିଲା ସମ୍ପାଦକ କେ ରମେଶ, ନଗର ସଭାପତି ଗୋପୀ ବ୍ରହ୍ମା, ସହ ସମ୍ପାଦକ ଗୋପୀନାଥ ଗୌଡ଼, ବଜରଙ୍ଗ ଦଳ ରାୟଗଡା ନଗର ପ୍ରମୁଖ ସଶ୍ୟଜ୍ୟୋତି ବେହେରା, କର୍ମୀ କେ. ରାଜେଶ ବାବୁ, ଆଇନଜୀବୀ ଅରୁଣ ଲେଙ୍କା, ବିରଜା ପାତ୍ରଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ଜିଲା ପ୍ରଚାର ପ୍ରସାରକ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ୩ ମାଓବାଦୀ ଗିରଫ

ମାଲକାନଗିରି, ୨୦।୪ (ନୃସିଂହ ଚରଣ ମହାନ୍ତି)

ଛତିଶଗଡ ନାରାୟଣପୁରରେ ଯବାନଙ୍କ ଦ୍ୱାରା ତଲାସି ବେଳେ ୩ ମାଓବାଦୀ ଗିରଫ ହୋଇଛନ୍ତି। ନାରାୟଣପୁର ଜିଲା କୋହକାମେଟା ଥାନା ମାର୍କୁଡ ଜଙ୍ଗଲରେ ଗତ କିଛିଦିନ ପୂର୍ବେ ମାଓବାଦୀମାନେ ଆଇଇଡି ବୋମା ଖଞ୍ଜିଥିବା ବେଳେ ଗୋଟିଏର ବିସ୍ଫୋରଣ ଫଳରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିଲେ। ତେବେ ଏହାପରେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆଯାଇଥିଲା। ରବିବାର ଡିଆରଜି ଯବାନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ତଲାସି ବେଳେ ଜଙ୍ଗଲରେ କିଛି ବ୍ୟକ୍ତି ଲୁଚି ପଳାଉଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ୩ ଜଣଙ୍କୁ ଯବାନମାନେ କାବୁକରି ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ବିଗତ ଦିନରେ ହୋଇଥିବା ବୋମା ବିସ୍ଫୋରଣ ଘଟଣାରେ ଏମାନେ ସାମିଲ ଥିବା ସ୍ୱୀକାର କରିବା ପରେ ଯବାନମାନେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

### ବାଲିମେଳାରେ ବିଏସ୍ଏନ୍ଏଲ୍‌ର ୪ଜି ସେବା ବ୍ୟାହତ

#### ଦୁର୍ଦ୍ଦଶା ଭୋଗୁଛନ୍ତି ସହରବାସୀ

କୋରୁକୋଣ୍ଡା, ୨୦।୪ (ଶିବଦତ୍ତ ସାହୁ)

ବାଲିମେଳା ସହରରେ ବହୁ ଦିନ ପରେ ବିଏସ୍ଏନଏଲ ପକ୍ଷରୁ ଗତ ଡିସେମ୍ବରରେ ଆରମ୍ଭ ହୋଇଥିଲା ୪ଜି ସେବା। ଦୀର୍ଘ ବର୍ଷ ଧରି ଅନ୍ୟାନ୍ୟ ମୋବାଇଲ ସେବା ଯୋଗାଉଥିବା କମ୍ପାନୀରେ ଅଧିକ ଶୁଳ୍କ ଦେଇ ବାଧ୍ୟ ହୋଇ ବ୍ୟବହାର କରୁଥିବା ଲୋକଙ୍କୁ ଆଶ୍ୱସ୍ତି ମିଳିଥିଲା। ଏଥିଯୋଗୁ ସହରବାସୀ ଖୁସି ହୋଇଥିଲେ। କିନ୍ତୁ ସଂସ୍ଥା ପକ୍ଷରୁ ବାଲିମେଳାରେ ୪ଜି ସେବା ଆରମ୍ଭର କିଛି ଦିନ ପରଠାରୁ କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ବିଏସ୍ଏନ୍ଏଲ ସିମ୍ ବ୍ୟବହାର କରୁଥିବା ଉପଭୋକ୍ତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ଉପଭୋକ୍ତାମାନେ ବହୁବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେବି କେହି କର୍ଣ୍ଣପାତ କରୁନଥିବା କହିଛନ୍ତି।

### ୫ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୨୦।୪ (ନୃସିଂହ ଚରଣ ମହାନ୍ତି)

ଛତିଶଗଡ ନାରାୟଣପୁର ଜିଲାରେ ୫ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଡେପୁଟି କମାଣ୍ଡର ଏବଂ ଏଲଓଏସ୍ ସଦସ୍ୟଙ୍କ ସମେତ ୫ ଜଣ ରହିଛନ୍ତି। ଏମାନେ ଦୀର୍ଘ ବର୍ଷ ଧରି ସଙ୍ଗଠନରେ ରହି କାର୍ଯ୍ୟକରି ଆସୁଥିଲେ। ସଙ୍ଗଠନର କୁତୁଲ ଏବଂ ଇନ୍ଦ୍ରାବତୀ କ୍ଷେତ୍ର କମିଟି ଅଧୀନରେ ଏମାନେ ସକ୍ରିୟ ଥିବା ବେଳେ ସଙ୍ଗଠନ ନିଜର ସ୍ଥିତି ହରାଇବା ସହ ନୀତି ଆଦର୍ଶରୁ ଓହରି ଯାଇଥିବାରୁ ସାଧାରଣ ଜୀବନ ଯାପନ ପାଇଁ ନିଷ୍ପତ୍ତି ନେଇ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ୫୦,୦୦୦ ଟଙ୍କାର ଚେକ୍ ଦିଆଯାଇଥିବା ବେଳେ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ମାଲକାନଗିରିରେ ଝଡ଼ତୋଫାନ

ମାଲକାନଗିରି, ୨୦।୪ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସଦର ସମେତ ବିଭିନ୍ନ ସ୍ଥାନରେ ରବିବାର ଝଡ଼ତୋଫାନ, ଘଡଘଡି ସହ ବର୍ଷା ହୋଇଥବଲା। ପବନ ଯୋଗୁ ଡିଏନ୍‌କେ ୧୧୯ କଲୋନୀରେ ଏକ ବଡ ଆମ୍ବଗଛ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟ ଉପରେ ପଡିବା ଦ୍ୱାରା ତାର ଛିଡିବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ ଓ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ଡାଳ



ଅଗ୍ନିଶମ ବାହିନୀ କର୍ମଚାରୀ ରାସ୍ତାରେ ପଡିଥିବା ଗଛ କାଟି ସଫା କରୁଛନ୍ତି ।

#### ଭାଙ୍ଗିଲା ଅନେକ ଗଛ, ବିଦ୍ୟୁତ୍ ସରବରାହ ବନ୍ଦ

କାଟି ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ପଡିବା ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ଦ୍ୱାରା ସହରର କେତେକ ସ୍ଥାନ ଅନ୍ଧାରରେ ରହିଛି। ଜାତୀୟ ରାଜପଥ ପାର୍ଶ୍ୱ, ସାହି ବସ୍ତି ଓ ବିଭିନ୍ନ ସ୍ଥାନରେ ବିରାଟକାୟ ଗଛ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି। ଏହା ସହ କେତେକ ସ୍ଥାନରେ ରାସ୍ତା ଉପରେ ବଡ ଗାଡିଗୁଡିକ ମଧ୍ୟ ଯାତାୟାତ କରିବାରେ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଅନେକ ଗ୍ରାମରେ କଦଳୀ ଓ ଅମୃତ ଭଣ୍ଡା, ଆମ୍ବ, ଚାକୁଣ୍ଡା ଗଛ ଭାଙ୍ଗି ନଷ୍ଟ ହୋଇ ଯାଇଥିବାର ଦେଖିବାକୁ ମିଳିଛି।

## ଯୁବତୀଙ୍କ ଗଳିତ ମୃତଦେହ ଘଟଣାର ପର୍ଦ୍ଦାଫାଶ, ଯୁବକ ଗିରଫ

ମାଲକାନଗିରି, ୨୦।୪ (ଗୌରୀଶଙ୍କର ପଣ୍ଡା)

ଗତ ଏପ୍ରିଲ ୧୨ରେ ମାଲକାନଗିରି ବ୍ଲକ ରେଙ୍ଗାବନ୍ଧ ଗ୍ରାମ ନିକଟ ଜଙ୍ଗଲରେ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଜବତ ଘଟଣାରେ ପୋଲିସ ତଦନ୍ତ କରିଥିଲା। ପରେ ଘଟଣାର ପର୍ଦ୍ଦାଫାଶ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ରବିବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସୁକ୍‌ମା ଜିଲା ପାଣ୍ଡୁମ ଗ୍ରାମର ଉମେଶ ନାଗ । ଏ ନେଇ ନଂ୨୧/୨୫ରେ ମାମଲା ରୁଜୁ କରାଯାଇଥିଲା।

ମାଲକାନଗିରି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିନୋଦ ପାଟିଲ ଦେଇଥିବା ସୂଚନା ଅନୁଯାୟୀ, ଛତିଶଗଡ ଅଞ୍ଚଳର ଜଣେ ଯୁବତୀ ଓ ସୁକ୍‌ମା ଜିଲା ପାଣ୍ଡୁମ ଗ୍ରାମର ଉମେଶ ନାଗଙ୍କ ମଧ୍ୟରେ ଗତ ଏକବର୍ଷ ଧରି ପ୍ରେମ ସମ୍ପର୍କ



ଗିରଫ ଯୁବକ ।

ରହିଥିଲା। ଦୁହିଁଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ମଧ୍ୟ ଥିଲା। ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ଯୁବତୀ ଏବଂ ଉମେଶ ୨୦।୩।୨୫ରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଯୁବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଗର୍ଭବତୀ ଥିବା ଜଣାପଡିବା ପରେ ଗର୍ଭପାତ ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ । ଗର୍ଭପାତ କରିବେ ନାହିଁ ବୋଲି ଡାକ୍ତର ମନା କରିଥିଲେ। ଫଳରେ ଉମେଶ ଉପାୟ ନ ପାଇ ରେଙ୍ଗାବନ୍ଧ ଗ୍ରାମ ନିକଟ ଜଙ୍ଗଲରେ ଯୁବତୀଙ୍କୁ ହତ୍ୟା କରିଥିଲେ। ଗତ ୧୨ ତାରିଖରେ ଗଳିତ ମୃତଦେହ ମିଳିଲା ପରେ ପୋଲିସ ଏହାର ତଦନ୍ତ କରିବା ସହ ପଡୋଶୀ ଛତିଶଗଡ ସୁକ୍‌ମା ପୋଲିସ ସହ ଯୋଗାଯୋଗ କରି ଯୁବତୀଙ୍କ ଠିକଣା ଜାଣି ତାଙ୍କ ଘରକୁ ଯାଇ ପିନ୍ଧିଥିବା ବସ୍ତ୍ର ଓ ଅନ୍ୟାନ୍ୟ ଜିନିଷ ଦେଖାଇଥିଲା। ଯୁବତୀଙ୍କ ପରିବାର ଲୋକେ ସମସ୍ତ ଜିନିଷ ଚିହ୍ନଟ କରିଥିଲେ।

## ୨ ନାଗ ସାପ ଉଦ୍ଧାର

ଜୟପୁର, ୨୦।୪ (ପବନ ପାଣିଗ୍ରାହୀ)

ଜୟପୁର ବନ ବିଭାଗ ପକ୍ଷରୁ ଡଙ୍ଗରଛିଞ୍ଚି ପଞ୍ଚାୟତ ଅଫିସ ନିକଟରୁ ୨ ନାଗ ସାପ ଶନିବାର ସକାଳୁ ଉଦ୍ଧାର କରାଯାଇଛି। ଚିକିତ୍ସା ସମୟରେ ଗୋଟିଏ ନାଗସାପର ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ ଡଙ୍ଗରଛିଞ୍ଚି ପଞ୍ଚାୟତ ଅଫିସ ନିକଟରେ ଜେସିବିରେ କାମ ଚାଲୁଥିଲା ବେଳେ ନିକଟରେ ଥିବା ଏକ ହୁଙ୍କା ଭାଙ୍ଗିବାରୁ ଗୋଟିଏ ନାଗସାପକୁ ଆଘାତ ଲାଗିଥିବା ବେଳେ ଅନ୍ୟଟି ସାମାନ୍ୟ ଆହତ ହୋଇଥିଲା। ଜୟପୁର ବନପାଳ ସଚ୍ଚିଦାନନ୍ଦ ପରିଡା, ସ୍ନେକ ହେଲ୍ପ ଲାଇନର କୃଷ୍ଣ କେଶବ ଷଡଙ୍ଗୀ ପହଞ୍ଚି ୨ ସାପକୁ ଉଦ୍ଧାର କରିଥିଲେ। ଅନ୍ୟ ଏକ ସାପର ବେକ ପାଖରେ ୧୫ଟି ଷ୍ଟିଚ ପକାଇବା ପରେ ସାପଟି ବଞ୍ଚିଛି। ବନବିଭାଗ ପକ୍ଷରୁ ରେଞ୍ଜ ଅଫିସକୁ ଆଣି ତରଳ ପଦାର୍ଥ ଖାଦ୍ୟ ଦିଆଯାଉଛି। ୮ରୁ ୧୦ ଦିନ ଅବଜରଭେସନରେ ରଖିବା ପରେ ସାପଟିକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ରେଞ୍ଜର ସଚ୍ଚିଦାନନ୍ଦ ପରିଡା କହିଛନ୍ତି।

## ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

କୋରାପୁଟ, ୨୦।୪ (ଅମିତାଭ ବେହେରା)

କୋରାପୁଟ ସହରର ପୂଜାରୀପୁଟସ୍ଥିତ ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମିଳନୀ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ରଶ୍ମିତା କର ଯୋଗଦେଇଥିଲେ। ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଅଭିଭାବକମାନଙ୍କ କର୍ତ୍ତବ୍ୟ ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଜିତେନ୍ଦ୍ର ଖୋସଲା, ସିଆରସିସି ପ୍ରଦୀପ କୁମାର ପାତ୍ର, ପୂର୍ବତନ ଅଧ୍ୟକ୍ଷ ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମିଳନୀରେ ବହୁ ଅଭିଭାବକମାନେ ବିଦ୍ୟାଳୟରେ ପାଠ ପଢା ସହ ବିଭିନ୍ନ ସୁବିଧା ଅସୁବିଧା ଉପରେ ଆଲୋଚନା କରିଥିଲେ।

## ଦିବାକର ନାୟକଙ୍କ ବିୟୋଗରେ ଶୋକସଭା

ଜୟପୁର, ୨୦।୪ (ପବନ ପାଣିଗ୍ରାହୀ)

ସିପିଆଇ ବରିଷ୍ଠ ନେତା ଦିବାକର ନାୟକଙ୍କ ଅସୁସ୍ଥତା ପରେ ଶନିବାର ରାତି ୧୧ଟାରେ ବିୟୋଗ ହୋଇଛି। ଦିବଂଗତ ଜନନେତାଙ୍କୁ କୋରାପୁଟ ଜିଲା କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶ୍ରମିକ କର୍ମଚାରୀ ଭବନରେ ରବିବାର ପୂର୍ବାହ୍ନରେ ଶୋକସଭା ପାଳନ କରାଯାଇଛି। ସ୍ୱର୍ଗତ ନାୟକ ସିପିଆଇ ରାଜ୍ୟ ସମ୍ପାଦକ ଓ ଜାତୀୟ କାର୍ଯ୍ୟକାରୀ ସଭ୍ୟ ଥିଲେ। ନିଜକୁ ସମ୍ପୂର୍ଣ୍ଣ କମ୍ୟୁନିଷ୍ଟ ଆନ୍ଦୋଳନକୁ ସମର୍ପିତ କରିବା ପାଇଁ ଚାକିରି ନ କରିବାକୁ ଚିନ୍ତା କରି ସାର୍ଟିଫିକେଟ ସବୁ ଚିରି ଦେଇଥିଲେ। ଏଥିପାଇଁ ଏକ ଜିଲାସ୍ତରୀୟ ସ୍ମୃତି ସଭା ପାଳନ କରାଯିବ। ସଭାରେ ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ବସନ୍ତ ବେହେରା ଓ ଜୟରାମ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ଅସୁରକ୍ଷିତ ଅବସ୍ଥାରେ ପଢୁଛନ୍ତି ଛାତ୍ରୀଛାତ୍ର

#### ଜରାଜୀର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ର କୋଠା

କୋଡ଼ିଙ୍ଗା, ୨୦।୪ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷଗୁମୁଡା ବ୍ଲକ ଡୁମାଦେଇ ଅଙ୍ଗନୱାଡ଼ି କେନ୍ଦ୍ରରେ ଅସୁରକ୍ଷିତ ଭାବେ କୁନି କୁନି ପିଲାମାନେ ପଢୁଛନ୍ତି। ଅଙ୍ଗନୱାଡ଼ି କୋଠା ଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଛାତରୁ କଂକ୍ରିଟ୍ ଝଡୁଥିବାବେଳେ ବର୍ଷା ହେଲେ ପାଣି ଗଳେ। ଅଳ୍ପ ବର୍ଷା ହେଲେ ବାହାରେ ପାଣି ଜମା ହୋଇ ରହୁଛି। ଫଳରେ କେନ୍ଦ୍ରକୁ ଯିବା କଷ୍ଟକର। ଅନେକ ସମୟରେ ପିଲାମାନେ ବସିଥିବା ବେଳେ ଛାତରୁ କଂକ୍ରିଟ ଝଡୁଥିବା କର୍ମୀ



ଛାତରୁ ପ୍ଲାଷ୍ଟର ଖସି ରଡ୍ ଦେଖାଯାଉଛି।

ରଶ୍ମିରାଣୀ ରଥ ପ୍ରକାଶ କରିଛନ୍ତି। ଏଥିସହ କେନ୍ଦ୍ରରେ ପାଚେରୀ ମଧ୍ୟ ନାହିଁ। ଏ ସବୁ ସମସ୍ୟା ନେଇ ସୁପ୍ରଭାଇଜର ସୁଜାତା ପଣ୍ଡାଙ୍କୁ ଅବଗତ କରାଯାଇଥିବା ଅଙ୍ଗନୱାଡି କର୍ମୀ କହିଛନ୍ତି। ଏନେଇ ଆମେ ସିଡିପିଓ ଯମୁନା ଭଦ୍ରାଙ୍କୁ ପଚାରିବାରୁ ଅଙ୍ଗନୱାଡି କେନ୍ଦ୍ର ମରାମତି ନିମନ୍ତେ ଏକ ଲକ୍ଷ ଚାଳିଶ ହଜାର ଟଙ୍କା ମଞ୍ଜୁର ହୋଇଛି। ଅତିଶୀଘ୍ର ମରାମତି ହୋଇ ଯିବ ବୋଲି ସେ କହିଛନ୍ତି।

## ପ୍ରମୋଦ ସାହୁ ମେମୋରିଆଲ ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚରେ ଯୋଗଦେଇଥିବା ଅତିଥି ।

କୋରୁକୋଣ୍ଡା, ୨୦।୪ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଷ୍ଟାଡିୟମରେ ରବିବାର ଏନ୍ଏସି ପୂର୍ବତନ ନଗରପାଳ ପ୍ରମୋଦ କୁମାର ସାହୁ ଆନ୍ତଃରାଜ୍ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। କ୍ରିକେଟ ଆସୋସିଏଶନର ମୁଖ୍ୟ ଆଲୋକ ମହାପାତ୍ର, ଅକ୍ଷୟ ମହାରଣା, ଲିଟନ ନନ୍ଦ, ସୁଭାଶିଷ କର, ଭୀମ ହନ୍ତାଳ, ଅଭିଷେକ ନାୟକ, ହୃଷୀକେଶ ରାୟ, ସୀମାଞ୍ଚଳ ସୁବୁଦ୍ଧି, ଭଗବାନ ସାହୁ ଓ ଏଣ୍ଟନି ବାଘ ଭାଜପା ବାଲିମେଳା ନଗର ସଭାପତି ସୀମାଞ୍ଚଳ ପ୍ରଧାନ, ଶ୍ରୀଧର ପ୍ରଧାନ ଓ ଅନ୍ୟ ସଦସ୍ୟଙ୍କ ନେତୃତ୍ୱରେ ଏହା ଆୟୋଜନ ହୋଇଛି। ଟୁର୍ନାମେଣ୍ଟରେ ବାଲିମେଳା ଟିମ୍ ସହ ଚିତ୍ରକୋଣ୍ଡା, ମାଥିଲି, ମୋଟୁ, ଛତିଶଗଡ଼ ଟୋକପାଲ, କୋଣ୍ଟା, ପୋଟେରୁ, ନବରଙ୍ଗପୁର, କୋରାପୁଟ ଆଦି ସ୍ଥାନରୁ ୧୬ ଟିମ୍ ଭାଗ ନେବେ।

ଫାଇନାଲ ମ୍ୟାଚ ମେ ୪ରେ ଖେଳାଯିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି।

#### ପ୍ରଥମ ଦିନରେ ମାଥିଲି ଟିମ୍ ବିଜୟୀ

ପ୍ରଥମ ମ୍ୟାଚରେ ମୁଖ୍ୟ ଅତିଥିଭାବେ ବିଏସ୍ଏଫ୍ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ହରିଶ କୁମାର, ଏସ୍ଏମ୍ ଉମେଶ କୁମାର ଯାଦବ, ଇନ୍ସପେକ୍ଟର ରଞ୍ଜିତ ବେହେରା, ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ର ମୁଖ୍ୟ ପରିଚାଳକ ଦିଲୀପ କୁମାର ସ୍ୱାଇଁ, ଜିଲା କ୍ରିକେଟ ଆସୋସିଏଶନ ସଭାପତି ଏମ୍.ଡି. ଫାରୁକ, ଜେନେରାଲ ମ୍ୟାନେଜର ଭିକାରି ଚରଣ ମଲିକ, ଜେ.ଏନ ଦାସ, ଜିଲା ଉତ୍କଳ ସାମ୍ବାଦିକ ସଂଘର ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ, ବରିଷ୍ଠ କ୍ରିକେଟର ଭୀମ ହନ୍ତାଳ ପ୍ରମୁଖ ଯୋଗଦେଇ ପ୍ରଥମେ ସ୍ୱର୍ଗତ ପ୍ରମୋଦ କୁମାର ସାହୁଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ବାଲିମେଳା ଡ୍ରଗ୍ ଲାଇନ ଏବଂ ମାଥିଲି ଟିମ୍ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ମାଥିଲି ଟିମ୍ ବିଜୟୀ ହୋଇଥିଲା।

## ଚକ୍ଷୁ ପରୀକ୍ଷା ଶିବିର



ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି।

ମାଥିଲି, ୨୦।୪ (ସୁବାଷ ଚନ୍ଦ୍ର ଖୁଲୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଉଦୁଲିବେଡା ପଞ୍ଚାୟତ ପରିସରରେ ନେତ୍ରମ ଗୁଡ୍ ଭିଜନ, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରୁ ଆସିଥିବା ଚକ୍ଷୁ ବିଶେଷଜ୍ଞ ଲିଜାରାଣୀ ପଣ୍ଡା ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ୧୫ ଜଣଙ୍କୁ ଚଷମା ଦେଇଥିଲେ। ଶିବିରରେ ଆଇସିଡିଏସ୍ ସୁପରଭାଇଜର ଗାଙ୍ଗି ଶ୍ରୀଗମ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାରଣା, ଅଙ୍ଗନୱାଡି କର୍ମୀ ଲକ୍ଷ୍ମୀ ଖତ୍ରୀ, ସୁମିତ୍ରା ସାଗରିଆ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ କଟିଲେ ଅନ୍ଧାରରେ ଥାନା

ଡାବୁଗାଁ, ୨୦।୪ (ପ୍ରଜ୍ଞାରଞ୍ଜନ ପରିଡା)

ବିଦ୍ୟୁତ୍ କଟିଲେ ଅନ୍ଧକାରରେ ରହୁଛି ନବରଙ୍ଗପୁର ଜିଲା ଅଧୀନ ଡାବୁଗାଁ ଥାନା। ବିନା ବିଦ୍ୟୁତ ଆଲୁଅରେ କାର୍ଯ୍ୟ କରୁଛନ୍ତି କର୍ମଚାରୀ । ଏ ନେଇ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଇବା ପରେ ବି ହେଉନି ମରାମତି । ସେହିପରି ଥାନାରେ ଥିବା ଇନଭର୍ଟର ଦୀର୍ଘ ଦିନ ଧରି ଖରାପ ହୋଇଥିଲେ ମଧ୍ୟ ମରାମତି ହେଉ ନ ଥିବାରୁ ଏପରି ଅବସ୍ଥା ହୋଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସମସ୍ତ କାର୍ଯ୍ୟ କମ୍ପ୍ୟୁଟରକରଣ ସହ ଅନ୍‌ଲାଇନରେ ହେଉଥିବାବେଳେ, ବିଦ୍ୟୁତ୍ କଟିଲେ କର୍ମଚାରୀଙ୍କୁ କାମ କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଡାବୁଗାଁରେ ବାରମ୍ବାର ବିଦ୍ୟୁତ କାଟ ହେଉଥିବା ବେଳେ କାଳ ବୈଶାଖୀ ଯୋଗୁ ଏବେ ଟିକେ ବର୍ଷା ପବନ ହେଲେ ବିଭାଗ ପକ୍ଷରୁ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଚ୍ଛିନ୍ନ କରିଦେଉଛନ୍ତି। ସେପଟେ ବିଦ୍ୟୁତ ନ ଥିଲେ ଥାନାର କୌଣସି କାର୍ଯ୍ୟ ହୋଇପାରୁ ନ ଥିବା ବେଳେ ଥାନାକୁ ଯାଉଥିବା ଲୋକମାନେ ମଧ୍ୟ ହଇରାଣ ହେଉଛନ୍ତି । ଶୁକ୍ରବାର କାଳ ବୈଶାଖୀ କାରଣରୁ ରାତି ୧୨ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ଥିବାରୁ ଥାନା ମଧ୍ୟ ଅନ୍ଧାରରେ ରହିଥିଲା। ବର୍ତ୍ତମାନ କାଳ ବୈଶାଖୀ କାରଣରୁ ପ୍ରତିଦିନ ସନ୍ଧ୍ୟାରେ ବିଦ୍ୟୁତ କଟିଯାଉଥିବାରୁ ଥାନା ଅନ୍ଧାରରେ ରହୁଛି। ବିଭିନ୍ନ କାରଣରୁ ଅଭିଯୋଗ ନେଇ ଥାନାକୁ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ଥାନାର ବାମ ପଟକୁ ଲାଗି ଜଙ୍ଗଲ ଏବଂ ଡାହାଣ ଓ ପଛ ପଟେ ରହିଛି ଚାଷ ଜମି । ସେଠାରୁ ବିଷାକ୍ତ ସାପ ମଧ୍ୟ ଥାନା ପରିସରକୁ ଚାଲି ଆସୁଥିବା ଅଭିଯୋଗ ହେଉଛି। ଏ ନେଇ ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପାତ୍ରଙ୍କୁ ପଚାରିବାରୁ ଅସୁବିଧା ସମ୍ପର୍କରେ ସେ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି।

## ଭାମିନିରେ ଖେଲୋ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟିତ

ନବରଙ୍ଗପୁର, ୨୦।୪ (ସଦାଶିବ ପ୍ରହରାଜ)

ରାଜ୍ୟ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ରବିବାର ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଭାସୀ ମାଧ୍ୟମରେ ଜିଲାର ଭାମିନି ବିଦ୍ୟାଳୟରେ ଆଥଲେଟିକ୍ କ୍ରୀଡା ନିମନ୍ତେ ଖେଲୋ ଇଣ୍ଡିଆ ସେଣ୍ଟର୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ପ୍ରତ୍ୟେକ ସେଣ୍ଟର୍‌କୁ ପ୍ରତିବର୍ଷ ସରକାର ୫ଲକ୍ଷ ଟଙ୍କାର ଅନୁଦାନ ରାଶି ଦେବେ ବୋଲି ଘୋଷଣା କରିଥିଲେ। ଉକ୍ତ ଆଭାସୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ (ସାଧାରଣ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ (ରାଜସ୍ୱ), ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ, ଜିଲା କ୍ରୀଡା ଅଧିକାରୀ ସମୀର କୁମାର ପାତ୍ର, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ଜିଲା କ୍ରୀଡା ସଂଘର ଉପ ସଭାପତି ଏମ୍. ବାଲାକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକଙ୍କ ସମେତ ଭାମିନି ବିଦ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା କ୍ରୀଡା ଅଧିକାରୀଙ୍କ କର୍ମଚାରୀ ନିରଞ୍ଜନ ନାୟକ ସହଯୋଗ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

# ବିନା ସୂଚନା ଫଳକରେ ଉନ୍ନୟନ କାର୍ଯ୍ୟ

ନବରଙ୍ଗପୁର, ୨୦।୪ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବିନା ସୂଚନା ଫଳକରେ ବହୁ ଉନ୍ନୟନ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି । କିଏ ଓ କେଉଁ ବିଭାଗ ଏହି ଉନ୍ନୟନ କାମ କରୁଛି ସେ ନେଇ ଜନସାଧାରଣ, ସ୍ଥାନୀୟ ଜନପ୍ରତିନିଧି କାହାକୁ ଜଣାନାହିଁ। ଫଲ୍ସ ବିଲ୍ କରି ଯନ୍ତ୍ରୀ ଓ ଠିକାଦାର ମାଲାମାଲ ହେବାର ମସୁଧା ହେଉଥିବା ଅଭିଯୋଗ ହେଉଛି ।

ନବରଙ୍ଗପୁର ବ୍ଲକ ଭତରା ସିୟୁନି ପଞ୍ଚାୟତ ସଦର ମହକୁମାରେ ଏକ କଲଭର୍ଟ, ଖଳା ପିଣ୍ଡି ଓ ଏକ ଛାତ ଘର ନିର୍ମାଣ ଚାଲିଛି । ଶିରିଶି ଗାଁରେ ମଧ୍ୟ ସେହିଭଳି ଏକ କଲଭର୍ଟ ନିର୍ମାଣ ହୋଇଛି ଓ ପିଣ୍ଡି କାର୍ଯ୍ୟ ଭଳି ରାସ୍ତା କଡରେ ମୂଳଦୁଆ ଖୋଳି ମେଟାଲ ଓ ବାଲି ପକାଯାଇଛି । ତେବେ କେଉଁ ବିଭାଗ ଓ କିଏ ଏହି କାମ କରୁଛନ୍ତି, ସେ ନେଇ ସ୍ଥାନୀୟ ଲୋକେ ଜାଣି ନ ଥିବା କହିଛନ୍ତି । ଉକ୍ତ ପ୍ରକଳ୍ପ ନିକଟରେ ସୂଚନା ଫଳକ ନ ଥିବାରୁ ଏ ସମସ୍ତ ଉନ୍ନୟନ କାର୍ଯ୍ୟ ବିଷୟରେ ଜାଣିବା କଷ୍ଟକର ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଶିରିଶି ଗାଁର ମୁନି ସାହିରେ ଏକ କଲଭର୍ଟ ନିର୍ମାଣ କାର୍ଯ୍ୟ ସରିଛି। ତେବେ ୩ଟି ରାସ୍ତାର ସଂଯୋଗୀକରଣ ସ୍ଥାନରେ କମ୍ ଚଉଡା ଓ ବିନା ମୂଳଦୁଆରେ କଲଭର୍ଟ ନିର୍ମାଣ କରାଯାଇଛି। ତେବେ ଉକ୍ତ ରାସ୍ତାର ପାର୍ଶ୍ୱ ନଦୀକୂଳିଆ ଅଞ୍ଚଳ ହୋଇଥିବାରୁ ବନ୍ୟାଜଳରେ ନିମ୍ନମାନର କାମ ହୋଇଥିବା କଲଭର୍ଟ ଭାଙ୍ଗିଯିବ ନଚେତ ଭୁଶୁଡି ପଡିବ ବୋଲି ଗ୍ରାମବାସୀ କରିଛନ୍ତି। ସେହିଭଳି ଉକ୍ତ ଗାଁର ମୁଖ୍ୟ ରାସ୍ତା କଡରେ ୫ ଫୁଟ ନିମ୍ନ ଭାଗରେ ବାଲି, ମେଟାଲ ପକାଇବା ସହିତ ମେଶିନ ମାଧ୍ୟମରେ ମୂଳଦୁଆ ଖୋଳା ଯାଇଛି । ଲକ୍ଷାଧିକ ଟଙ୍କାର କାମ ହେଉଥିଲେ ହେଁ ଏହି ଉନ୍ନୟନ କାର୍ଯ୍ୟ ନିକଟରେ କୌଣସି ସୂଚନା ଫଳକ ନାହିଁ। ସେହିଭଳି ଭତରା ସିୟୁନି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ କଲଭର୍ଟ କାର୍ଯ୍ୟ ଚାଲିଛି । ଗାଁ ମୁଣ୍ଡରେ ଏକ ଛାତ ଘର ସେଣ୍ଟରିଂ ହୋଇ ଛାତ ସ୍ତର ପର୍ଯ୍ୟନ୍ତ କାମ ସରିଲାଣି । ସେମିତି ଏସ୍ଏସ୍‌ଡି ହାଇସ୍କୁଲ ରାସ୍ତା କଡରେ ଖଳା ପାଇଁ ପିଣ୍ଡି ନିର୍ମାଣ କାର୍ଯ୍ୟ ଚାଲିଛି । ତେବେ ଉକ୍ତ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ନିକଟରେ ଗୋଟିଏ ବି ସୂଚନା ଫଳକ ଏଯାଏ ଲଗା ଯାଇନାହିଁ। କୌଣସି କାର୍ଯ୍ୟରେ ସ୍ଥାନୀୟ ଶ୍ରମିକଙ୍କୁ କାମରେ ଡକା ଯାଉନାହିଁ ଓ କାମରେ ଲଗାଉନାହାନ୍ତି ବୋଲି ୱାର୍ଡମେମ୍ବର ଲିଙ୍ଗରାଜ ରନ୍ଧାରି ଓ ପୂର୍ବତନ ସରପଞ୍ଚ ଧନୁର୍ଜୟ ନାୟକ କହିଛନ୍ତି । ଅନ୍ୟପକ୍ଷରେ ସୂଚନା ଫଳକ ଲଗାଇ କାର୍ଯ୍ୟ ହେଉ ନ ଥିବାରୁ ଏ ସମସ୍ତ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତିର ବାସ୍ନା ବାହାରୁଛି । ଅନ୍ୟପକ୍ଷରେ ୧୦ ଲକ୍ଷ ଟଙ୍କାରୁ କମ୍ ଉନ୍ନୟନ କାର୍ଯ୍ୟ ବିନା ଟେଣ୍ଡରରେ ବିଭାଗଗୁଡିକ ଯନ୍ତ୍ରୀମାନଙ୍କ ନାଁରେ କାର୍ଯ୍ୟାଦେଶ ରଖି କାମ ହେଉଥିବା ଅଭିଯୋଗ ହେଉଛି। ଏଭଳି ବିନା ସୂଚନା ଫଳକରେ କାର୍ଯ୍ୟ ଚାଲିଥିବାରୁ ଏ ସମସ୍ତ



- କେଉଁ ବିଭାଗ ଦ୍ୱାରା କାମ ହେଉଛି ଲୋକେ ଜାଣିନାହାନ୍ତି
- ବିନା ଟେଣ୍ଡରରେ କରାଯାଉଛି କାମ
- ଠିକାଦାର, ଯନ୍ତ୍ରୀ ମାଲାମାଲ

କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି । ପ୍ରଥମେ ସୂଚନା ଫଳକ ଲଗାଯାଇ ଉନ୍ନୟନ କାର୍ଯ୍ୟ କରାଯିବାକୁ ଦାବି ହେଉଛି । ଏ ନେଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ମୋବାଇଲ ନମ୍ବର ୯୪୩୭୦୯୪୭୨୫କୁ ଯୋଗାଯୋଗ କରାଯିବାରୁ ସୁଇଚ ଅଫ ରହିଥିଲା। ସମନ୍ୱିତ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୧୪୫୪୦୨କୁ ଯୋଗାଯୋଗ କରିବା ପରେ ମଧ୍ୟ କୌଣସି ଉତ୍ତର ମିଳିପାରି ନାହିଁ।

# ନିଜକୁ ଗୁଳି କଲେ ବଳାତ୍କାର ଅଭିଯୁକ୍ତ

### ପ୍ରେମିକାଙ୍କ ଭାଇ, ସ୍ୱାମୀଙ୍କୁ ଫସାଇବାକୁ ଯାଇ ଫସିଲେ



ମୁଖ୍ୟ ଅଭିଯୁକ୍ତ ଦୀପ୍ତିରଞ୍ଜନ।



ସହଯୋଗୀ କାଳିଆ, ବାଙ୍ଗୁରୁ।

ବାଲିପାଟଣା/ଭୁବନେଶ୍ୱର,୨୦।୪ (ଅଭିମନ୍ୟୁ ନାୟକ)/ସତ୍ୟଜିତ୍ ରାଉତ)

- ମୁଖ୍ୟ ଅଭିଯୁକ୍ତ କୁନାଙ୍କ ସହ ୩ ଗିରଫ; ବନ୍ଧୁକ, ଗୁଳି ଜବତ
- ଥାନା ଆଗରେ ଆତ୍ମହତ୍ୟା ଉଦ୍ୟମ କଲେ ଅଭିଯୁକ୍ତଙ୍କ ମା'

ପ୍ରେମ ପାଇଁ ପ୍ରତିଶୋଧ ନେବାକୁ ଯାଇ ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ଜଣେ ବଳାତ୍କାର ଅଭିଯୁକ୍ତ ନାଟକୀୟ ଢଙ୍ଗରେ ଗୁଳିକାଣ୍ଡ ଘଟାଇଛନ୍ତି। ପ୍ରେମିକାଙ୍କ ଭାଇ ଓ ସ୍ୱାମୀଙ୍କୁ ଫସାଇବାକୁ ଯାଇ ନିଜେ ନିଜକୁ ଗୁଳି କରି ଲହୁଲୁହାଣ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଗୋଆପୁର ଗାଁର ଦୀପ୍ତିରଞ୍ଜନ ମହାପାତ୍ର ଓରଫ କୁନା (୩୩)। ତାଙ୍କ ବାମହାତରେ ଗୁଳି ବାଜିଛି। ତେବେ ତଦନ୍ତ ବେଳେ କମିଶନରେଟ୍ ପୋଲିସ ଘଟଣା ପଛର ରହସ୍ୟ ଜାଣିବାକୁ ପାଇଛି। ପରେ ନିଜ ଏତଲାରେ ରୁଜୁ ହୋଇଥିବା ମାମଲାରେ ଦୀପ୍ତିରଞ୍ଜନ ନିଜେ ଅଭିଯୁକ୍ତ ସାଜିଛନ୍ତି। ପୋଲିସ ଦୀପ୍ତିରଞ୍ଜନଙ୍କ ସହ ତାଙ୍କୁ ବନ୍ଧୁକ ଯୋଗାଇଥିବା ଦୁଇ ସହଯୋଗୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଅଞ୍ଚଳର ଅମରେଶ ପ୍ରଧାନ ଓରଫ କାଳିଆ (୩୬) ଏବଂ ଭରତପୁର ଅଞ୍ଚଳର ତୋଫାନ ବିଶୋଇ ଓରଫ ବାଙ୍ଗୁରୁ (୩୩)। ପୋଲିସ ଏହି ଘଟଣାରେ ବ୍ୟବହୃତ ୯ ଏମ୍ଏମ୍ ପିସ୍ତଲ, ୪ଟି ଜୀବନ୍ତ ଗୁଳି, ଖୋକା, ୩ଟି ମୋବାଇଲ ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଦୀପ୍ତିରଞ୍ଜନ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ପ୍ରେମିକାଙ୍କ ଘର ଲୋକଙ୍କ ସହ ମଧ୍ୟ ଛୋଟବେଳୁ ତାଙ୍କର ଭଲ ସମ୍ପର୍କ ଥିଲା। ସେ ପ୍ରେମିକାଙ୍କୁ କଲେଜ ଏବଂ କୋଚିଂ ସେଣ୍ଟରକୁ ନେବା ଆଣିବା କରୁଥିଲେ। ପରେ ଏହି ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଦୀପ୍ତିରଞ୍ଜନ ବିବାହ କରିବାକୁ ଚାହୁଁଥିବା ବେଳେ ପ୍ରେମିକାଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ଫଳରେ ଦୀପ୍ତିରଞ୍ଜନ ନିଜ ପ୍ରେମିକାଙ୍କୁ ବଳାତ୍କାର କରିବା ସହ ତା'ର ଫଟୋ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗ ହୋଇଥିଲା। ପ୍ରେମିକାଙ୍କ ଏତଲାକ୍ରମେ ଭୁବନେଶ୍ୱର ମହିଳା ଥାନା ପୋଲିସ ୨୦୨୪ ଜୁନ୍ ୧୦ରେ ମାମଲା (ନଂ.୧୦୪/୨୦୨୪) ରୁଜୁ କରି ୨୧ ତାରିଖରେ ଦୀପ୍ତିରଞ୍ଜନଙ୍କୁ ଗିରଫ କରିଥିଲା। ଇତିମଧ୍ୟରେ ପ୍ରେମିକାଙ୍କର ଖୋର୍ଦ୍ଧାରେ ବିବାହ ହୋଇଯାଇଥିଲା। ପୋଲିସ ଏହି ମାମଲାରେ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ଜେଲରେ ଥିବା ଦୀପ୍ତିରଞ୍ଜନ କିଛିଦିନ ତଳେ ଜାମିନରେ ଆସିଥିଲେ। ତେବେ ପ୍ରେମିକାଙ୍କ ବିବାହ ହୋଇଥିବା ଜାଣି ସେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ପରେ ପ୍ରେମିକାଙ୍କ ପରିବାର ସଦସ୍ୟଙ୍କୁ ଫସାଇବାକୁ ଯୋଜନା କରିଥିଲେ। ବନ୍ଧୁକ ପାଇଁ ଅନ୍ୟଦୁଇ ଅଭିଯୁକ୍ତଙ୍କ ସାହାଯ୍ୟ ନେଇଥିଲେ। ତୋଫାନ ବନ୍ଧୁକ ଆଣିଥିବା ବେଳେ ଅମରେଶ ତାହାକୁ ଦୀପ୍ତିରଞ୍ଜନଙ୍କୁ ଦେଇଥିଲେ। ଦୀପ୍ତିରଞ୍ଜନ ଶନିବାର ରାତି ପ୍ରାୟ ୧୨ଟା ୩୦ରେ ଥାନାଠାରୁ ମାତ୍ର କିଛିଦୂରରେ ଥିବା ପ୍ରେମିକାଙ୍କ ଘର ନିକଟରେ ନିଜକୁ ଗୁଳି ମାଡ଼ କରିଥିଲେ। ପରେ ସେଠାରେ ଥିବା ତୋଫାନ ବନ୍ଧୁକ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ବିଳମ୍ବିତ ରାତିରେ ପୋଲିସ ଟିମ୍ ଆହତ ଦୀପ୍ତିରଞ୍ଜନଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପ୍ରେମିକାଙ୍କ ସ୍ୱାମୀ ଓ ଜଣେ ସମ୍ପର୍କୀୟ ଭାଇ ଏହି ଗୁଳିମାଡ଼ କରିଥିବା ଦୀପ୍ତିରଞ୍ଜନ ଏତଲା ଦେଇଥିଲେ। ଆର୍ମସ ଆକ୍ଟ ସହ ବିଏନ୍ଏସ୍ ଦଫା ୧୦୯, ୩(୫)ରେ ପୋଲିସ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅତି ନିକଟରୁ ଗୁଳି ବାଜିଥିବାରୁ ହାତରେ ଥିବା କ୍ଷତସ୍ଥାନ କଳା ପଡ଼ିଯାଇଥିଲା। ଫଳରେ ପୋଲିସର ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା। ତଦନ୍ତବେଳେ ତାଙ୍କର ପୂର୍ବ ମାମଲା ବିଷୟରେ ଜଣାପଡିଥିଲା। ସେହି ଲିଙ୍କ୍‌ରେ ଖୋଳତାଡ ପରେ ସେ ସବୁ ସତ ମାନିଥିଲେ। ଅନ୍ୟପକ୍ଷରେ ଦୀପ୍ତିରଞ୍ଜନ ଗିରଫ ହେବା ପରେ ତାଙ୍କ ମା' ବାସନ୍ତୀ ବାଲିପାଟଣା ଥାନା ଆଗରେ କିରୋସିନ ବୋତଲ ଧରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ତାଙ୍କୁ ବୁଝାଶୁଝା କରିବା ସହ ମୁଚାଲିକା ଲେଖାଇ ଛାଡ଼ିଥିଲା।

# ଠାକୁରମୁଣ୍ଡାରୁ ଅପହୃତା ଶିଶୁକନ୍ୟା ଯାଜପୁରରୁ ଉଦ୍ଧାର



ଛଦ୍ମବେଶୀ କିନ୍ନର ଲିପୁ ନାୟକ(ବାମ) ଓ ତାଙ୍କ ସହଯୋଗୀ।



କିନ୍ନର ସଂଘ ସମ୍ପାଦିକା ଲବଲି ସାହୁଙ୍କ କୋଳରେ ଉଦ୍ଧାର ଶିଶୁ କନ୍ୟା।

ଯାଜପୁର/ଯାଜପୁର ରୋଡ଼ (ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି)/ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ),୨୦।୪

- ୨ ଅଭିଯୁକ୍ତ ଗିରଫ, ଠାକୁରମୁଣ୍ଡା ଥାନା ପୋଲିସକୁ ହସ୍ତାନ୍ତର
- ସହଯୋଗର ହାତ ବଢ଼ାଇଲା ଯାଜପୁରରୋଡ଼ କିନ୍ନର ସଂଘ

ଯାଜପୁର ଜିଲା ଯାଜପୁର ରୋଡ଼ ଥାନା ଅଞ୍ଚଳର କାଚହୁଡି ସାହିରୁ ରବିବାର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳରୁ ଅପହୃତା ୪ ବର୍ଷର ଶିଶୁ କନ୍ୟାଙ୍କୁ ପୋଲିସ ଉଦ୍ଧାର କରିଛି। ଯାଜପୁରରୋଡ଼ କିନ୍ନର ସଂଘ ଶାନ୍ତିସେନାର କର୍ମକର୍ତ୍ତାଙ୍କ ସହଯୋଗରେ ଯାଜପୁର ରୋଡ ଥାନା ପୋଲିସ ୨ ଛଦ୍ମବେଶୀ କିନ୍ନର ଅପହରଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ଲିପୁ ନାୟକ ଓ ରାମଚନ୍ଦ୍ରପୁରର ନିରଞ୍ଜନ ରାଉଳ। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ମଲାଟପଦା ଗ୍ରାମର ସିପି ପାତ୍ର ତାଙ୍କ ୪ ବର୍ଷର ଝିଅକୁ ଧରି ଠାକୁରମୁଣ୍ଡାଠାରେ ଚାଲିଥିବା ଉଡ଼ାପର୍ବ ଦେଖିବାକୁ ଆସିଥିଲେ। ଭିଡ଼ଯୋଗୁ ରାତି ପ୍ରାୟ ୧୦ଟା ସମୟରେ ତାଙ୍କଠାରୁ ଝିଅ ଅଲଗା ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ପିଲାଟିର କୌଣସି ପତ୍ତା ମିଳି ନ ଥିଲା। ଏନେଇ ସିପି ୧୮ ତାରିଖରେ ଠାକୁରମୁଣ୍ଡା ଥାନାରେ ତାଙ୍କ ଝିଅ ନିଖୋଜ ହୋଇଯାଇଥିବା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ପୋଲିସ ଠାକୁରମୁଣ୍ଡା ଥାନାରେ ଏକ ମାମଲା(ନଂ.୩୮/୨୦୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଏହି ଯାଞ୍ଚ ସମୟରେ ଜଣେ କିନ୍ନର ଶ୍ରୀଲକ୍ଷ୍ମୀ ନାମକ ଏକ ବସ୍‌ରେ ଝିଅଟିକୁ ସାଙ୍ଗରେ ନେଇ ଯାଉଥିବା ସିସିଟିଭି ଫୁଟେଜରୁ ଜଣାପଡିଥିଲା। ଠାକୁରମୁଣ୍ଡା ପୋଲିସ ସେହି ଭିଜୁଆଲକୁ ସାର୍ବଜନୀନ କରିବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲା। ଠାକୁରମୁଣ୍ଡା, କରଞ୍ଜିଆ ଓ କେନ୍ଦୁଝରର ବିଭିନ୍ନ ସ୍ଥାନରେ ପୋଲିସ୍ ଟିମ୍ ତଦନ୍ତ ଆରମ୍ଭ କରି ୨ ଅପହରଣକାରୀ ଯାଜପୁରରୋଡ଼ ଯାଇଥିବା ଜାଣିବାକୁ ପାଇଥିଲା। ଠାକୁରମୁଣ୍ଡା ପୋଲିସ ପାଲଲହଡା କିନ୍ନର ସଂଘ ଜରିଆରେ ଯାଜପୁରରୋଡ଼ କିନ୍ନର ସଂଘ ସହ ଯୋଗାଯୋଗ କରିଥିଲା। ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳାଇ ଯାଜପୁର କିନ୍ନର ସଂଘର ସଭାନେତ୍ରୀ କାଜଲ ନାୟକ ଓ ସମ୍ପାଦକ ଲବ୍‌ଲି ସାହୁଙ୍କ ସହ ଯୋଗାଯୋଗ କରି ସେମାନଙ୍କ ସାହାଯ୍ୟ ଲୋଡ଼ିଥିଲେ। କାଜଲ ଓ ଲବ୍‌ଲି ଖୋଜାଖୋଜି କରିବା ପରେ ଯାଜପୁରରରୋଡ଼ ୮ନଂ. ୱାର୍ଡ କାଚହୁଡି ସାହିରେ ଅପହୃତା ଶିଶୁକନ୍ୟାଙ୍କୁ ଧରି ୨ କିନ୍ନର ରହୁଥିବା ଜାଣିବାକୁ ପାଇଥିଲେ। ଏହାପରେ ସେମାନେ କାଚହୁଡି ସାହିର ଏକ ପରିତ୍ୟକ୍ତ ଘରୁ ୨ ପୁରୁଷ କିନ୍ନରଙ୍କ ସହ ଉକ୍ତ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ଯାଜପୁର ରୋଡ଼ ଥାନା ପୋଲିସ ଜିମା ଦେଇଥିଲେ। ଯାଜପୁରରୋଡ଼ ପୋଲିସ ଅପହରଣକାରୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ଠାକୁରମୁଣ୍ଡା ପୋଲିସକୁ ସନ୍ଧ୍ୟାରେ ହସ୍ତାନ୍ତର କରିଥିବା ଯାଜପୁରରୋଡ଼ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ବିଭିନ୍ନ ଅପରାଧ ଘଟାଇ କିନ୍ନରମାନଙ୍କୁ ବଦନାମ କରୁଥିବା ଏଭଳି ଛଦ୍ମବେଶୀ କିନ୍ନରମାନଙ୍କ ବିରୋଧରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର କିନ୍ନର ସଂଘ ସଭାନେତ୍ରୀ କାଜଲ ଅନୁରୋଧ କରିଛନ୍ତି।

ଗତ କିଛି ଦିନତଳେ ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରୁ ଜଣେ ଦୃଷ୍ଟିବାଧିତା ମା'କୋଳରୁ ଦେଢ଼ ବର୍ଷର ଶିଶୁପୁତ୍ରକୁ ଅପହରଣ ପରେ ଉଦ୍ଧାର ହେବା ଘଟଣା ମନରୁ ନ ଲିଭୁଣୁ ଏଭଳି ଆଉ ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ପ୍ରେମ ପ୍ରତାରଣା: କଲେଜ ଅଧ୍ୟକ୍ଷ ଗିରଫ

କୁଚିଣ୍ଡା,୨୦।୪(ବିରଞ୍ଚି ଦର୍ଜୀ)



ଗିରଫ ଡିଲେଶ୍ୱର ବେହେରା

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କରଖି ଶେଷରେ ପ୍ରତାରଣା କରିବା ଅଭିଯୋଗରେ କନ୍ହେଇପାଲି ଯୁକ୍ତ୨ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା(୫୮)ଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତାଙ୍କ ଏତଲାକ୍ରମେ କୁଚିଣ୍ଡା ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୯୬, ୨୯୭, ୩୫୧(୨)ରେ ଏକ ମାମଲା(ନଂ.୮୧/୨୫) ରୁଜୁ କରି ପୋଲିସ ଅଭିଯୁକ୍ତ କଲେଜ ଅଧ୍ୟକ୍ଷ କୁର୍ମିମୁଣ୍ଡାର ଡିଲେଶ୍ୱରଙ୍କୁ ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ କନ୍ହେଇପାଲି ରାଜୀବ ଗାନ୍ଧୀ ସ୍ମାରକୀ ଆଦିବାସୀ ଯୁକ୍ତ ୨କଲେଜ ଅଧ୍ୟକ୍ଷ ଡିଲେଶ୍ୱର ନିଜ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହ ଦୀର୍ଘ ବର୍ଷ ହେବ ପ୍ରେମ ସମ୍ପର୍କ ରଖିଥିଲେ। ପୁନଃ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଜାଣିବା ପରେ ମହିଳାଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହି କାରଣରୁ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ସ୍ୱାମୀ ଘରୁ ତଡ଼ି ଦେଇଥିଲେ। ତେଣୁ ମହିଳା ଜଣକ ଅନନ୍ୟୋପାୟ ହୋଇ ଡିଲେଶ୍ୱରଙ୍କୁ ବିବାହ ପାଇଁ ଜିଦ୍ କରିଥିଲେ। ହେଲେ ସେ ବିବାହ କରିବା ପାଇଁ ମନା କରିଦେଇଥିଲେ। କଥା ଆଗକୁ ବଢାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ପରଠାରୁ ଅଧ୍ୟକ୍ଷ ତାଙ୍କ ମୋବାଇଲ ସୁଇଚ ଅଫ କରିଦେଇଥିଲେ। ଏହାପରେ ପୀଡିତା ମହିଳା ଜଣକ ଗତ ଗୁରୁବାର କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ ପୂର୍ବକ ଶନିବାର ତାଙ୍କୁ ଗିରଫ କରିଥିଲା। ଏହାପରେ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା।

# ତଳକାଁପଡ଼ା ବୋମାମାଡ଼ ଘଟଣାରେ ୪ ଗିରଫ

ତିହିଡ଼ି,୨୦।୪(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତର ତଳକାଁପଡ଼ା ଗ୍ରାମରେ ବୋମାମାଡ଼ ଘଟଣାରେ ପୋଲିସ ୪ଜଣଙ୍କୁ ରବିବାର ମଧ୍ୟାହ୍ନରେ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ତଳକାଁପଡ଼ା ଗ୍ରାମର ବିଶ୍ୱନାଥ ମଲିକ, ଅରୁଣ ଦାସ, ଅଭୟ ଦାସ ଓ ପ୍ରତାପ ଦାସ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଥାଉ କି, ଗତ ୧୬ତାରିଖ ରାତିରେ ପୂର୍ବଶତ୍ରୁତାକୁ ନେଇ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ସମୟରେ ହଠାତ୍ ବୋମାମାଡ଼ କରାଯିବାରୁ ଉଭୟ ପକ୍ଷର ୧୪ଜଣ ଆହତ ହୋଇଥିଲେ। ପରେ ଏହି ଘଟଣାକୁ ନେଇ ତିହିଡ଼ି ଥାନାରେ ପୋଲିସ ପକ୍ଷରୁ ଗୋଟିଏ ଓ ଉଭୟ ପକ୍ଷରୁ ୨ଟି ମୋଟ ୩ଟି ମାମଲା ରୁଜୁ ହୋଇଥିଲା।

# ଭୁଜାଲିରେ ହାଣି ବାଇକ୍, ଟଙ୍କା ଲୁଟ

ବୈଶିଙ୍ଗା,୨୦।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପଣସିଆ ବଜାର ଉପକଣ୍ଠରେ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ତାଙ୍କ ବାଇକ୍ ସହିତ ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ପଣସିଆ ଗ୍ରାମର ଆକାଶ ପଣ୍ଡିତ(୩୫) ପ୍ରତ୍ୟେକ ଦିନ ସକାଳେ ଘରୁ ବାହାରି ବାଲେଶ୍ୱର ସହରରେ ନିଜ କର୍ମସ୍ଥଳକୁ ଯାଇ ରାତିରେ ଫେରିଥାନ୍ତି। ଶନିବାର ରାତି ୧୧ଟାରେ ଫେରିବା ସମୟରେ ଘରଠାରୁ ମାତ୍ର ଅଧା କି.ମି. ଦୂରରେ ମୁଖାପିନ୍ଧା ୨ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କୁ ଏକ ନିଛାଟିଆ ସ୍ଥାନରେ ଅଟକାଇ ଭୁଜାଲିରେ ହାଣିଥିଲେ। ଚିକିତ୍ସା ପାଇଁ ଆକାଶଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।


## PANCHAYAT SAMITI OFFICE, BISRA
## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଶ୍ରା

At/Po : Bisra, Dist. : Sundargarh (Odisha), PIN : 770036
e-Mail Id : ori-bisra@nic.in, GSTN : 21BBNB02952F1DG
CORRIGENDUM No. 1112 Date : 17.04.2025

CORRIGENDUM

**No.i-30** : The Date of Opening of Tender Paper mentioned in the Tender Call Notice No.01 of 2025-26 issued vide this office Letter No.1095 Dated 15.04.2025 has been inadvertently mentioned as 30.09.2024, which may be read as 02.05.2025. The opening time remains the same.

Sd./- Block Development Officer, Bisra
OIPR-19343/11/0005/2526

## GOVT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION SONEPUR
1st Corrigendum
Letter No. 2057 Dtd.17.04.2025

**No.O-69** : In continuation to this office tender identification No. SNPR/Online 01 of 2025-26 invited vide this office letter no. 1869 dtd. 09.04.2025, under unavoidable circumstances partial modification of TCN has been made as follows.

| Sl. No. | Tender identification No | Items | Time Schedule as per original TCN | Time Schedule as per 1st Corrigendum notice |
|---|---|---|---|---|
| 1 | | 2 | 3 | 4 |
| 1 | Bid identification SNPR/Online-17 of 2024-25 | Availability of Tender on-line for bidding | 11.04.2025 at 11.00 A.M. to 22.04.2025 up to 5.00 P.M. | 21.04.2025 at 11.00 A.M. to 30.04.2025 up to 5.00 P.M. |
| 2 | | Date & time of seeking tender clarification | 21.04.2025 up to 4.00 P.M. | 29.04.2025 up to 4.00 P.M. |
| 3 | | Date & time of opening of tender | 23.04.2025 at 11.00 A.M. | 01.05.2025 at 11.00 A.M. |

Sd./- Executive Engineer, Rural Works Division, Sonepur
OIPR-25054/11/0031/2526

## GOVERNMENT OF ODISHA
No. O-64
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA
Emai ID- ccerwcrayagada@gmail.com
Letter No. 559/W.E./Date: 11.04.2025

**NATIONAL COMPETITIVE BIDDING THROUGH GEPNIC e Procurement Notice**

1. Name of the work : Construction & Maintenance of road works for the year 2024-25 (01 No.)
2. Class of contractor : "A" & Special Class of (Odisha PWD) or relevant class of other licensing authority
3. Estimated Cost : Rs.1055.00 Lakhs (Approximately)
4. Details project as per Annexure attached :

| Procurement Officer | Bid Identifica-tion No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural works Circle, Rayagada | NCB-06/ RWCRG-DA/2025-26 | Dt. 25.04.2025 at 11.00 A.M. | Dt. 16.05.2025 Upto 5.00 P.M. | Dt.15.05.2025 Up to 5.00 P.M. | Dt. 17.05.2025 at 11.00 A.M. | Will be intimated later |

5. The details of works can be seen from the website **https://www.tendersorissa.gov.in**
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, Rural Works Circle, Rayagada
OIPR-25196/11/0005/2526

## GOVT. OF ODISHA
No.O-70
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR
eMail : se_nerwkjr@rediffmail.com
No. 1761 Date : 15.04.2025

**1st Corrigendum Notice**

Under unavoidable circumstances, the availability of tender online for bidding & opening of Technical Bids of the tender invited vide eProcurement Notice No. 1497 Dtd : 27.03.2025 / Bid Identification No. NCB-43 / RWCKJR / 2024-25 of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-43/ RWCKJR /2024-25 | Dt.02.04.25 at 11.00 A.M. | Dt.29.04.25 up to 5.00 P.M. | Dt.28.04.25 up to 5.00 P.M. | Dt.30.04.25 at 11.00 A.M. | Will be intimated later |

**All other contents remain unchanged.**

Sd./- Chief Construction Engineer R.W. Circle, Keonjhar
OIPR-25177/11/0067/2526

## ODISHA PUBLIC SERVICE COMMISSION CUTTACK
## NOTICE
No.2399/P.S.C., Dt.16.04.2025
(1E-04-2024/25)(DR-II)

**No.D-13** : The Commission here with **cancels the Advertisement No. 28 of 2023-24** for recruitment to the post of **Language Officer** under the Law Department considering the Law Department Letter No.3070/L, dtd. 20.02.2025.

OIPR-12002/11/0193/2526 Sd./- Secretary

## GOVERNMENT OF ODISHA
No.D-02
## OFFICE OF THE EXECUTIVE ENGINEER NATIONAL HIGHWAY DIVISION, DEOGARH
Email Id - eenhdeogarh09@gmail.com
INVITATIONS FOR BIDS (IFB) {e-Procurement}
Bid Identification No. EE-NH-DGR/1/2025-26
No. 1064 Dated : 17.04.2025

1) The EXECUTIVE ENGINEER, N.H. DIVISION, DEOGARH on behalf of Governor of Odisha invites percentage rate bid in Single cover system in ONLINE MODE from eligible contractors for construction of Road work as detailed in the table below.
2) Nature of Work : Road
3) No. of Work : 2 No.
4) Tender Cost : Rs. 6000/- each
5) Class of Contractor : B' Class and C' Class
6) Availability of Bid document in portal : 18.04.2025 to 05.00 P.M. of 02.05.2025
7) Date of Opening of Bid : 03.05.2025 at 11 A.M.
8) The bidders have to participate in ONLINE bidding only. Further details can be seen from the website https://tendersodisha.gov.in
9) Any Corrigendum/Addendum/Cancellation of will be displayed in the e-tender website only.

Sd./- Executive Engineer, NH Division, Deogarh
OIPR-34019/11/0005/2526

## OFFICE OF THE CHIEF CONSTRUCTION ENGINEER ANANDPUR BARRAGE PROJECT, SALAPADA
DIST : KEONJHAR, ODISHA, PIN : 758020
E-Mail : cceabp@gmail.com
E-procurement Notice No. CCEABP-02 of 2025-26
(Bid Id No. ABP-Soro-01/02 of 2025-26)
DETAILED NOTICE INVITING TENDER ON EPC CONTRACT
No.A-52

| Name of Work | Class/EMD/Tender Fee/Period of completion |
|---|---|
| Construction of Distribution system for 12155.80 Ha. of CCA including Command Area Development (CAD) of Salandi Left Main Canal from RD 45.570 km to 49.810 km through Under Ground Pipe Line Irrigation system (Gravity Flow) of Anandapur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project | (1) **Class of Contractor** - Super Class or Equivalent Grade Bidders (2) **EMD : Rs. 362.50 lakh.** (3) **Tender Fee : Rs. 10,000.00** (4) **Period of completion : 27** (Twenty-seven) calendar months including rainy seasons. |

A. Period of Availability of Bid Document in the Portal : From 10.00 A.M. of 22.04.2025 to 19.05.2025 up to 5.00 P.M.
B. Date & time For Pre-Bid Conference : 06.05.2025 at 11.30 A.M.
C. Last Date and Time for Receipt of Bid : 19.05.2025 up to 5.00 P.M.
D. Place of Sale & Receipt of Bid : On-Line through e-Procurement
E. Time and Date of Opening of Technical Bid : 20.05.2025 at 11.30 A.M.
F. Place of Opening of Bid : O/o the Chief Construction Engineer, Anandpur Barrage Project, Salapada
G. Further details can be seen from the e-Procurement Portal "https://www.tendersodisha.gov.in"

Sd./- Chief Construction Engineer Anandpur Barrage Project, Salapada
OIPR-32068/11/0008/2526

## BERHAMPUR MUNICIPAL CORPORATION
QCN No. 5623 Date: 17.04.2025

**Quotation Call Notice**

**No.C-133** : Sealed Quotations are invited from Authorised Firms/ Agencies/ Dealer/ Companies/ Registered suppliers/ Reputed manufacturers from Odisha registered under appropriate authority for **"Supply of Laboratory Equipment, Glassware & Chemicals for FSTPs in Berhampur Municipal Corporation"**. The detailed terms & conditions are available at our office website www.berhampur.gov.in. The last date of receipt of Quotation in this office by 03.05.2025 17:00 Hrs and will be opened on 05.05.2025 at 11:30 Hrs. in the office of undersigned. The Authority reserves the right to accept or reject any Quotation without assigning any reason thereof.

Sd./- Commissioner, Berhampur Municipal Corporation
OIPR-13035/11/0046/2526

## Government of Odisha
## Home (SGH) Department
## TENDER CALL NOTICE
No. SGH(S)-26/2025. 1566 /SGH - Dt 19.04.2025

**No.D-24** : Sealed tenders are invited from reputed registered Suppliers/Wholesalers having legal existence for supply of Grocery, Toilet, Sanitary & Housekeeping materials etc. for a period of six months for the year 2025-26 from the date of commencement of the agreement. The interested Suppliers/Wholesalers shall furnish their bids in original **on or before 30.04.2025** with all credentials/documents as per the terms and conditions of the tender document. The tender documents can be obtained from the Reception counter, State Guest House on payment of **Rs.100/- (Rupees One Hundred)** only by cash **from 10.30 A.M. to 5.00 P.M. of 28.04.2025.**

The terms and conditions of the tender document can also be accessed from our website **www.homeodisha.gov.in**. The undersigned reserves the right to accept / reject any offer without assigning any reason thereof.

Manager
SGH-cum-Joint Secy. to Govt.
OIPR-12063/11/0001/2526

## ବ୍ରହ୍ମପୁର ମହାନଗର ନିଗମ
ବିଜ୍ଞପ୍ତି ପତ୍ର ସଂଖ୍ୟା: 5628 ତା 17.04.2025

### ମଳ ଉପଚାର କେନ୍ଦ୍ରର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀଙ୍କ ପାଇଁ ଅଭିବ୍ୟକ୍ତି ପ୍ରକାଶନ

No.C-132:- ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମ୍ଏସ୍‌ଜି / ଏଏଲ୍ଏଫ୍ / ସିଏଲ୍ଏଫ୍ / ଟି.ଜି. ଟ୍ରାନ୍ସଜେଣ୍ଡର) ଗୋଷ୍ଠୀମାନଙ୍କଠାରୁ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଥିବା ମଳ ଉପଚାର କେନ୍ଦ୍ର (ଏଫ୍ଏସ୍‌ଟିପି)ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ଆହ୍ୱାନ କରାଯାଉଛି ।

ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା (ମୋହୁଡା ଏବଂ ଶିତଳାପଲ୍ଲୀ)ଠାରେ ମଳ ଉପଚାର କେନ୍ଦ୍ର (ଏଫ୍ଏସ୍‌ଟିପି)ର ପରିଚାଳନା ପାଇଁ ୦୧ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମ୍ଏସ୍‌ଜି / ଏଏଲ୍ଏଫ୍ / ସିଏଲ୍ଏଫ୍ / ଟି.ଜି. ଟ୍ରାନ୍ସଜେଣ୍ଡର)ମାନଙ୍କଠାରୁ ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ସଂଲଗ୍ନ ସର୍ତ୍ତାବଳୀ ମୁତାବକ ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ସମ୍ପୃକ୍ତ ମହାନଗର ନିଗମର ସିଙ୍ଗଲ୍ ୱିଣ୍ଡୋ (Single Window)ରେ ତା 03.05.2025 ଅପରାହ୍ନ ୫ ଘଟିକା ସୁଦ୍ଧା ପକାଇବା ଆବଶ୍ୟକ । ମୁଦା ଲଫାପା ଉପରେ ସମ୍ପୃକ୍ତ ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମ୍ଏସ୍‌ଜି / ଏଏଲ୍ଏଫ୍ / ସିଏଲ୍ଏଫ୍ / ଟି.ଜି. ଟ୍ରାନ୍ସଜେଣ୍ଡର) ଗୋଷ୍ଠୀର ନାମ ଓ ଠିକଣା ଲିପିବଦ୍ଧ ରହିବା ଆବଶ୍ୟକ ।

| କ୍ରମିକ ସଂଖ୍ୟା | ମଳ ଉପଚାର କେନ୍ଦ୍ରର ନାମ ଏବଂ ଠିକଣା | କ୍ଷମତା | କେଉଁ ୱାର୍ଡ ଆବେଦନ କରିପାରିବେ |
|---|---|---|---|
| ୧ | ମଳ ଉପଚାର କେନ୍ଦ୍ର, ମହୁଡା, ବ୍ରହ୍ମପୁର – ୧ (SeTP - I) | ୪୦ ହଜାର ଲିଟର ଦିନକୁ | ୱାର୍ଡ – ୧ରୁ ୨୧ |
| ୨ | ମଳ ଉପଚାର କେନ୍ଦ୍ର, ଶୀତଳାପଲ୍ଲୀ, ବ୍ରହ୍ମପୁର – ୨ (SeTP - II) | ୬୦ ହଜାର ଲିଟର ଦିନକୁ | ୱାର୍ଡ – ୨୨ରୁ ୪୨ |

ଅଧିକ ବିବରଣୀ ପାଇଁ www.berhampur.gov.in ଲିଙ୍କ୍ ଜରିଆରେ ଯାଞ୍ଚ କରନ୍ତୁ କିମ୍ବା ମହାନଗର ନିଗମ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ସ୍ୱା./- ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ
OIPR-13035/11/0044/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର କେରଳ ବ୍ଲାଷ୍ଟର୍ସ ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ସୁପର୍‌କପ୍ ଫୁଟ୍‌ବଲ ମ୍ୟାଚ୍। (ଫଟୋ: ବିକାଶ ନାୟକ)

# ଅମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶ ବିରୋଧରେ କୋର୍ଟ ଯିବେ ଆଝାରୁଦ୍ଦିନ

**ନୂଆଦିଲ୍ଲୀ, ୨୦।୪ (ପି.ଟି.)**

ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡରୁ ଆଝାରୁଦ୍ଦିନଙ୍କ ନାମ ହଟାଇବାକୁ ହାଇଦ୍ରାବାଦ୍ କ୍ରିକେଟ୍ ଆସୋସିଏଶନ (ଏଚ୍‌ସିଏ)ର ଓମ୍ବୁଡସ୍‌ମ୍ୟାନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିବା ଲାଗି ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ଯୋଜନା କରୁଛନ୍ତି।

ଏଚ୍‌ସିଏର ସଦସ୍ୟ ଲର୍ଡ୍ସ କ୍ରିକେଟ କ୍ଲବ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ ଆଧାରରେ ଏଚ୍‌ସିଏର ଏଥିକ୍ସ ଅଧିକାରୀ ଥିବା ଅବସରପ୍ରାପ୍ତ ଜଷ୍ଟିସ ଭି. ଈଶ୍ୱରେୟା ଏଭଳି ନିଷ୍ପତ୍ତି ନେଇଛନ୍ତି। ଲର୍ଡ୍ସ କ୍ରିକେଟ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନରେ ଦର୍ଶାଯାଇଥିଲା, ୨୦୧୯ ଡିସେମ୍ବରରେ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡକୁ ଆଝାରୁଦ୍ଦିନଙ୍କ ନାମରେ ନାମିତ କରିବା ଲାଗି ନିଷ୍ପତ୍ତି ନିଆଗଲା ବେଳେ ଭାରତର ପୂର୍ବତନ ଅଧିନାୟକ ଏଚ୍‌ସିଏର ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରୀ ପରିଷଦରେ ବସିଥିଲେ। ଏଥିଯୋଗୁ ସେ ଏଚ୍‌ସିଏର ନିୟମ ଭଙ୍ଗ କରିଥିଲେ। ମୁଁ ନିଶ୍ଚିତ ଭାବେ ଆଇନର ବାଟ ଆପଣେଇବି ଏବଂ ଓମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଲାଗି ହାଇକୋର୍ଟରେ ଆବେଦନ କରିବି।

# ସ୍ୱିଟେକ୍‌ଙ୍କୁ ପୁଣି ହରାଇଲେ ଓଷ୍ଟାପେଙ୍କୋ

**ଷ୍ଟଟଗାର୍ଟ, ୨୦।୪ (ଏପି):** ଜେଲେନା ଓଷ୍ଟାପେଙ୍କୋ ପୁଣି ଥରେ ଇଗା ସ୍ୱିଟେକ୍‌ଙ୍କୁ ହରାଇ ଦେଇଛନ୍ତି। ପୋର୍ସଚେ ଗ୍ରାଁ ପ୍ରି କୋର୍ଟ ଟେନିସ ଟୁର୍ନାମେଣ୍ଟର ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ସେ ବିଶ୍ୱର ୨ନମ୍ବର ଖେଳାଳି ସ୍ୱିଟେକ୍‌ଙ୍କୁ ୬-୩, ୩-୬, ୬-୨ରେ ହରାଇ ଦେଇଛନ୍ତି। ଫଳରେ ୪ଥର ଫ୍ରେଞ୍ଚ ଓପନ ଚାମ୍ପିୟନଙ୍କ ବିପକ୍ଷରେ ତାଙ୍କର ବିଜୟ ରେକର୍ଡ ୬-୦କୁ ବୃଦ୍ଧି ପାଇଛି। ସେମିଫାଇନାଲରେ ସେ ଏକାଟରିନା ଆଲେକ୍ସ ଆନ୍ଦ୍ରୋଭାଙ୍କୁ ଭେଟିବେ। ଏକାଟରିନା ତୃତୀୟ ସିଡ୍ ଜେସିକା ପେଗୁଲାଙ୍କୁ ୬-୦, ୬-୪ରେ ପରାସ୍ତ କରିଛନ୍ତି। ଶେଷରେ ବିଶ୍ୱର ଏକ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଆରିନା ସାବାଲେଙ୍କା ଷ୍ଟଟଗାର୍ଟରେ ତାଙ୍କ ପ୍ରଥମ ମ୍ୟାଚ ଖେଳିଛନ୍ତି। ସେ ତାଙ୍କୁ ପୂର୍ବତନ ଡବଲ୍ସ ପାର୍ଟନର ଜେସିକା ପେଗୁଲାଙ୍କୁ ୬-୦, ୬-୪ରେ ହରାଇ ଦେଇଛନ୍ତି। ସାବାଲେଙ୍କାଙ୍କୁ ପ୍ରଥମ ରାଉଣ୍ଡରେ ବାଇ ମିଳିଥିବା ବେଳେ ଦ୍ୱିତୀୟ ରାଉଣ୍ଡରେ ୱାକ୍‌ଓଭର ମିଳିଥିଲା। ସେ ତାଙ୍କ ପୂର୍ବତନ ଡବଲ୍ସ ପାର୍ଟନର ଏଲିସ୍ ମର୍ଟେନ୍ସଙ୍କୁ ୬-୪, ୬-୧ରେ ପରାସ୍ତ କରିଛନ୍ତି।

# ଟଙ୍କଧର ଫାଓ ସଭାପତି ନିର୍ବାଚିତ

**ଭୁବନେଶ୍ୱର, ୨୦।୪ (ତପନ ସ୍ୱାଇଁ)**

ବିଧାୟକ ଟଙ୍କଧର ତ୍ରିପାଠୀ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ନୂଆ ସଭାପତି ହୋଇଛନ୍ତି। ପୂର୍ବତନ ସଭାପତି ସମିର ଦେଙ୍କ ପରଲୋକ ପରେ ଏହି ସ୍ଥାନ ଫାଙ୍କା ରହିଥିଲା। ସଭାପତି ନିର୍ବାଚନ ପାଇଁ ରବିବାର ଓଡ଼ିଶା କ୍ରିକେଟ ଆସୋସିଏଶନ କନ୍‌ଫରେନ୍ସ ହଲ୍‌ରେ ଫାଓର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଟଙ୍କଧର ନିର୍ବିବାଦରେ ସଭାପତି ନିର୍ବାଚିତ ହୋଇଥିଲେ। ଉପେନ୍ଦ୍ର କୁମାର ଦାସ ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଫାଓ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ବୈଠକରେ ସଭାପତିତ୍ୱ କରିଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ନୂଆ ସଭାପତିଙ୍କୁ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି, ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଟଙ୍କଧରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଫାଓର ନୂଆ ସଭାପତି ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**କୋଲକାତା ବନାମ ଗୁଜରାଟ**
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### କଳିଙ୍ଗ ସୁପର କପ୍

(ଆଜିର ମ୍ୟାଚ)
**ଏଫ୍‌ସି ଗୋଆ ବନାମ ଗୋକୁଲମ କେରଳ**
ସମୟ: ଅପରାହ୍ନ ୪.୩୦
**ଓଡ଼ିଶା ଏଫ୍‌ସି ବନାମ ପଞ୍ଜାବ ଏଫ୍‌ସି**
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ଦୁବେ, ଜାଡେଜାଙ୍କ ଅର୍ଦ୍ଧଶତକ

**ମୁମ୍ବାଇ, ୨୦।୪**

ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୭୬ ରନ କରିଛି। ଶିବମ ଦୁବେ ଓ ରବୀନ୍ଦ୍ର ଜାଡେଜା ଅର୍ଦ୍ଧଶତକ ହାସଲ କରି ଚେନ୍ନାଇକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଛନ୍ତି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ଦୁଇ ଓପନର ରାଚିନ ରବୀନ୍ଦ୍ର ଓ ଶେକ୍ ରଶିଦଙ୍କ ଉଇକେଟ ଶୀଘ୍ର ହରାଇଥିଲା। ମାତ୍ର ୧୭ ବର୍ଷରେ ଆଇପିଏଲ୍ ପଦାର୍ପଣ କରିଥିବା ଆୟୁଷ ମାହାତ୍ରେ ୧୫ ବଲ୍‌ରୁ ୩୨ (୪ ଚୌକା, ୨ ଛକା) ରନ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ମିଡିଲ ଅର୍ଡରରେ ଦୁବେ ଓ ଜାଡେଜା ଅର୍ଦ୍ଧଶତକ ହାସଲ କରିବାରୁ ଚେନ୍ନାଇ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିବାରେ ସକ୍ଷମ ହୋଇଥିଲା। ଦୁବେ ୩୨ ବଲ୍‌ରୁ ୫୦ (୨ ଚୌକା, ୪ ଛକା) ରନକରି ଆଉଟ ହୋଇଥିବାବେଳେ ଜାଡେଜା ୫୩ (୩୫ ବଲ, ୪ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୨ଟି ଏବଂ ଦୀପକ ଚହର, ଅଶ୍ୱିନୀ କୁମାର ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ୨୦ ଓଭରରେ ୧୭୬/୫ (ରବୀନ୍ଦ୍ର ଜାଡେଜା-୫୩*, ଶିବମ ଦୁବେ-୫୦, ଆୟୁଷ ମାହାତ୍ରେ-୩୨, ଯଶପ୍ରୀତ୍ ବୁମ୍‌ରା-୨/୨୫, ଦୀପକ ଚହର-୧/୩୨, ଅଶ୍ୱିନୀ କୁମାର-୧/୪୨, ମିଚେଲ ସାଣ୍ଟନର-୧/୧୪)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୯୮୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୦୮୮ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |


# Classified Everyday
0674-2580101, 9692975378



REAL ESTATE

**SALE**

**Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ୍-୨ ନିକଟରେ ଘରବାରୀ ପ୍ଲଟ୍ 1250/sqft. ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496.** D-238

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261





For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377





**Full body massage experience, good looking therapist @999 (Bhubaneswar). 9078484455.** D-152

Positively health benefited SPA by expert female therapist, Bapujinagar. 8328803811. D-76909

Full body massage by experience therapist with homely atmosphere. 9114559860. D-76910

Full body massage by odia therapist in homely Atmosphere. 9556498382. D-75380

**LOST**

I, RIMSHA MAHAPATRA, aged about 18 years, D/o- Purna Chandra Mahapatra of Vill- P.O.- Kandasar, P.S.- Nalconagar, Dist.- Angul, do here with inform you that my Original Class-X, Mark Sheet was lost on 13.04.2025 at around 6.00 P.M. at Xerox Shop, Nalco- Cooperative Market Complex at Nalconagar, Angul. D-237

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

ଆମ୍ଭେ ଶ୍ରୀମତୀ ମୀନା ମଲ୍ଲିକ, ଆଲିଆସ୍ ମୀନା, ବୟସ ୬୬ ବର୍ଷ, ସ୍ୱାମୀ Late ନାଗମଣି ମଲ୍ଲିକ । ମୋର ସମସ୍ତ Office କାର୍ଯ୍ୟାଳୟରେ ମୋର ସ୍ୱାମୀଙ୍କ ନାମ ଅବସ୍ଥାପିତ ହୋଇଅଛି, କିନ୍ତୁ ମୋର ଆଧାର କାର୍ଡରେ ସ୍ୱାମୀଙ୍କ ନାମ ପରିବର୍ତ୍ତେ ପିତାଙ୍କ ନାମ ରହିଅଛି। ତେଣୁ ମୁଁ ଘୋଷଣା କରୁଛି କି, ଆଧାର କାର୍ଡରେ ମୋର ପିତାଙ୍କ ନାମ ଉଚ୍ଛେଦ କରାଯାଇ ତା' ପରିବର୍ତ୍ତେ ମୋର ସ୍ୱାମୀଙ୍କ ନାମ ଅନ୍ତର୍ଭୁକ୍ତ କରାଯାଉ।
ଆପଣଙ୍କର ବିଶ୍ୱସ୍ତ ମୀନା ମଲ୍ଲିକ, ଆଲିଆସ୍ ମୀନା
ଧ-୨୪୦

By virtue of an affidavit sworn before Executive Magistrate, Bonth, dated 05. 04. 2025, I, Rinarani Malik (35 yrs), W/o- Arjun Malik, Vill: Kumbhakaral, P.O.- Padhanpada, P.S.- Bonth, Dist.- Bhadrak, PIN- 756114, Odisha declare that I have changed my daughter's name from Adyasha Mallick to Adyasha Malik and Date of Birth from 25.01.2012 to 26.01.2012. Henceforth, she shall be known as Adyasha Malik for all purposes. D-242

Affidavit No.- 503/11.03.2025, sworn before in the Court of Sri R.N.Maharana, Executive Magistrate, Delang, I, DAMODAR JENA, ALIAS DAMA JENA, ALIAS DAMBARUDHAR JENA, aged about 81 years, S/o- Late Paramananda Jena of Village- Sauria Samil Kuapada, P.O.- Ghoradia, P.S.- Delang, Dist.- Puri, Aadhaar No.- xxxx xxxx 4451, do hereby declare that my self Damodar Jena, Dama Jena and Dambarudhar Jena, S/o- Paramananda Jena of above said address is one and same person in our locality. D-236

By virtue of an affidavit sworn before Executive Magistrate, Bhadrak, dated 17.04.2025, I, Parbati Prava Bal, W/o- Aparti Charan Bal, Vill/P.O.- Ghatapur, P.S.- Chandabali, Dist.- Bhadrak, PIN- 756131, Odisha declare that I have changed my name from Parbati Bal to Parbati Prava Bal. Henceforth, I shall be known as Parbati Prava Bal for all purposes. D-241


# ଡୋପିଂରେ ସହଯୋଗ ପାଇଁ କୋଚ୍ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୦।୪ (ପି.ଟି.)**

ଡୋପିଂରେ ସହଯୋଗିତା ପାଇଁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଦ୍ୱାରା ଜାତୀୟ ଜୁନିୟର ଦଳର ମୁଖ୍ୟ କୋଚ୍ ରମେଶ ନାଗ୍‌ପୁରୀ ସସ୍‌ପେଣ୍ଡ ହୋଇଛନ୍ତି। ୭ଜଣ ଆଥ୍‌ଲେଟଙ୍କୁ ଡୋପ୍ ଟେଷ୍ଟରୁ ଏଡାଇବାରେ ସେ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ଭାରତୀୟ ଆଥ୍‌ଲେଟିକ୍ସରେ ଚହଳ ସୃଷ୍ଟି କରିଛି। ସହଯୋଗିତା ଏବଂ ନିଷିଦ୍ଧ ଦ୍ରବ୍ୟ ପ୍ରୟୋଗ ପାଇଁ ଅନ୍ୟ ଦୁଇ ଜଣ କୋଚ୍ କରମବୀର ସିଂ ଓ ରାକେଶ ମଧ୍ୟ ସସ୍‌ପେଣ୍ଡ ହୋଇଛନ୍ତି। ନାଡା ଦ୍ୱାରା ସଦ୍ୟ ପ୍ରକାଶିତ ଡୋପ୍ ଅପରାଧୀ ତାଲିକାରେ ସସ୍‌ପେଣ୍ଡ ହୋଇଥିବା ୭ ଆଥ୍‌ଲେଟଙ୍କ ନାମ ପ୍ରକାଶ ପାଇଛି। ସେମାନେ ହେଲେ ପାରସ ସିଂଘଲ, ପୂଜାରାଣୀ, ନାଲୁବୋଥୁ ଶନମୁଗା ଶ୍ରୀନିବାସ, ଚେଲିମି ପ୍ରତ୍ୟୁଷା, ଶୁଭମ୍ ମାହାରା, କିରଣ ଓ ଜ୍ୟୋତି। ୧୯ବର୍ଷୀୟ ସିଂଘଲ ୨୦୨୪ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବାଳକ ୨,୦୦୦ମିଟର ଷ୍ଟିପଲଚେଜ୍‌ରେ ହରିୟାଣା ପାଇଁ ସ୍ୱର୍ଣ୍ଣ ଜିତିଥିଲେ। ଶ୍ରୀନିବାସ ଫେଡେରେଶନ କପ୍, ଜାତୀୟ-ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ ଓ ନ୍ୟାଶନାଲ ଓପନ ୨୦୨୪ରେ ୨୦୦ମିଟର ଇଭେଣ୍ଟରେ ଗୋଟିଏ ଲେଖାଏ ରୌପ୍ୟ ଜିତିଥିଲେ। ନାଗପୁରୀ ହେଉଛନ୍ତି ଜଣେ ଜଣାଶୁଣା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ଦ୍ୱାରା ୨୦୨୩ରେ ହାଇଦ୍ରାବାଦସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ସେ ଜୁନିୟର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କୁ ନାଡାର ଆଣ୍ଟି ଡୋପିଂ ନିୟମ ୨୦୨୧ର ଧାରା ୨.୯ ଅନୁଯାୟୀ ନିଲମ୍ବିତ କରାଯାଇଛି। ଖବର ଅନୁସାରେ ନାଗପୁରୀ ଦୁଇଜଣ ଆଥ୍‌ଲେଟଙ୍କୁ ସାଇ ହାଇଦ୍ରାବାଦ ସେଣ୍ଟରରେ ନାଡା ଦ୍ୱାରା ପଠାଯାଇଥିବା ଦୁଇଜଣ ଡୋପ୍ ନମୁନା ସଂଗ୍ରହ ଅଧିକାରୀଙ୍କୁ ଏଡ଼ାଇବାରେ ସହଯୋଗ କରିଥିଲେ। ସେ ଟପ୍ ସ୍ପ୍ରିଣ୍ଟର ଓ ମହିଳା ୧୦୦ମିଟର ଜାତୀୟ ରେକର୍ଡଧାରୀ ଦୂତୀ ଚାନ୍ଦଙ୍କ ବ୍ୟତୀତ ୨୦୨୪ ପାରାଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ଓ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ(୪୦୦ମିଟର ଟି୨୦ କ୍ଲାସିଫିକେଶନ) ଦୀପ୍ତି ଜୀବନୀଙ୍କ ଭଳି ଆଥ୍‌ଲେଟଙ୍କୁ କୋଚିଂ ଦେଇଛନ୍ତି। ନାଗପୁରୀଙ୍କୁ ଏ ବିଷୟରେ ପଚରାଯିବାରେ ସେ କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଛନ୍ତି।

# ଗିଲ୍‌ଙ୍କୁ ୧୨ଲକ୍ଷ ଜରିମାନା

**ଅହମଦାବାଦ, ୨୦।୪ (ପି.ଟି.)**


ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲ୍‌କୁ ୧୨ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ୍‌ରେ ଏକ ସ୍ଲୋ ଓଭର ରେଟ୍ ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଏଥିରେ ଜୋସ୍ ବଟଲରଙ୍କ ଅପରାଜିତ ୯୭ରନ ସହାୟତାରେ ଗୁଜରାଟ ୨୦୪ରନର ବିଜୟ ଲକ୍ଷ୍ୟକୁ ୪ଟି ବଲ୍ ବାକିଥାଇ ହାସଲ କରିନେଇଥିଲା। ଆଇପିଏଲ୍ ଆଚରଣ ବିଧିର ଧାରା ୨.୨୨ ଅଧୀନରେ ତାଙ୍କ ଦଳର ଏହା ହେଉଛି ପ୍ରଥମ ଅପରାଧ। ପୂର୍ବରୁ ପେସ୍ ବୋଲର ପ୍ରସିଦ୍ଧ କ୍ରିଷ୍ଣା (୪/୪୧)ଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ସ୍କୋରକୁ ୨୦୩/୮ରେ ସୀମିତ କରି ଦେଇଥିଲା ଗୁଜରାଟ।

# ସୁନୀତା ଉଇଲିୟମ୍ସଙ୍କ ସ୍ମରଣୀୟ ଅନ୍ତରୀକ୍ଷ ଯାତ୍ରା


ନିକୁଞ୍ଜ ବିହାରୀ ସାହୁ

''ସୁନୀତା ଓ ୱିଲମୋର୍ ମହାକାଶରେ ନିଜର ସମ୍ପ୍ରସାରିତ ରହଣିକାଳ ମଧ୍ୟରେ ଖାଲି ନ ବସି ମହାକାଶରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରିବା ସହିତ ସ୍ପେସ ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ। ଏ ପରୀକ୍ଷାଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା ମହାକାଶର ଭାରଶୂନ୍ୟ ପରିସ୍ଥିତିରେ ମନୁଷ୍ୟର ସହନଶୀଳତା, ଯାହା ପରବର୍ତ୍ତୀ ସମୟରେ ମହାକାଶରେ ମଣିଷର ସ୍ଥାୟୀ ବସତି ସ୍ଥାପନର ଯୋଜନାରେ ସହାୟକ ହେବ। ପୂର୍ବରୁ ସୁନୀତାଙ୍କର ମହାକାଶରେ ୩୦୦ରୁ ଊର୍ଦ୍ଧ୍ୱ ଦିନ ଅବସ୍ଥାନ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଅଂଶଗ୍ରହଣ କରିବାର ଦୀର୍ଘ ଅନୁଭୂତି ରହିଥିଲା।''

ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ଉଇଲିୟମ୍ସ ୨୦୨୪ ମସିହା ଜୁନ୍ ୫ ତାରିଖ ଦିନ ଆମେରିକୀୟ କମ୍ପାନୀ ବୋଇଙ୍ଗର 'ଷ୍ଟାରଲାଇନର୍' ଅନ୍ତରୀକ୍ଷ ଯାନରେ ପୃଥିବୀକୁ ପ୍ରଦକ୍ଷିଣ କରୁଥିବା ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇ.ଏସ୍. ଏସ୍.) କୁ ଯାତ୍ରା କରିଥିଲେ। ତା'ଙ୍କ ସହିତ ଅନ୍ୟ ଜଣେ ମହାକାଶଯାତ୍ରୀ ଥିଲେ ବୁଚ୍ ୱିଲମୋର୍। ମାତ୍ର ଯାନର ଇଞ୍ଜିନରୁ ହିଲିୟମ ଲିକ୍ ଘଟି ଯାନର ସମୁଦାୟ ୨୮ ଥ୍ରଷ୍ଟର୍‌ରୁ ୫ଟିରେ ତ୍ରୁଟି ପରିଲକ୍ଷିତ ହେବାରୁ ଇଞ୍ଜିନର ତାପମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଫଳରେ ଯାନର ତାପନିରୋଧକ ଟେଫଲୋନ ଆବରକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଥିଲା, ଯାହା ପ୍ରତ୍ୟାବର୍ତ୍ତନ ସମୟରେ ବାୟୁମଣ୍ଡଳ ମଧ୍ୟରେ ଘର୍ଷଣ ଜନିତ ପ୍ରଚଣ୍ଡ ତାପମାତ୍ରାରୁ ଯାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ଆହୁରି ମଧ୍ୟ ଯାନରୁ ନିର୍ଗତ ଗ୍ୟାସର ବେଗ ହ୍ରାସ ପାଇ ଏହାର ଦିକ୍-ଚାଳନା ଓ ନିୟନ୍ତ୍ରଣ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଥିଲା। ସୁତରାଂ ଷ୍ଟାରଲାଇନର୍‌ର ସେହି ଅନ୍ତରୀକ୍ଷ ଯାନରେ ମହାକାଶଚାରୀମାନଙ୍କୁ ନିରାପଦରେ ପୃଥିବୀ ଫେରାଇ ଆଣିବାରେ ସମସ୍ୟା ଉପୁଜିଥିଲା। ସେମାନଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ନେଇ ଘୋର ଅନିଶ୍ଚିତତା ପ୍ରକାଶ ପାଇଥିଲା। ଯେହେତୁ ନାସା ନିକଟରେ ସେମାନଙ୍କୁ ତୁରନ୍ତ ପୃଥିବୀ ଫେରାଇ ଆଣିବା ନିମନ୍ତେ କୌଣସି ମହାକାଶଯାନ କିମ୍ବା ଯୋଜନା ନଥିଲା ସେ ଦୁହେଁ ମହାକାଶଚାରୀ ସେହି ଦିନଠୁଁ ସ୍ପେସ ଷ୍ଟେଶନରେ ଦୀର୍ଘ ଦିନ ଅଟକି ରହିଥିଲେ। ଚଳିତ ବର୍ଷ ଗତ ମାର୍ଚ୍ଚ ୧୮ ତାରିଖରେ ଉଭୟ ମହାକାଶଚାରୀଙ୍କୁ ଶିଳ୍ପପତି ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ ଏକ୍ସର ଏକ ମହାକାଶ ଯାନ 'କ୍ରୁ-୯' ଜରିଆରେ ସଫଳତାର ସହ ପୃଥିବୀ ପୃଷ୍ଠକୁ ଫେରାଇ ଅଣାଯାଇଛି।



**ନାସାର ବିରଳ ଇତିହାସ:** ନାସାର ଏହି ଅଭିଯାନ ଅନ୍ତରୀକ୍ଷ ଯାତ୍ରା କ୍ଷେତ୍ରରେ ଏକକାଳୀନ ଦୁଇଟି ଯାନ ବ୍ୟବହାର କରିବା ଦୃଷ୍ଟିରୁ ଏକ ବିରଳ ଇତିହାସ ରଚନା କରିଛି। ସାଧାରଣତଃ ଯେଉଁ ଯାନ ମହାକାଶଚାରୀଙ୍କୁ ନେଇ ଅନ୍ତରୀକ୍ଷ ଯାତ୍ରା କରିଥାଏ ସେହି ଯାନ ହିଁ ମହାକାଶଚାରୀଙ୍କୁ ନେଇ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଥାଏ। ମାତ୍ର ଏ କ୍ଷେତ୍ରରେ ମହାକାଶଚାରୀଙ୍କୁ ନେଇ ବୋଇଙ୍ଗର 'ଷ୍ଟାରଲାଇନର୍' ଯାନ ଯାଇଥିଲାବେଳେ ସେମାନଙ୍କୁ ପୃଥିବୀକୁ ଫେରାଇ ଆଣିବାରେ ଅନ୍ୟ ଏକ ମହାକାଶ ଯାନ ସ୍ପେସ୍ ଏକ୍ସର 'କ୍ରୁ-୯' ର ସହାୟତା ନିଆଯାଇଥିଲା।

**ଅନ୍ତରୀକ୍ଷରେ ମନୁଷ୍ୟର ଦୀର୍ଘଦିନ ରହଣି:** ତେବେ ପ୍ରଶ୍ନ ହେଉଛି: ଦୀର୍ଘ ୯ ମାସ କାଳ ଅଟକି ରହିଥିବା ମହାକାଶଚାରୀଙ୍କ ରହଣିସ୍ଥଳୀ ସ୍ପେସ୍ ଷ୍ଟେଶନରେ ଏତେଦିନ ପାଇଁ ଖାଦ୍ୟ, ପାନୀୟ ଜଳ, ଔଷଧ ଆଦି ଅତ୍ୟାବଶ୍ୟକ ପଦାର୍ଥ ମହଜୁଦ ଥିଲା କି? ଉତ୍ତର 'ହଁ, ଥିଲା' ବୋଲି ଧରାଯିବ; କାରଣ ନିୟମିତ ସମୟ ବ୍ୟବଧାନରେ ଉଭୟ ରୁଷିଆ ଓ ଆମେରିକାର ମହାକାଶଯାନଗୁଡ଼ିକ ପୃଥିବୀରୁ ବିଭିନ୍ନ ଯୋଗାଣ ସାମଗ୍ରୀ ବହନ କରି ସ୍ପେସ୍ ଷ୍ଟେଶନ ସହିତ ସଂଲଗ୍ନ ହୋଇଥାନ୍ତି। ନିକଟରେ ରୁଷିଆର ଏକ ମାଲବାହୀ ଯାନ ପ୍ରୋଗ୍ରେସ-୨୮ ବୈକାନୁର ଅନ୍ତରୀକ୍ଷ କେନ୍ଦ୍ରରୁ ଉତ୍କ୍ଷେପଣ ହୋଇ ପ୍ରାୟ ୩ ଟନ୍ ଓଜନର ଖାଦ୍ୟସାମଗ୍ରୀ ଓ ଯନ୍ତ୍ରପାତି ନେଇ ସ୍ପେସ୍ ଷ୍ଟେଶନରେ ପହଞ୍ଚି ଥିଲା। ସେହିପରି ସ୍ପେସ୍-ଏକ୍ସ କମ୍ପାନୀର ଅନ୍ୟ ଏକ ଯାନ 'ସିଗ୍ନସ' ନିଜର ଫାଲ୍କନ -୯ ରକେଟ ଜରିଆରେ ଫ୍ଲୋରିଡ଼ାର କାନାଭେରାଲ କେନ୍ଦ୍ରରୁ ଉତ୍କ୍ଷେପଣ ହୋଇ ପ୍ରାୟ ୮୨୦୦ ପାଉଣ୍ଡ ଓଜନର ଖାଦ୍ୟସାମଗ୍ରୀ, ପାନୀୟ ଜଳ, ଔଷଧ ଓ ଯନ୍ତ୍ରପାତି ନେଇ ସ୍ପେସ ଷ୍ଟେଶନ୍‌ରେ ସଂଲଗ୍ନ ହୋଇଥିଲା। ସେଗୁଡ଼ିକ ଫେରନ୍ତା ପଥରେ ସ୍ପେସ ଷ୍ଟେଶନରୁ ସଂଗୃହୀତ ଯାତ୍ରୀମାନଙ୍କ ବର୍ଜ୍ୟବସ୍ତୁ ଓ ଆବର୍ଜନା ସାଙ୍ଗରେ ଧରି ପୃଥିବୀକୁ ଫେରିଛନ୍ତି। ଫେରନ୍ତା ଯାତ୍ରାବେଳେ ଏହି ଆବର୍ଜନାସବୁକୁ ପୃଥିବୀକୁ ନଆଣି ମହାକାଶରେ ନିରାପଦ ଭାବେ ଫିଙ୍ଗି ଦିଆଯାଏ, ଯାହା ସମୟକ୍ରମେ ପୃଥିବୀ ଆଡକୁ ଗତିକରି ପୃଥିବୀର ବାୟୁମଣ୍ଡଳ ଘର୍ଷଣଜନିତ ତାତିରେ ସମ୍ପୂର୍ଣ୍ଣ ଜଳିଯିବ। ମହାକାଶଚାରୀମାନଙ୍କ ସୁଖଦ ରହଣି ନିମନ୍ତେ ସ୍ପେସ ଷ୍ଟେଶନରେ ଜିମ୍ ସମେତ ଅନେକ ସୁବିଧା ଉପଲବ୍ଧ ଅଛି। ଏହି ଜିମ୍‌ରେ ସେମାନେ ନିୟମିତ ବ୍ୟାୟାମ କରି ନିଜ ଶରୀରକୁ ଫିଟ ରଖି ପାରିବେ। ସ୍ପେସ୍ ଷ୍ଟେଶନରେ ମଧ୍ୟ ଟେଲିଭିଜନର ସୁବିଧା ରହିଛି, ଯେଉଁଥିରେ ସେମାନେ ନିଜ ମନମୁତାବକ ଚଳଚ୍ଚିତ୍ର ଦେଖିପାରିବେ। ଏହାଛଡା ସେଠାରେ ମଧ୍ୟ ମ୍ୟୁଜିକ ସିଷ୍ଟମ, ଡିଭିଡି ପ୍ଲେୟର୍, ୱାଇ ଫାଇ ଜରିଆରେ ଇଣ୍ଟରନେଟ ସେବା ଯୋଗାଣ ତଥା ଡିଜିଟାଲ ଲାଇବ୍ରେରିର ମଧ୍ୟ ସୁବିଧା ଅଛି, ଯାହା ଦ୍ୱାରା ମହାକାଶଯାତ୍ରୀମାନେ ମହାକାଶରେ ଦୀର୍ଘ ଦିନ ରହଣିକାଳ ମଧ୍ୟରେ ମନୋରଞ୍ଜନ ଦ୍ୱାରା ନିଜର ମାନସିକ ସ୍ୱାସ୍ଥ୍ୟ ବଜାୟ ରଖି ପାରିବେ।

ସୁନୀତା ଓ ୱିଲମୋର୍ ମହାକାଶରେ ନିଜର ସମ୍ପ୍ରସାରିତ ରହଣିକାଳ ମଧ୍ୟରେ ଖାଲି ନ ବସି ମହାକାଶରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରିବା ସହିତ ସ୍ପେସ ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ। ଏ ପରୀକ୍ଷାଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା ମହାକାଶର ଭାରଶୂନ୍ୟ ପରିସ୍ଥିତିରେ ମନୁଷ୍ୟର ସହନଶୀଳତା, ଯାହା ପରବର୍ତ୍ତୀ ସମୟରେ ମହାକାଶରେ ମଣିଷର ସ୍ଥାୟୀ ବସତି ସ୍ଥାପନର ଯୋଜନାରେ ସହାୟକ ହେବ। ପୂର୍ବରୁ ସୁନୀତାଙ୍କର ମହାକାଶରେ ୩୦୦ରୁ ଊର୍ଦ୍ଧ୍ୱ ଦିନ ଅବସ୍ଥାନ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଅଂଶଗ୍ରହଣ କରିବାର ଦୀର୍ଘ ଅନୁଭୂତି ରହିଥିଲା।

**ସୁନୀତାଙ୍କ ଜୀବନ ଓ ଯାତ୍ରା :** ସୁନୀତା ଉଇଲିୟମ୍ସ ୧୯୬୫ ମସିହା ସେପ୍ଟେମ୍ବର ୧୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ଓହିଓ ପ୍ରଦେଶର ୟୁକ୍ଲିଡଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତା ଦୀପକ ପାଣ୍ଡିଆ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିବା ଜଣେ ଭାରତୀୟ, ଯିଏ ବୃତ୍ତିରେ ଜଣେ ସ୍ନାୟୁ ଡାକ୍ତର ଥିଲେ। ସେ ଗୁଜରାଟ ରାଜ୍ୟର ମେହେସେନା ଜିଲାର ବାସିନ୍ଦା ଥିଲେ। ତାଙ୍କ ମାଆ ୱିସିଲିନ ବୋନି ପାଣ୍ଡିଆ ଆମେରିକା ନାଗରିକତ୍ୱ ଗ୍ରହଣ କରିଥିବା ସ୍ଲୋଭାନିଆ ଦେଶର ଜଣେ ମହିଳା ଥିଲେ। ତାଙ୍କର ପରିବାର ମାସାଚ୍ୟୁସେଟସ ରାଜ୍ୟର ଫାଲମାଉଥଠାରେ ବାସ କରୁଥିଲେ। ସେ ମାତାପିତାଙ୍କର ତିନି ଭାଇ ଭଉଣୀଙ୍କ ମଧ୍ୟରୁ ସବୁଠାରୁ କନିଷ୍ଠ ସଦସ୍ୟା ଥିଲେ। ଆମେରିକାରେ ତାଙ୍କର ଡାକ ନାମ ଥିଲା 'ସୁନି'।

ସୁନୀତାଙ୍କର ପିଲାଦିନରୁ ବିଜ୍ଞାନ ଓ ସାହସିକତା କ୍ଷେତ୍ରରେ ଗଭୀର ଆଗ୍ରହ ଥିଲା। ସୁନୀତା ୧୯୮୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ନୌସେନା ଏକାଡେମୀରୁ ପଦାର୍ଥ ବିଜ୍ଞାନ ବିଷୟରେ ଶିକ୍ଷା ଗ୍ରହଣ କରି ସ୍ନାତକ ଡିଗ୍ରୀ ଲାଭ କରିଥିଲେ। ପରବର୍ତ୍ତୀ ୧୯୯୫ ମସିହାରେ ସେ ଫ୍ଲୋରିଡା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ଇଞ୍ଜିନିୟରିଂ ପରିଚାଳନା ବିଷୟରେ ଅଧ୍ୟୟନ କରି ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। (କ୍ରମଶଃ...)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ନିୟମିତ ଯୋଗ କରୁଥିଲେ...



ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବାରେ ବ୍ୟାୟାମ ସହ ଯୋଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ନିଜ ଶରୀର ପ୍ରତି ଅଧିକ ଯତ୍ନଶୀଳ ହେବାର ସମୟ ଆସିଛି। କାରଣ ଦିନକୁ ଦିନ ବିଭିନ୍ନ ରୋଗର ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଉଦ୍ଭାବନ ହେଉଛି- ଏକଥା ସତ, ହେଲେ ସେପଟେ କେତେକ ରୋଗ ସେମାନଙ୍କର କାୟା ବିସ୍ତାର କରିଚାଲିଛନ୍ତି। ତେଣୁ ଶରୀରକୁ ଫିଟ୍ ରଖିବା ପାଇଁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ମଧ୍ୟ ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ନିୟମିତ ଯୋଗ କଲେ ଭଲ ନିଦ ହୁଏ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହାର ଭୂମିକା ରହିଛି। ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ଶାନ୍ତ ମନରେ ଯୋଗ କରନ୍ତୁ।

## ବିଳମ୍ବରେ ଉଠିବା ଓ ଆଲଜିମର୍ସ ସମସ୍ୟା



ପ୍ରତିଦିନ ଠିକ୍ ସମୟରେ ଶୋଇବା ଏବଂ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଓ ସକାଳୁ ବିଳମ୍ବରେ ଉଠିଥାନ୍ତି। ଏହା ମଧ୍ୟ କେତେକଙ୍କର ଅଭ୍ୟାସରରେ ପରିଣତ ହୋଇଯାଇଥାଏ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁମାନେ ପ୍ରତିଦିନ ସକାଳେ ଡେରିରେ ଉଠିଥାନ୍ତି ଭବିଷ୍ୟତରେ ସେମାନେ ଆଲଜିମର୍ସ ପରି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହି ଗବେଷଣାରେ ସାମିଲ ଥିବା କେତେକ ବ୍ୟକ୍ତିମାନଙ୍କ ଉପରେ ତନ୍ନ ତନ୍ନ କରି ପରୀକ୍ଷା କରିବା ପରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତ ଦେଇଛନ୍ତି। ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏଥିଯୋଗୁ 'ଆମ୍‌ଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ମସ୍ତିଷ୍କରେ ବୃଦ୍ଧିପାଏ, ଯାହା ଭବିଷ୍ୟତରେ ଆଲଜିମର୍ସ ରୋଗର ରୂପ ନେଇପାରେ। ଏହାବ୍ୟତୀତ ମସ୍ତିଷ୍କ ଏବଂ ଏହା ସହ ଯୋଡ଼ି ହୋଇ ରହିଥିବା ସ୍ନାୟୁଗୁଡ଼ିକ ଶରୀର ପାଇଁ ଆବଶ୍ୟକ ମାତ୍ରାର କାର୍ଯ୍ୟ କରିବାର କ୍ଷମତାରେ ତାରତମ୍ୟତା ଦେଖିବାକୁ ମିଳିଥାଏ। ତେଣୁ ଆମେ ଠିକ୍ ସମୟରେ ଶୋଇବା ସହ ଠିକ୍ ସମୟରେ ଉଠିବା ଦରକାର।

## ପାଟିରେ ଘା' ହୋଇଥିଲେ...



ପାଟିରେ ଘା' ହେବାର ଅନେକ କାରଣ ରହିଛି। ଏଭଳି ସମସ୍ୟା ଦେଖାଦେଲେ ତାହାକୁ କଦାପି ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ଯଦି ଏହି ଘା' ଦୀର୍ଘ ଦିନ ଧରି ଭଲ ନ ହୁଏ, ତେବେ ତାହା କ୍ୟାନ୍‌ସରରେ ରୂପାନ୍ତରିତ ହେବାର ଆଶଙ୍କା ରହିଛି। ତେଣୁ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। ଯେତେବେଳେ ଶରୀରରେ ଭିଟାମିନ୍ ବି ଯୁକ୍ତ ଉପାଦାନ (ବି-୧, ବି-୨, ବି-୩ ଏବଂ ବି-୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ଶରୀରରେ ଜଳୀୟ ଅଂଶ ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ଆମେ ଖାଦ୍ୟ ଖାଇବା ସହ ଆବଶ୍ୟକ ମୁତାବକ ପାଣି ପିଇବା ଆବଶ୍ୟକ। ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ମଧ୍ୟ ପାଟିରେ ଘା' ସୃଷ୍ଟି ହୋଇଥାଏ। ନିଶାଦ୍ରବ୍ୟ ପ୍ରତିଦିନ ସେବନ କଲେ ପାଟିରେ ଘା' ହୋଇ ଏହା କ୍ୟାନ୍‌ସରରେ ପରିଣତ ହୁଏ। ତେବେ ଏଥିରୁ ରକ୍ଷା ପାଇବାକୁ ହେଲେ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ୍ୟ ଦୂରେଇ ରୁହନ୍ତୁ। ଏହା ସତ୍ତ୍ୱେ ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଜାଣି ରଖନ୍ତୁ

- ଯେଉଁ ବ୍ୟକ୍ତିମାନଙ୍କର ନିଶାଦ୍ରବ୍ୟ ସେବନ ଏକ ନିୟମିତ ଅଭ୍ୟାସରେ ପରିଣତ ହୋଇଯାଇଛି ସେମାନେ ହାର୍ଟ ଆଟାକ୍‌ର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହା ମଧ୍ୟ ରକ୍ତଚାପକୁ ଅସନ୍ତୁଳିତ ରଖିଥାଏ। ତେଣୁ ଏଭଳି ଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ।
- ଅଧିକ ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଏହା ଶରୀରରେ କୋଲେଷ୍ଟରଲ୍ ସ୍ତରକୁ ବଢ଼ାଇଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଅନ୍ତୁ। ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି।
- ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।



## ସ୍ୱାସ୍ଥ୍ୟ ସୂଚନା

➤ଖାଇସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଂଚାଳନ ଉପରେ ପ୍ରଭାବ ପକାଏ।



➤ମଧୁମେହ କିମ୍ବା ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ହୋଇଥାଏ।

➤ଦାନ୍ତଜନିତ ସମସ୍ୟାରୁ ରକ୍ଷା ପାଇବା ପାଇଁ ଦିନକୁ ଦୁଇ ଥର-ସକାଳେ ଏବଂ ରାତ୍ର ଭୋଜନ ପରେ ଭଲ ଭାବରେ ବ୍ରଶ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।

➤ପ୍ରତିଦିନ ସକାଳୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ସକ୍ରିୟ କରିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ଉପଶମ ଦେଇଥାଏ।

➤ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➤ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରହିବା ଭଲ।

# ଜଳ ସଂରକ୍ଷଣ



ବିରାଟ ରାଜା ପଧାନ

''ଯଦି ଆମେ ଜଳ ସଂରକ୍ଷଣରେ ହେଳା କରିବା ତାହେଲେ ଜଳକ୍ଲିଷ୍ଟତା ଧୀରେ ଧୀରେ ସମଗ୍ର ପୃଥିବୀକୁ ନିଶ୍ଚିତ ଭାବରେ କବଳିତ କରିବ। ମଣିଷକୁ ଆଗାମୀ ଦିନରେ ଜଳର ମହାସଙ୍କଟ ଦେଇ ଯିବାକୁ ପଡ଼ିବ। ତାହେଲେ ଆସନ୍ତୁ, ଆମେ ସମସ୍ତେ ସତର୍କ ହେବା ଓ ଜଳ ସଂରକ୍ଷଣରେ ସହଭାଗୀ ହେବା। ଦିଲ୍ଲୀ, ଚେନ୍ନାଇ ଭଳି ଆମ ଦେଶର ପ୍ରାୟ ୨୧ଟି ସହରରେ ଭୂତଳ ଜଳର ସ୍ତର ଅତ୍ୟନ୍ତ ଶୋଚନୀୟ ଭାବରେ ହ୍ରାସ ପାଉଛି ଓ ଏହା ଯଦି ଆହୁରି ହ୍ରାସ ପାଏ ତାହେଲେ ସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି।''

ଆମେ ଜାଣୁ ଯେ ଜଳ ହିଁ ଜୀବନ। ଜଳ ବିନା ମଣିଷ ବଞ୍ଚିବା ଅସମ୍ଭବ। ଆମ ସମସ୍ତଙ୍କ ଗୋଟିଏ ଧାରଣା ଧରାପୃଷ୍ଠ ଜଳମୟ। କିନ୍ତୁ ପୃଥିବୀର ସମୁଦାୟ ଜଳର ୯୭ ପ୍ରତିଶତ ଜଳ ମହାସାଗରରେ ଅଛି, ଯାହା ବ୍ୟବହାର ଉପଯୋଗୀ ନୁହେଁ। ମାତ୍ର ତିନି ଭାଗ ଜଳ ହେଉଛି ମଧୁର ଜଳ, ଯାହାକୁ ଆମେ ନିତ୍ୟ ବ୍ୟବହାର କରିପାରିବା। ସେହିପରି ଆମ ଦେଶରେ ଭୂତଳ ଜଳ ସବୁ ଅଞ୍ଚଳରେ ସମାନ ଅନୁପାତରେ ନାହିଁ। କେଉଁଠି ମାତ୍ର କେଇ ଫୁଟ ଗଭୀରରେ ଅଛି ତ ଆଉ କେଉଁଠି ଶହ ଶହ ଫୁଟ ଗଭୀର ଖନନ କଲେ ମଧ୍ୟ ଜଳ ବୁନ୍ଦାଏ ନାହିଁ। ଏ ଦୃଷ୍ଟି କୋଣରୁ ସବୁ ଅଞ୍ଚଳରେ ଜଳ ସଂରକ୍ଷଣ ଓ ଏହାର ସୁପରିଚାଳନା ଅତ୍ୟନ୍ତ ଜରୁରୀ ମନେ ହୁଏ।

ଆମ ଦେଶରେ ଆମେ ଯଦି ପାନୀୟ ଜଳର ସ୍ଥିତିକୁ ଆକଳନ କରିବା ତାହେଲେ ଏହା ଅତ୍ୟନ୍ତ ଶୋଚନୀୟ ଅଟେ। ବର୍ତ୍ତମାନ ଆମ ଦେଶରେ ପାନୀୟ ଜଳର ସଙ୍କଟ କେବଳ ସହରାଞ୍ଚଳ ବା ବସ୍ତି ବାସିନ୍ଦାମାନଙ୍କ ପାଇଁ ନୁହେଁ ବରଂ ଏହା ଅନେକ ଗାଁରେ ମଧ୍ୟ ଦେଖାଯାଉଛି। ବିଶେଷ ଭାବରେ ଗ୍ରୀଷ୍ମ ଋତୁରେ ଏହାର ସଙ୍କଟ ଅଧିକରୁ ଅଧିକ ଗାଁ ଓ ସହରକୁ ପ୍ରସାରିତ ହୁଏ। ଏପରିକି ପାନୀୟ ଜଳ ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେଲେ ଯାଇ ଲୋକେ ପାନୀୟ ଜଳ ପାଉଛନ୍ତି।

ଆଗକାଳରେ ଲୋକେ ବର୍ଷାଜଳ ସଂରକ୍ଷଣ କରିବା ପାଇଁ ସ୍ୱଚ୍ଛଳ ଲୋକ ତଥା ଗାଁର ଗୌନ୍ତିଆ, ଜମିଦାରମାନେ ନିଜେ ନିଜେ ବନ୍ଧ, ପୋଖରୀ ଖୋଳୁଥିଲେ। ପରେ କୃଷିକାର୍ଯ୍ୟ ତଥା ଗାଧୁଆ ପାଧୁଆ କରିବା ପାଇଁ ମଧ୍ୟ ଜଳ ବ୍ୟବହାର କରାଗଲା। ବର୍ଷାଜଳ ସଂରକ୍ଷଣ ପାଇଁ ବହୁବିଧ ପଦ୍ଧତି ଅବଲମ୍ବନ କରାଯାଉଥିଲେ ମଧ୍ୟ ଆମେ ତାକୁ ଯଥେଷ୍ଟ ପରିମାଣରେ ପାଳନ କରୁନାହୁଁ। ଏପରିକି ଜଳ ସଂରକ୍ଷଣ ପ୍ରତି ଆମେ ଆଦୌ ଧ୍ୟାନ ଦେଉ ନାହୁଁ କହିଲେ ଚଳେ। ଆମ ପାଇଁ କେତେ ଜଳ ମୁଣ୍ଡ ପିଛା ଅଛି ,ଏହାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଯେଉଁ ଅଞ୍ଚଳର ଜନସଂଖ୍ୟା ଯେତେ ବେଶି ସେହି ଅଞ୍ଚଳରେ ଜଳର ପରିମାଣ ସେତିକି କମ୍। ଭାରତ ସରକାରଙ୍କ ଜଳ ଜୀବନ ମିଶନର ଏକ ଆକଳନ ଅନୁସାରେ ଜଣାଯାଏ ଯେ ଆମ ଦେଶରେ ମୁଣ୍ଡ ପିଛା ଜଳର ପରିମାଣ କ୍ରମାଗତ ଭାବରେ କମିବାରେ ଲାଗିଛି। ଦେଶରେ ମୁଣ୍ଡପିଛା ଜଳର ପରିମାଣ ୨୦୦୧ ମସିହାରେ ୧୮୧୬ କ୍ୟୁବିକ ମିଟର ଥିବାବେଳେ ୨୦୧୧ ମସିହାରେ ୧୫୪୫ କ୍ୟୁବିକ ମିଟରକୁ କମିଆସିଛି। ଏହାର ପରିମାଣ ୨୦୩୧ ମସିହା ସୁଦ୍ଧା ୧୩୬୭ କ୍ୟୁବିକ ମିଟରକୁ କମିବାର ସମ୍ଭାବନା ରହିଛି। ତେବେ ଏ କ୍ଷେତ୍ରରେ ଜନସଂଖ୍ୟା ବୃଦ୍ଧି ଯେତେ ପରିମାଣରେ ଦାୟୀ ତାଠୁ ଅଧିକ ଜନସଚେତନତାର ଅଭାବ ବୋଲି ବିଚାର କରାଯାଏ।



ଜଳ ଜୀବନ ମିଶନର ଏକ ତଥ୍ୟ ଅନୁସାରେ ଆମ ଦେଶରେ ଥିବା ସହରାଞ୍ଚଳରେ ଆମକୁ ପ୍ରତ୍ୟହ ମୁଣ୍ଡପିଛା ୧୩୫ ଲିଟର ଓ ଗ୍ରାମାଞ୍ଚଳରେ ୫୫ ଲିଟର ଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେ ହିଁ କେବଳ ଜଳ ବ୍ୟବହାର କରିବା। ଏହାର ସୁପରିଚାଳନା ଆମର ଦାୟିତ୍ୱ ହେବା ଆବଶ୍ୟକ। ଯଦି ପ୍ରତ୍ୟେକ ବ୍ୟକ୍ତି ଦୈନିକ ୧୦ ଲିଟର ଜଳ ସଂରକ୍ଷଣ କରିପାରିବେ ତାହେଲେ ଏହା ଆମ ଦେଶର ବିକାଶ ଓ ଅଭିବୃଦ୍ଧିରେ ଅନେକ ପରିମାଣରେ ସହାୟକ ହେବ। ଆମେ କେଉଁ ପଦ୍ଧତିରେ ଜଳ ସଂରକ୍ଷଣ କରିପାରିବା ଆସନ୍ତୁ ସଂକ୍ଷେପରେ ଜାଣିବା।

-ଆମେ ଗାଧୋଉଥିବା ଜଳର ପରିମାଣରୁ ପ୍ରତ୍ୟହ ୧ ରୁ ୫ ଲିଟର କମ କରିପାରିବା।

-ଆମେ ଦୈନିକ ଲୁଗାଧୁଆ ପାଇଁ ଆବଶ୍ୟକ ମୁତାବକ ଜଳ ବ୍ୟବହାର କରନ୍ତୁ। ତା'ସହ ଶୌଚ ସମୟରେ ଅଯଥା ଜଳ ନଷ୍ଟ କରନ୍ତୁ ନାହିଁ। ଏଥିରୁ ବଳକା ଜଳକୁ ଆମ ବଗିଚାରେ ଦେଲେ ଦୈନିକ ୧୦ ରୁ ୨୦ ଲିଟର ଜଳ ସଂରକ୍ଷଣ ହେବ।

-ଆମେ ଘରେ ଯଦି ସବୁ ସମୟରେ ଆମର ପାଇପ ଓ ନଳକୁ ଠିକ୍ ରଖିବା ତାହେଲେ ଦୈନିକ ଅନ୍ତତଃ ୨ ରୁ ୫ ଲିଟର ଜଳ ସଂରକ୍ଷଣ କରିପାରିବା।

-ଆମେ ଦାନ୍ତ ଘଷିବା, ହାତ ଧୋଉଥିବା ସମୟରେ, ବାସନକୁସନ ମାଜିବା ବେଳେ ଯଦି ଠିକ୍ ଭାବରେ ଟ୍ୟାପ୍‌ର ପରିଚାଳନା କରାଯାଏ, ତାହେଲେ ଅନ୍ତତଃ ଦିନକୁ ୨ ରୁ ୩ ଲିଟର ଜଳ ସଂରକ୍ଷଣ କରିପାରିବା।

-କେବଳ ଆମେ ସତର୍କ ହେଲେ ପ୍ରତିଦିନ ୧୦ ଲିଟର ଜଳ ନିଶ୍ଚୟ ସଂରକ୍ଷଣ କରିପାରିବା।

ଯଦି ଆମେ ଜଳ ସଂରକ୍ଷଣରେ ହେଳା କରିବା ତାହେଲେ ଜଳକ୍ଲିଷ୍ଟତା ଧୀରେ ଧୀରେ ସମଗ୍ର ପୃଥିବୀକୁ ନିଶ୍ଚିତ ଭାବରେ କବଳିତ କରିବ। ମଣିଷକୁ ଆଗାମୀ ଦିନରେ ଜଳର ମହାସଙ୍କଟ ଦେଇ ଯିବାକୁ ପଡ଼ିବ। ତାହେଲେ ଆସନ୍ତୁ, ଆମେ ସମସ୍ତେ ସତର୍କ ହେବା ଓ ଜଳ ସଂରକ୍ଷଣରେ ସହଭାଗୀ ହେବା। ଦିଲ୍ଲୀ, ଚେନ୍ନାଇ ଭଳି ଆମ ଦେଶର ପ୍ରାୟ ୨୧ଟି ସହରରେ ଭୂତଳ ଜଳର ସ୍ତର ଅତ୍ୟନ୍ତ ଶୋଚନୀୟ ଭାବରେ ହ୍ରାସ ପାଉଛି ଓ ଏହା ଯଦି ଆହୁରି ହ୍ରାସ ପାଏ ତାହେଲେ ସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି। ଆମେ ଯଦି ସମସ୍ତେ ପରିବେଶର ସୁରକ୍ଷା, ବୃକ୍ଷ ରୋପଣ ତଥା ଜଳ ସଂରକ୍ଷଣ ଦିଗରେ ପ୍ରୟାସ କରିବା ତାହେଲେ ହିମବାହ ସଂରକ୍ଷଣ ନିଶ୍ଚୟ ହେବ।

-ବେଙ୍କମୁରା, ପଣ୍ଡରି, ବନହରପାଲି, ଝାରସୁଗୁଡ଼ା
ମୋ: ୯୪୩୯୯୮୯୯୪୧

# ପଞ୍ଜାବକୁ ହରାଇ ପ୍ରତିଶୋଧ ନେଲା ଆର୍‌ସିବି

**ଚଣ୍ଡିଗଡ଼, ୨୦।୪**

ପଞ୍ଜାବ କିଙ୍ଗ୍ସଠାରୁ ପରାଜୟର ଗୋଟିଏ ଦିନପରେ ସମାନ ପ୍ରତିଦ୍ୱନ୍ଦ୍ୱିକୁ ହରାଇ ମଧୁର ପ୍ରତିଶୋଧ ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ୫ ଉଇକେଟରେ ପରାଜିତ ହୋଇଥିବା ଆରସିବି ରବିବାର ୭ ଉଇକେଟରେ ପଞ୍ଜାବକୁ ପରାସ୍ତ କରିଛି। ମୁଲାନପୁରର ସ୍ଲୋ ପିଚ୍‌ରେ ପଞ୍ଜାବ ୨୦ ଓଭରରେ ୬ ଉଇକେଟ ହରାଇ ୧୫୭ ରନ କରିଥିବାବେଳେ ଆରସିବି ୭ଟି ବଲ୍ ବାକିଥାଇ ୧୮.୫ ଓଭରରେ ୩ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରି ନେଇଛି। ବିରାଟ କୋହଲି ଅପରାଜିତ ରହିବା ସହ ମ୍ୟାଚ ବିଜୟୀ ଇନିଂସ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହିତ ଚଳିତ ସିଜନରେ ବାହାର ପରିବେଶରେ ଆରସିବିର ବିଜୟ ଧାରା ଅପରିବର୍ତ୍ତିତ ରହିଛି। ଘରୋଇ ପରିବେଶରେ ଦଳ ଏହାର ୩ଟି ଯାକ ମ୍ୟାଚ ହାରିଛି। ୮ ମ୍ୟାଚରୁ ୫ମ ବିଜୟ ସହ ଆରସିବି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ପଞ୍ଜାବ ୮ ମ୍ୟାଚରୁ ତୃତୀୟ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଭଲ ଓପନିଂ କରିଥିଲେ ହେଁ ସମ୍ମାନଜନକ ସ୍କୋର କରିପାରି ନ ଥିଲା। କାରଣ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଦୁଇ ଓପନର ପ୍ରୀୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ଯଥାକ୍ରମେ ୨୨ ଓ ୩୩, ମିଡିଲ ଅର୍ଡରରେ ଜୋଶ ଇଙ୍ଗଲିଶ ୨୯ ରନକରି ଆଉଟ ହୋଇଥିଲେ। ଶଶାଙ୍କ ସିଂ ୩୩ ଓ ମାର୍କୋ ଜାନସେନ ୨୫ ରନରେ ଅପରାଜିତ ରହିବାରୁ ଦଳର ସ୍କୋର ୧୫୦ ଅତିକ୍ରମ କରିଥିଲା। ଆରସିବି ବୋଲରଙ୍କ

**ବିରାଟ କୋହଲିଙ୍କ ମ୍ୟାଚ ବିଜୟୀ ଇନିଂସ**


ବିରାଟ କୋହଲି

ମଧ୍ୟରେ କୃନାଲ ପାଣ୍ଡ୍ୟା ଓ ସୂୟାସ ଶର୍ମା ୨ଟି ଲେଖାଏ ଓ ରୋମାରିଓ ଶେଫର୍ଡ ଗୋଟିଏ ଉଇକେଟ ନେଇଥିଲେ।

୧୫୮ ରନ ବିଜୟ ଲକ୍ଷ୍ୟରେ ଆରସିବି ମାତ୍ର ୬ ରନରେ ଫିଲ୍ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ବିରାଟ କୋହଲି ଓ ଦେବଦତ୍ତ ପଡିକାଲ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି (୬୯ ବଲ୍‌ରୁ ୧୦୩ ରନ) ଗଢ଼ି ଦଳକୁ ବିଜୟୀ କରିଥିଲେ। ପଡିକାଲ ୩୫ ବଲ୍‌ରୁ ୬୧ (୫ ଚୌକା, ୪ ଛକା) ରନକରି ଆଉଟ ହୋଇଥିବାବେଳେ କିଙ୍ଗ୍ କୋହଲି ୫୪ଟି ବଲ୍‌ର ସମ୍ମୁଖୀନ ହୋଇ ୭୩ (୭ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ, ହରପ୍ରୀତ ବ୍ରାର ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୫୭/୬ (ପ୍ରଭସିମରନ ସିଂ-୩୩, ଶଶାଙ୍କ ସିଂ-୩୧*, ଜୋଶ ଇଙ୍ଗଲିଶ-୨୯, ମାର୍କୋ ଜାନସେନ-୨୫*, କୃନାଲ ପାଣ୍ଡ୍ୟା-୨/୨୫, ସୂୟାଶ ଶର୍ମା-୨/୨୬, ରୋମାରିଓ ଶେଫର୍ଡ-୧/୧୮)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮.୫ ଓଭରରେ ୧୫୯/୩ (ବିରାଟ କୋହଲି-୭୩*, ଦେବଦତ୍ତ ପଡିକାଲ-୬୧, ଅର୍ଶଦୀପ ସିଂ-୧/୨୬, ହରପ୍ରୀତ ବ୍ରାର-୧/୨୭, ୟୁଜବେନ୍ଦ୍ର ଚହଲ-୧/୩୬)।

## କୋହଲିଙ୍କ ଆଉ ଏକ ରେକର୍ଡ

ଆଇପିଏଲ୍‌ର ରବିବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ୭୩ ରନରେ ଅପରାଜିତ ରହିବା ସହ କୋହଲି ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଆଇପିଏଲ୍‌ରେ ସର୍ବାଧିକ ୫୦+ ରନ ସ୍କୋର କରିବାରେ ଡେଭିଡ ୱାର୍ନରଙ୍କ ରେକର୍ଡ ଭାଙ୍ଗିଛନ୍ତି। ୮ଟି ଶତକକୁ ମିଶାଇ କୋହଲି ୬୭ଥର ୫୦+ ରନ ସ୍କୋର କରି ଏହି ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଛନ୍ତି। ୱାର୍ନର ୪ଟି ଶତକକୁ ମିଶାଇ ୬୬ଥର ୫୦+ ରନ ସ୍କୋର କରି ରେକର୍ଡର ଅଧିକାରୀ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଖର ଧାୱନ ୨ଟି ଶତକ ସହ ୫୩, ରୋହିତ ଶର୍ମା ୨ଟି ଶତକ ସହିତ ୪୫, ଲୋକେଶ ରାହୁଲ ୪ଟି ଶତକ ସହ ୪୩ ଓ ଏବି ଡିଭିଲର୍ସ ୩ ଶତକ ସହିତ ୪୩ଥର ୫୦+ ରନ ସ୍କୋର କରିଛନ୍ତି।

# ପ୍ରତି ଜିଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ


ଆଭାସୀ ମାଧ୍ୟମରେ ଖେଲୋ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୦।୪ (ଅନାଦି କର)**

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସଶକ୍ତ କରିବା ଲାଗି ଓଡ଼ିଶା ସରକାର ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଭାରତ ସରକାରଙ୍କ ଯୁବ ସେବା ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଯୁବ ସେବା ଓ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି, ରାଜ୍ୟର ପ୍ରତ୍ୟେକ ଜିଲାରେ ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା।

ଏହି ସମସ୍ତ କେନ୍ଦ୍ରରେ ଫୁଟବଲ, ଭଲିବଲ, ହକି, ଆଥ୍‌ଲେଟିକ୍ସ, ଖୋ-ଖୋ, କବାଡି ଭଳି ବିଭିନ୍ନ କ୍ରୀଡ଼ା ଲାଗି ଅତ୍ୟାଧୁନିକ ବ୍ୟବସ୍ଥା ଓ ଆଥ୍‌ଲେଟଙ୍କୁ କ୍ୱାଲିଟି ପ୍ରଶିକ୍ଷଣ ଯୋଗାଇବା ବ୍ୟବସ୍ଥା କରାଯାଇଛି। ଆଥ୍‌ଲେଟଙ୍କ ବିକାଶ ଲାଗି ଆବଶ୍ୟକ ଥିବା ସମସ୍ତ ପ୍ରକାର ସୁବିଧା ସମସ୍ତ କେନ୍ଦ୍ରରେ ଉପଲବ୍ଧ କରାଯିବ। ଖେଲୋ ଇଣ୍ଡିଆ କେନ୍ଦ୍ରର ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଜିଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ନିର୍ମାଣ କରାଯାଇଛି। ଏହା କେବଳ ଏକ ଭିତ୍ତିଭୂମି ପ୍ରକଳ୍ପ ନୁହେଁ। କିନ୍ତୁ ଆମ ଗାଁ ଓ ସହରରୁ ପରବର୍ତ୍ତୀ ପିଢ଼ିର କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ ଓ ପ୍ରଶିକ୍ଷଣ ପ୍ରଦାନ କରିବାର ଏହା ଏକ ମିଶନ। ପେସାଦାର ସ୍ପୋର୍ଟ୍ସ କୋଚିଂରୁ ଦୂରରେ ଥିବା ବିଚ୍ଛିନ୍ନାଞ୍ଚଳର ପିଲାଙ୍କୁ ଏହି କେନ୍ଦ୍ରଗୁଡ଼ିକ ସମାନ ସୁଯୋଗ ପ୍ରଦାନ କରିବ। ରାଜ୍ୟର ୩୦ ଜିଲାର ସ୍କୁଲରେ ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ କରାଯାଇଛି। ପ୍ରତି କେନ୍ଦ୍ର ଲାଗି ବାର୍ଷିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ବିଭିନ୍ନ ଇଭେଣ୍ଟର ଅତୀତର ଚାମ୍ପିୟନଙ୍କୁ ସ୍ୱଚ୍ଛତାର ସହ କୋଚ୍ ଭାବେ ନିଯୁକ୍ତ କରାଯିବ। କ୍ରୀଡ଼ାରେ କ୍ୟାରିୟର କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ଲାଗି ଏହି କେନ୍ଦ୍ରଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଁ ଆଶାବାଦୀ। ଏହି କେନ୍ଦ୍ରଗୁଡ଼ିକ ତୃଣମୂଳ ସ୍ତରରେ ପ୍ରଶିକ୍ଷଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି କେନ୍ଦ୍ରଗୁଡ଼ିକରେ ମୁଖ୍ୟତଃ ଅଲିମ୍ପିକ୍ସରେ ସାମିଲ ଥିବା ସ୍ପୋର୍ଟ୍ସ ଇଭେଣ୍ଟ ଉପରେ ଧ୍ୟାନ ଦିଆଯିବ। ଆଗାମୀ ସମୟରେ ସ୍କୁଲଗୁଡ଼ିକ ଆଥ୍‌ଲେଟିକ ଉତ୍କୃଷ୍ଟତାର ଆଞ୍ଚଳିକ ହବ୍ସରେ ପରିଣତ ହେବ, ଯେଉଁଥିରୁ ଜିଲା, ରାଜ୍ୟ ଓ ଜାତୀୟ ଦଳ ପାଇଁ ଖେଳାଳି ବାହାରିବେ। ଏହି କେନ୍ଦ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳା, ଦଳୀୟ ଏକତା ଓ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି କରିବ। ଆଦିବାସୀ ସମ୍ପ୍ରଦାୟ ଓ ବିଚ୍ଛିନ୍ନାଞ୍ଚଳରୁ କ୍ରୀଡ଼ା ପ୍ରତିଭା ଚିହ୍ନଟ କରିବାରେ ଏହି ଯୋଜନା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଖେଲୋ ଇଣ୍ଡିଆ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିବାରୁ ଭବିଷ୍ୟତରେ ଅଲିମ୍ପିକ୍ସ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦେଶର ପ୍ରତିନିଧିତ୍ୱ କରିବା ଲାଗି ରାଜ୍ୟ ଅନେକ ଚାମ୍ପିୟନ ପ୍ରସ୍ତୁତ କରିପାରିବ ବୋଲି ଆମେ ଆଶା ରଖିଛୁ।



FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: RAYAGADA: MMG TVS: 7894471604, JEYPORE: HINDUSTAN TVS: 8763999922, 9583111111. Authorised Dealers: MUNIGUDA:9583860028, BISHAMKETAK:7978406095, AMBODALA:9937693996, NABARANGPUR:7008803779 BALIMELA:9938414027, GOVINDAPALLI:6370277289, KALIMELA:7684072556, UMERKOTE:9937060382 KOTPAD:7008549433, MALKANGIRI:9437215287, SIMILIGUDA :9438222684, BODIGUMMA:9937651399 PAPADAHANDI:9777522522, JHARIGOAN:9777655520, JAIPATNA:9178236679, RAIGHAR:7682004105 KUNDRA:8480287974, KORAPUT:9938882860, LAMTAPUT:7008272319, LAXMIPUR:8090909705.
dentsu/dha ray/03/25

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ